

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୧୧୩ ● ୨୪ ମଇ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-113 ● 24th May 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଛୁଟି ଦିନରେ ଅଫିସ୍ କାର୍ଯ୍ୟ କଲେ ମୁଖ୍ୟମନ୍ତ୍ରୀ

# ୧୫ଦିନରେ ତୃତୀୟଥର ପାଇଁ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା

ଭୁବନେଶ୍ୱର, ୨୩।୫
ନ୍ୟୁଜ୍ ବ୍ୟୁରୋ

ମାତ୍ର ୧୫ଦିନ ମଧ୍ୟରେ ତୃତୀୟଥର ପାଇଁ ପୁଣିଥରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ଆଇନଶୃଙ୍ଖଳାର ସ୍ଥିତି ଦିନକୁ ଦିନ ବିଗୁଡ଼ିଥିବା ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶନିବାର ଛୁଟିଦିନରେ ଖାରବେଳ ଭବନଠାରେ ଆଇନଶୃଙ୍ଖଳା ପରିସ୍ଥିତି ଓ ଶିଳ୍ପାୟନ ପ୍ରସଙ୍ଗରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି।

ସୂଚନା ଅନୁସାରେ, ଶନିବାର ଖାରବେଳ ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟ ସରକାର ନିଜର ଦୁଇ ବର୍ଷ ପୂରଣ କରିବାକୁ ଯାଉଥିବା ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ ଓ ବିଭିନ୍ନ ସରକାରୀ ଯୋଜନାର ସଫଳ କ୍ରିୟାନ୍ୱୟନ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହା ସହିତ ରାଜ୍ୟରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଶିଳ୍ପାୟନ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ଏବଂ ଆଗାମୀ ଦିନ ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା କିଭଳି ହେବ, ସେ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି।



ରାଜ୍ୟର ବିକାଶ ପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ଅତି ଜରୁରୀ। ତେଣୁ ପୁଲିସ ପ୍ରଶାସନ ଅଧିକ ଦକ୍ଷତା, ସ୍ୱଚ୍ଛତା ଓ ସତର୍କତାର ସହିତ କାର୍ଯ୍ୟ କରିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆଣିବା ପାଇଁ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଇଥିବା ବାସ୍ତବବାଦୀ ନିର୍ଦ୍ଦେଶାବଳୀର ଅନୁପାଳନ *(ପୃଷ୍ଠା ୭ରେ)*

## ବିଧାୟକ ରାଜା ସ୍ୱାଇଁଙ୍କ ଉପରକୁ ଆକ୍ରମଣ : କାର୍ଯ୍ୟାନୁଷ୍ଠାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର, ୨୩।୫
ନ୍ୟୁଜ୍ ବ୍ୟୁରୋ

ଆଠଗଡ଼ ବିଧାୟକ ରାଜା ସ୍ୱାଇଁଙ୍କ ଉପରକୁ ଆକ୍ରମଣ ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ନବୀନ ଘଟଣାକୁ ନେଇ ଉଦ୍‌ବେଗ ଜଣାଇବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ନବୀନ ତାଙ୍କ ଚିଠିରେ ଲେଖିଛନ୍ତି *(ପୃଷ୍ଠା ୭ରେ)*

## ପ୍ରଧାନମନ୍ତ୍ରୀଙ୍କୁ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ସାକ୍ଷାତ

# ସୁରକ୍ଷା ଓ ବାଣିଜ୍ୟ ପ୍ରସଙ୍ଗରେ ଆଲୋଚନା

ନୂଆଦିଲ୍ଲୀ, ୨୩।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମିଳିଛି ହ୍ୱାଇଟ ହାଉସକୁ ନିମନ୍ତ୍ରଣ। ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଶନିବାର ନୂଆଦିଲ୍ଲୀରେ ମୋଦୀଙ୍କୁ ଭେଟିବା ପରେ ଏପରି ନିମନ୍ତ୍ରଣ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ମୋଦୀଙ୍କୁ ହ୍ୱାଇଟ ହାଉସକୁ ରୁବିଓ ନିମନ୍ତ୍ରଣ କରିଥିବା ସୂଚନା ଦେଇଛନ୍ତି। ସେହିପରି ରୁବିଓଙ୍କ ସହ ମୋଦୀ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଓ ବାଣିଜ୍ୟ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡ଼ିଛି।

ରୁବିଓ ଶନିବାର ଠାରୁ ୩ ଦିନିଆ ଭାରତ ଗସ୍ତରେ ଆସିଛନ୍ତି। ଶନିବାର ପ୍ରଥମ ଦିନରେ ସେ ମୋଦୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଇରାନ ଯୁଦ୍ଧ ମଧ୍ୟରେ ୨ ଦେଶ ଶକ୍ତି ଠାରୁ ଆରମ୍ଭ କରି ବାଣିଜ୍ୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କଥା ହୋଇଛନ୍ତି।

ଆମେରିକା ରାଷ୍ଟ୍ରଦୂତ ସେରଗିଓ ଗୋର ମଧ୍ୟ ରୁବିଓଙ୍କ ସହ ମୋଦୀଙ୍କୁ ଭେଟିଛନ୍ତି। ସେ କହିଛନ୍ତି, ଆଲୋଚନା ଇଣ୍ଡୋ-ପ୍ୟାସିଫ ଉପରେ ମଧ୍ୟ ରହିଛି। ଏଠାରେ ଚାଇନା ନିଜର ଶକ୍ତି ବୃଦ୍ଧି କରିବାକୁ ଚାହୁଁଛି। ଚାଇନାକୁ ଏହି ଅଞ୍ଚଳରେ କାଉଣ୍ଟର କରିବା ପାଇଁ ଆମେରିକା ସର୍ବଦା ଭାରତକୁ ବିକଳ୍ପ ଭାବେ ଦେଖି ଆସିଛି। ତେଣୁ ଶନିବାର ଆମେରିକୀୟ ପ୍ରତିନିଧିମାନେ ମୋଦୀଙ୍କ ସହ ଇଣ୍ଡୋ-ପ୍ୟାସିଫ ପ୍ରସଙ୍ଗରେ ବି କଥା ହୋଇଛନ୍ତି।

ଗୋର ଏକ୍ସରେ ଲେଖିଛନ୍ତି, "ସୁରକ୍ଷା, ବାଣିଜ୍ୟ ଓ ପ୍ରମୁଖ ଟେକ୍ନୋଲୋଜିଗୁଡ଼ିକ କ୍ଷେତ୍ରରେ ଭାରତ-ଆମେରିକା ସହଭାଗିତା ସମ୍ପର୍କରେ ଆମେ ଗୋଟିଏ ଫଳପ୍ରଦ ଆଲୋଚନା କରିଛୁ। ଆମେରିକାର ଗୋଟିଏ ପ୍ରମୁଖ ସହଯୋଗୀ ହେଉଛି ଭାରତ।" ଆଗାମୀ ଭବିଷ୍ୟତରେ ପ୍ରଧାନମନ୍ତ୍ରୀଙ୍କୁ ହ୍ୱାଇଟ ହାଉସକୁ ନିମନ୍ତ୍ରଣ କରାଯାଇଥିବା ସେ କହିଛନ୍ତି।



ମୋଦୀଙ୍କ ସହ ବୈଠକ ବେଳେ ରୁବିଓ ଆମେରିକା ଶକ୍ତି ଉତ୍ପାଦ ପ୍ରସଙ୍ଗ ଉଠାଇଛନ୍ତି। ଏହା ଭାରତର ଶକ୍ତି ଯୋଗଣାରେ ବିବିଧତା ଆଣିବ ବୋଲି କହିଛନ୍ତି। ଭାରତ ତା'ର ୮୦% ଅଶୋଧିତ ତୈଳ ଷ୍ଟ୍ରେଟ ଅଫ ହର୍ମୁଜ ମାଧ୍ୟମରେ ଆମଦାନୀ କରିଥାଏ। ଇରାନ ଯୁଦ୍ଧ ଯୋଗୁ ହର୍ମୁଜ ବନ୍ଦ ରହିଛି। ତେଣୁ ଭାରତର ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି।

ଏହାକୁ ଦୃଷ୍ଟିରେ ରଖି ରୁବିଓ ଭାରତକୁ ଆମେରିକା ଶକ୍ତି ପ୍ରତି ଆକର୍ଷିତ କରିବାକୁ ଚେଷ୍ଟା କରିଛନ୍ତି। ଇରାନକୁ କେବେ ହେଲେ ବି ବିଶ୍ୱ ଶକ୍ତି ବଜାରକୁ ପଣବନ୍ଦୀ କରି ରଖିବାକୁ ଆମେରିକା ଦେବ ନାହିଁ ବୋଲି ମଧ୍ୟ ରୁବିଓ କହିଛନ୍ତି।

ଭେନେଜୁଏଲାର ତୈଳ ଶିଳ୍ପ ଉପରେ ଆମେରିକା ନିଜର ଦଖଲ ଜାହିର କରିଛି। ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଆମେରିକା ପଣବନ୍ଦୀ କରିବା ପରେ ଏପରି ସଫଳତା ପାଇଛି।

ଭେଟଘାଟର ଫଟୋକୁ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଏକ୍ସରେ ପୋଷ୍ଟ କରିଛନ୍ତି। ତାଙ୍କ କହିବା କଥା ଯେ ଆଞ୍ଚଳିକ ଓ ବିଶ୍ୱ ଶାନ୍ତି ଠାରୁ ଆରମ୍ଭ କରି ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଛି। ଏପରି କହି ସେ ଇରାନ ବିବାଦ ସମ୍ପର୍କରେ ରୁବିଓଙ୍କ ସହ କଥା ହୋଇଥିବା ସୂଚନା ଦେଇଛନ୍ତି।

## ପୁଣି ବୃଦ୍ଧି ପାଇଲା ପେଟ୍ରୋଲ-ଡିଜେଲ ଦର

ନୂଆଦିଲ୍ଲୀ, ୨୩।୫

ରାଷ୍ଟ୍ରାୟତ୍ତ ତୈଳ ଏବଂ ଗ୍ୟାସ ବିପଣନ କମ୍ପାନୀଗୁଡ଼ିକ ଶନିବାର ପୁଣି ଥରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି। ପେଟ୍ରୋଲ ଲିଟର ପିଛା *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ରବିବାରଠାରୁ ସ୍ଥଗିତ ରହିବ ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ।
- ୨୬ରୁ +୨ ନାମଲେଖା ଆବେଦନ ।
- ସ୍ପେଶାଲ କ୍ରାଇମ୍ ୟୁନିଟ୍ ପକ୍ଷରୁ ୨୯୦ ଗ୍ରାମ୍ ବ୍ରାଉନ ସୁଗାର ଜବତ , ୨ ଗିରଫ।
- ଲାତେହାରରେ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଦୁଇ ଜଣ ନକ୍ସଲ ଗିରଫ।
- କର୍ଣ୍ଣାଟକର କାଲବୁର୍ଗିରେ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୫ ଜଣଙ୍କର ମୃତ୍ୟୁ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୯୦୬ (-୪୩)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୫୮୦ (-୪୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୨୯ (-୩୩)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୫ (+୦)

# କର୍ମଚାରୀଙ୍କ ଛୁଟି ବାତିଲ କଲା ଓପିଟିସିଏଲ୍

ଭୁବନେଶ୍ୱର, ୨୩।୫
ନ୍ୟୁଜ୍ ବ୍ୟୁରୋ

ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ବିଦ୍ୟୁତ ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ଓଭରଲୋଡ୍ ଯୋଗୁ ରାଜ୍ୟରେ ପାୱାର କଟ୍ ହେଉଛି ବୋଲି ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଉଥିବା ବେଳେ ଏହି ସଙ୍କଟଜନକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ ଲିମିଟେଡ (ଓପିଟିସିଏଲ) ପକ୍ଷରୁ ଜରୁରୀକାଳୀନ ପଦକ୍ଷେପ ନିଆଯାଇଛି । ରାଜ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ସୁନିଶ୍ଚିତ କରିବା ପାଇଁ ଓପିଟିସିଏଲ୍ ଶନିବାର ତା'ର



ସମସ୍ତ ବର୍ଗର କର୍ମଚାରୀଙ୍କ ଛୁଟିକୁ ତତ୍କାଳ ପ୍ରଭାବରୁ ରଦ୍ଦ କରିଦେଇଛି। ଏହାସହିତ କୌଣସି ବି କର୍ମଚାରୀ ବିନାନୁମତିରେ ନିଜ ନିଜର ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ମଧ୍ୟ ଓପିଟିସିଏଲ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

ସୂଚନା ଅନୁସାରେ ଓପିଟିସିଏଲର ମୁଖ୍ୟ ଜେନେରାଲ ମ୍ୟାନେଜର(ମାନବସମ୍ବଳ)ଙ୍କ ଦ୍ୱାରା ଜାରି ନିର୍ଦ୍ଦେଶନାମା ଅନୁସାରେ କେବଳ ମାତୃତ୍ୱ ଛୁଟି ଓ ଜରୁରୀ ଚିକିତ୍ସା ସମ୍ବନ୍ଧୀୟ ଛୁଟିକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପ୍ରକାରର ପୂର୍ବ ମଞ୍ଜୁରୀପ୍ରାପ୍ତ ଛୁଟିକୁ ପ୍ରତ୍ୟାହାର କରି ନିଆଯାଇଛି। ଯେଉଁ କର୍ମଚାରୀମାନେ ଏବେ ଛୁଟିରେ ଅଛନ୍ତି, ସେମାନଙ୍କୁ ଯଥାଶୀଘ୍ର ନିଜ ନିଜ କାର୍ଯ୍ୟକ୍ଷେତ୍ରକୁ ଫେରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏହାବ୍ୟତୀତ ମୁଖ୍ୟାଳୟ ବାହାରେ କର୍ମଚାରୀଙ୍କ ଯାତାୟାତ ଆବଶ୍ୟକ କରୁଥିବା ସମସ୍ତ ବୈଠକ, ସେମିନାର, ସମ୍ମିଳନୀ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, *(ପୃଷ୍ଠା ୭ରେ)*

# ଭାରତକୁ କୌଣସି ଶକ୍ତି ରୋକି ପାରିବ ନାହିଁ

ଶିରିଡି, ୨୩।୫

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶନିବାର କହିଛନ୍ତି ଯେ, କେବେ ଅସ୍ତ୍ର ଆମଦାନିକାରୀ ଭାବେ ପରିଚିତ ଥିବା ଭାରତକୁ ଆଗାମୀ ୨୫-୩୦ ବର୍ଷ ମଧ୍ୟରେ ବିଶ୍ୱର ସବୁଠୁ ବଡ଼ ଅସ୍ତ୍ର ରପ୍ତାନିକାରୀ ଦେଶ ହେବାରୁ କୌଣସି ଶକ୍ତି ରୋକିପାରିବ ନାହିଁ। ଶିରିଡ଼ିରେ ଏକ ଗୋଳାବାରୁଦ ଉତ୍ପାଦନ କାରଖାନାର ଉଦ୍‌ଘାଟନ ଅବସରରେ ସେ କହିଥିଲେ ଯେ, ଯେଉଁ ଦେଶ ନିଜ ଅସ୍ତ୍ର ନିଜେ ତିଆରି କରେ, ସେହି ଦେଶ ନିଜ ଭବିଷ୍ୟତ ନିଜେ ଲେଖେ। ଏଥିସହ ସେ କହିଥିଲେ ଯେ, କିଛି ବର୍ଷ ପୂର୍ବରୁ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ବେସରକାରୀ



କମ୍ପାନୀମାନଙ୍କ ଭୂମିକା ନଗଣ୍ୟ ଥିଲା, କିନ୍ତୁ ବର୍ତ୍ତମାନ ଏହା ୨୫-୩୦ ପ୍ରତିଶତକୁ ବୃଦ୍ଧି ପାଇଛି। ସରକାର ଏହାକୁ ଆହୁରି ବଢ଼ାଇ ୫୦ ପ୍ରତିଶତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

"ବେସରକାରୀ କ୍ଷେତ୍ର କେବଳ ପ୍ରତିରକ୍ଷା ମୈଦାନରେ ନଟ୍-ବୋଲ୍ଟ ଯୋଗାଣକାରୀ ନୁହେଁ, ବରଂ ଆଧୁନିକ ଓ ଉନ୍ନତ ଅସ୍ତ୍ର ପ୍ରଣାଳୀର ଉତ୍ପାଦକ ଭାବେ ମଧ୍ୟ ଉଭା ହୋଇଛି," ବୋଲି ସେ କହିଥିଲେ। ଏଥିସହ ରାଜନାଥ ସିଂହ କହିଥିଲେ ଯେ, ଭାରତକୁ କେବେ ଅସ୍ତ୍ର ଆମଦାନିକାରୀ ଦେଶ ଭାବେ ଦେଖାଯାଉଥିଲା, କିନ୍ତୁ ଏବେ ଭାରତକୁ ଆଗାମୀ ୨୫-୩୦ ବର୍ଷରେ ସବୁଠୁ ବଡ଼ ରପ୍ତାନିକାରୀ ଦେଶ ହେବାରୁ କୌଣସି ଶକ୍ତି ଅଟକାଇ ପାରିବ ନାହିଁ।

ଏଥିସହ ଶ୍ରୀ ସିଂହ କହିଥିଲେ, "ସରକାରଙ୍କ ଦୃଷ୍ଟିକୋଣ ଓ *(ପୃଷ୍ଠା ୭ରେ)*

## କୋଇଲା ଖଣିରେ ବଡ ବିସ୍ଫୋରଣ : ୯୦ ମୃତ

ନୂଆଦିଲ୍ଲୀ, ୨୩।୫

କୋଇଲା ଖଣିରେ ବଡ ଧରଣର ବିସ୍ଫୋରଣ ଘଟି ପ୍ରାୟ ୯୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଫସି ରହିଛନ୍ତି। ଉତ୍ତର ଚୀନର ଶାଂସି ପ୍ରଦେଶରୁ ଏହି ଦୁଃଖଦ ଏବଂ ବଡ଼ ଶିଳ୍ପ ଦୁର୍ଘଟଣାର ଖବର ଆସିଛି। ଶୁକ୍ରବାର ରାତିରେ ଚାଙ୍ଗଝି ସହରର କିନୟୁଆନ କାଉଣ୍ଟିରେ ଥିବା ଲିଉସେନୟୁ କୋଇଲା ଖଣିରେ ଏକ ବଡ଼ ଗ୍ୟାସ ବିସ୍ଫୋରଣ ଘଟିଛି। ଏହି ଭୟଙ୍କର ଦୁର୍ଘଟଣାରେ ପ୍ରାୟ ୯୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ନିଶ୍ଚିତ କରାଯାଇଛି, ଯେତେବେଳେ ୯ ଜଣ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି। ଚୀନର ସରକାରୀ ଗଣମାଧ୍ୟମ ଏବଂ ସ୍ଥାନୀୟ ଜରୁରୀକାଳୀନ *(ପୃଷ୍ଠା ୭ରେ)*

## ୫୧ ହଜାର ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

# ବିକଶିତ ଭାରତରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ନୂଆଦିଲ୍ଲୀ, ୨୩।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦିନ ଭିଡିଓ କନଫରେନ୍ସିଂ ଜରିଆରେ ଆୟୋଜିତ ୧୯ତମ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ଯୁବକଯୁବତୀଙ୍କୁ କେନ୍ଦ୍ର ସରକାରୀ ଚାକିରି ନିଯୁକ୍ତି ପତ୍ର ହସ୍ତାନ୍ତର କରିଛନ୍ତି। ସେ କହିଥିଲେ ଯେ, ଦେଶର ଯୁବକମାନେ ଏକ ବିକଶିତ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି ଏବଂ ଆଗାମୀ ବର୍ଷଗୁଡ଼ିକରେ ନୂତନ ଅର୍ଥବ୍ୟବସ୍ଥା ଏବଂ ପ୍ରଯୁକ୍ତି ଆଧାରିତ କ୍ଷେତ୍ରରେ ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଜି ସାରା ଦେଶର ହଜାର ହଜାର ଯୁବକ ଯୁବତୀ ଏବଂ ସେମାନଙ୍କ ପରିବାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ନିଯୁକ୍ତି ପାଇଥିବା ଯୁବକଯୁବତୀମାନେ ରେଳବାଇ, ବ୍ୟାଙ୍କିଂ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି ଏବଂ ଦେଶର ବିକାଶ ଯାତ୍ରାରେ ଦାୟିତ୍ୱବାନ ଅଂଶୀଦାର ହେବାକୁ ଯାଉଛନ୍ତି। *(ପୃଷ୍ଠା ୭ରେ)*




## ଏକାଳ ପଖାଳ



ଦଶ ଦିନରେ ତିନି ଥର
ଜନେ ପାଇଲେଣି ସର୍କାରୀ ବର
ପେଟ୍ରୋଲ ଡିଜେଲ ହାଲକୁ ଦେଖି
ଜନଜୀବନକୁ ଲାଗଇ ଡର
ଯିଏ ଯାହା ଇଚ୍ଛା ତାହା ହିଁ କର
ଇଭି ଗୁଡାକ ଗଛରେ ଫଳୁଛି
ସାମର୍ଥ୍ୟ ଥିଲେ ଯାଇକି ପାର।

# ମାଟିତଳେ ୨ ହଜାର ବର୍ଷର ସମୃଦ୍ଧ ସହର ଠାବ





ସମ୍ବଲପୁର, ୨୩।୫
ନ୍ୟୁଜ୍ ବ୍ୟୁରୋ

ମାଟି ତଳୁ ବାହାରିଛି ପ୍ରାୟ ୨ ହଜାର ବର୍ଷ ତଳର ଏକ ସମୃଦ୍ଧ ଓ ବିକଶିତ ସହର। ରେଢ଼ାଖୋଲ ଉପଖଣ୍ଡ ପୁରୁଣାଗଡ଼ରେ ପ୍ରତ୍ନତାତ୍ତ୍ୱିକ ଉତଖନନରୁ ମିଳିଛି ପ୍ରାଚୀନ ସଭ୍ୟତାର ଏକ ଗୁପ୍ତ ଇତିହାସ ।

ଏଠାରୁ କେବଳ ମାଟିପାତ୍ର କିମ୍ବା ଅଳଙ୍କାର ନୁହେଁ, ବରଂ ତାମ୍ର ଯୁଗର ପଥର କୁରାଢ଼ି ସହ ପ୍ରାୟ ୫୦ ହଜାର ବର୍ଷ ତଳର ଐତିହାସିକ ଯୁଗର ଅସ୍ତ୍ରଶସ୍ତ୍ର ମଧ୍ୟ ଠାବ କରାଯାଇଛି । ଯାହା ଏହି ଅଞ୍ଚଳରେ ଏକଦା ଏକ ବଡ଼ ଲୌହ ଶିଳ୍ପ ଗଢ଼ି ଉଠିଥିବାର ସୂଚନା ଦେଉଛି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ୱତନ୍ତ୍ର ଉଦ୍ୟମ ଓ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗର ଅନୁମତି ପରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ବ୍ୟାପକ ଖନନ କାର୍ଯ୍ୟ ଜାରି ରହିଛି । ସାରା ବିଶ୍ୱ ସାମ୍ନାକୁ ଆସିବାକୁ ଯାଉଛି ଓଡ଼ିଶାର ଏହି ଅଜ୍ଞାତ ଗୌରବ ।

ମାଟି ତଳୁ ଗୋଟିଏ ପରେ ଗୋଟିଏ ବାହାରିବାରେ ଲାଗିଛି ପୌରାଣିକ ତଥା ମୂଲ୍ୟବାନ ସାମଗ୍ରୀ । ମାଟି ହାଣ୍ଡି, ବିଭିନ୍ନ ପାତ୍ର, ଅଳଙ୍କାର, ଆଭୂଷଣ ଏବଂ ପାଉଁଶ ସହ ମିଳିଛି ଅନେକ *(ପୃଷ୍ଠା ୭ରେ)*

# ପ୍ରଚଣ୍ଡ ଖରାରେ ସିଝୁଛି ସାରା ଓଡ଼ିଶା

ଭୁବନେଶ୍ୱର, ୨୩।୫
ନ୍ୟୁଜ୍ ବ୍ୟୁରୋ

ଗ୍ରୀଷ୍ମର ଜ୍ୱାଳାରେ ଅସ୍ତବ୍ୟସ୍ତ ହେଲାଣି ଜନଜୀବନ । ପଶ୍ଚିମ ଓଡ଼ିଶାର ୫ଟି ସ୍ଥାନର ପାରଦ ୪୫ ଡିଗ୍ରୀ ପାର କରିଛି । ଝାରସୁଗୁଡାରେ ସର୍ବାଧିକ ୪୫.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର, ହୀରାକୁଦ, ଟିଟିଲାଗଡ ଓ ବୌଦ୍ଧରେ ୪୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଆସନ୍ତା ୨୫ ତାରିଖ ଯାଏଁ ଏଭଳି ସ୍ଥିତି ଲାଗି ରହିବ ।

ସମ୍ବଲପୁର, ଝାରସୁଗୁଡା, ନୟାଗଡ଼ ଓ ବଲାଙ୍ଗୀରକୁ ଅରେଞ୍ଜ ୱାର୍ଣ୍ଣିଂ ସହ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଅନୁଗୁଳକୁ ୟେଲୋ



ୱାର୍ଣ୍ଣିଂ ଜାରି କରାଯାଇଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ମିଳିଛି। ସେପଟେ ୨୪ଟି ଜିଲ୍ଲାରେ ଉଷ୍ମ ଆର୍ଦ୍ର ସ୍ଥିତି ପାଇଁ ୟେଲୋ ୱାର୍ଣ୍ଣିଂ ସହ ଉପକୂଳ ଓ ଆଭ୍ୟନ୍ତରୀଣ ୧୬ଟି ଜିଲ୍ଲାକୁ ବିଜୁଳି, ଘଡଘଡି ସହ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସମ୍ବଲପୁର ଓ ବଲାଙ୍ଗୀରକୁ ଉଷ୍ମ ରାତ୍ରି ପାଇଁ ଚେତାବନୀ *(ପୃଷ୍ଠା ୭ରେ)*





# ସରକାରୀ ନିବେଶର ସଠିକ ହିସାବ ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ସରକାରୀ କମ୍ପାନୀ, କର୍ପୋରେସନ୍ ଓ ସଂସ୍ଥାମାନଙ୍କୁ ଦିଆଯାଇଥିବା ଋଣ, ଅଗ୍ରିମ ଓ ଶେୟର ପୁଞ୍ଜି ନିବେଶର ସଠିକ ହିସାବ ସଂଗ୍ରହ ପାଇଁ ଓଡ଼ିଶା ସରକାର ତତ୍ପର ହୋଇପଡ଼ିଛନ୍ତି । ୨୦୨୫-୨୬ ଅର୍ଥବର୍ଷର ଫାଇନାନ୍ସ ଆକାଉଣ୍ଟ ପ୍ରସ୍ତୁତି ପୂର୍ବରୁ ଏହି ସମସ୍ତ ତଥ୍ୟ ଦାଖଲ କରିବାକୁ ଅର୍ଥ ବିଭାଗ ସମସ୍ତ ପ୍ରଶାସନିକ ବିଭାଗକୁ ଜରୁରୀ ନିର୍ଦ୍ଦେଶ ଜାରି କରିଛି । ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ଦ୍ୱାରା ଜାରି ପତ୍ରରେ କୁହାଯାଇଛି ଯେ, ରାଜ୍ୟ ସରକାର ଯେଉଁ ସମସ୍ତ ସରକାରୀ କମ୍ପାନୀ ଓ କର୍ପୋରେସନ୍‌ରେ ନିବେଶ କରିଛନ୍ତି, ସେଗୁଡ଼ିକର ସଠିକ ତଥ୍ୟ ନଥିଲେ ଫାଇନାନ୍ସ ଆକାଉଣ୍ଟରେ ଭୁଲ ଚିତ୍ର ପ୍ରକାଶ ପାଇପାରେ ।





ସେହିପରି ବନ୍ଦ ହୋଇଥିବା କିମ୍ବା ଅଚଳ ହୋଇପଡ଼ିଥିବା ସଂସ୍ଥାଗୁଡ଼ିକର ବର୍ତ୍ତମାନ ସ୍ଥିତି ମଧ୍ୟ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଛି । ମହାଲେଖାପାଳ ଓଡ଼ିଶାଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁସାରେ, ୨୦୨୪-୨୫ ଅର୍ଥବର୍ଷରେ ମୋଟ ୧୫୧ଟି ସଂସ୍ଥାରେ ସରକାରୀ ନିବେଶ ଥିଲା କିନ୍ତୁ ସେଥିରୁ ୭୨ଟି କମ୍ପାନୀ ଓ କର୍ପୋରେସନ୍ ବର୍ତ୍ତମାନ ବନ୍ଦ କିମ୍ବା ଅଚଳ ଅବସ୍ଥାରେ ଥିବା କଥା ଚିହ୍ନଟ ହୋଇଛି । ତାଲିକା ଅନୁସାରେ ଓଡ଼ିଶା ଟେକ୍ସଟାଇଲ୍ କର୍ପୋରେସନ୍, ଓଡ଼ିଶା ଷ୍ଟେଟ୍ ଲେଦର କର୍ପୋରେସନ୍, ଓଡ଼ିଶା ଆଗ୍ରିକୋ ଲିମିଟେଡ୍, କୋଣାର୍କ ଟିଭି ଲିମିଟେଡ୍, ଓଡ଼ିଶା ଷ୍ଟେଟ୍ କମର୍ସିଆଲ୍ ଟ୍ରାନ୍ସପୋର୍ଟ କର୍ପୋରେସନ୍, ମୟୂରଭଞ୍ଜ ଟେକ୍ସଟାଇଲ୍ସ ଲିମିଟେଡ୍, କଳିଙ୍ଗ ଫାଉଣ୍ଡ୍ରି ଲିମିଟେଡ୍ ଭଳି ଅନେକ ପୁରୁଣା ସରକାରୀ ସଂସ୍ଥା ରହିଛି । କେତେକ ବନ୍ଦ ସଂସ୍ଥାରେ ସରକାରଙ୍କ ବଡ଼ ଅଙ୍କର ନିବେଶ ରହିଥିବା ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି । ଉଦାହରଣ ସ୍ୱରୂପ, ଓଡ଼ିଶା ଟେକ୍ସଟାଇଲ୍ ମିଲ୍ସ ଲିମିଟେଡ୍‌ରେ ପ୍ରାୟ ୧୬୭୭.୪୫ ଲକ୍ଷ ଟଙ୍କା, ଓଡ଼ିଶା ଷ୍ଟେଟ୍ ଇଲେକ୍ଟ୍ରୋନିକ୍ସ ଡେଭେଲପମେଣ୍ଟ କର୍ପୋରେସନ୍‌ରେ ୨୦୦୨.୫୦ ଲକ୍ଷ ଟଙ୍କା ଏବଂ ଓଡ଼ିଶା ସଟ୍ଟେଟ୍ କମର୍ସିଆଲ୍ ଟ୍ରାନ୍ସପୋର୍ଟ କର୍ପୋରେସନ୍‌ରେ ୬୧୦ ଲକ୍ଷ ଟଙ୍କାର ନିବେଶ ଥିବା ଦର୍ଶାଯାଇଛି । ସେହିପରି "Eastern Aquatic Products Limited" ନାମକ ସଂସ୍ଥାରେ ପ୍ରାୟ ୬୮.୫୨ କୋଟି ଟଙ୍କାର ନିବେଶ ଥିବା ତଥ୍ୟ ମଧ୍ୟ ଉଲ୍ଲେଖ ହୋଇଛି, ଯାହା ବନ୍ଦ ସଂସ୍ଥାଗୁଡ଼ିକରେ ଅଟକିଥିବା ସରକାରୀ ଅର୍ଥର ପରିମାଣକୁ ସ୍ପଷ୍ଟ କରୁଛି । ଏହାଛଡ଼ା, ଅର୍ଥ ବିଭାଗ ଦ୍ୱାରା ପଠାଯାଇଥିବା ପ୍ରୋଫର୍ମାରେ ନୂତନ ଋଣ ବଣ୍ଟନ, ବକେୟା ଅର୍ଥ, ସୁଧ ଆଦାୟ, ଅର୍ଥ ଫେରସ୍ତ ହୋଇନଥିବା ସଂସ୍ଥା ଓ ଶେୟର ନିବେଶର ବର୍ଷଭିତ୍ତିକ ତଥ୍ୟ ମାଗାଯାଇଛି । ଆର୍ଥିକ ବିଶେଷଜ୍ଞମାନଙ୍କ ମତରେ, ବର୍ଷକାଳ ଧରି ବନ୍ଦ ହୋଇପଡ଼ିଥିବା ସଂସ୍ଥାମାନଙ୍କରେ ନିବେଶ ଅଟକି ରହିବା ରାଜ୍ୟର ଆର୍ଥିକ ପରିଚାଳନା ପାଇଁ ଚିନ୍ତାଜନକ । ଏହି ପଦକ୍ଷେପ ମାଧ୍ୟମରେ ସରକାର ବାସ୍ତବ ଆର୍ଥିକ ଚିତ୍ର ସ୍ପଷ୍ଟ କରିବା ସହ ଅଚଳ ସଂସ୍ଥାମାନଙ୍କ ଭବିଷ୍ୟତ ନେଇ ମଧ୍ୟ ନୂତନ ନିଷ୍ପତ୍ତି ନେଇପାରନ୍ତି ।

# ମୋବାଇଲ ଆପ ଦେବ ମହିଳାଙ୍କୁ ସୁରକ୍ଷା

## ଅସୁବିଧାରେ ଫସିଲେ ବ୍ୟବହାର କରନ୍ତୁ ଉଇ କେୟାର ସାଥି ଆପ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହିଳାଙ୍କ ପାଇଁ ଖୁସି ଖବର । ମୋବାଇଲ ଆପ ଦେବ ମହିଳାଙ୍କୁ ସୁରକ୍ଷା । ଏଭଳି ନୂତନ ପନ୍ଥା ଆପଣେଇଛି କମିଶନରେଟ୍ ପୋଲିସ ।ଟ୍ୱିନିସିଟି ବାସୀଙ୍କ ପାଇଁ ପୋଲିସ ଆଣିଛି ନୂଆ ଆପ୍ । ଜରୁରୀକାଳୀନ ଓ ଅସୁବିଧାରେ ଫସିଲେ ମହିଳାଙ୍କ ପାଇଁ ପୋଲିସ ଆଣିଛି ଉଇ କେୟାର ସାଥି ଆପ୍ । ଏନେଇ ଅଫିସିଆଲ୍ ଲଞ୍ଚ କରିଛନ୍ତି ପୋଲିସ କମିସନର । ପୋଲିସ ତାର କାମ ଫ୍ରଣ୍ଟ ଲାଇନ୍ ରହିବ । ଏ ନେଇ କହିଛନ୍ତି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ।ଏହି ଆପ ଦ୍ୱାରା କୌଣସି ଘଟଣା ଘଟିଲେ ସେହି ଆପରୁ ଅଭିଯୁକ୍ତ ମାନଙ୍କ ଫଟୋ ବା ଭିଡିଓ ତୁରନ୍ତ ଇଆର୍‌ଏସ୍‌ଏସ୍





କଣ୍ଟ୍ରୋଲ ରୁମ୍ କୁ ପହଞ୍ଚିପାରିବ । ଯାହାକି ମହିଳାମାନେ ଏହାକୁ ବ୍ୟବହାର କରି ନ୍ୟାୟ ପାଇପାରିବେ । ଯେଉଁ ଜାଗାରେ ଘଟଣା ଘଟିବ,କମ୍ ସମୟରେ ପୋଲିସ ପହଞ୍ଚିବା ପାଇଁ ଚେଷ୍ଟା କରିବ ବୋଲି ପୋଲିସ କମିଶନର କହିଛନ୍ତି । ଆଗରୁ ରେସ୍ପନ୍ସ ଟାଇମ ୧୨ମିନିଟ ଥିଲା ଏବେ ତାହା ୭ମିନିଟରେ ବି ସମ୍ଭବ ହୋଇଛି । ତେଣୁ ଲୋକଙ୍କ ସୁରକ୍ଷା ଓ ମହିଳାଙ୍କ ସୁରକ୍ଷା କୁ ପ୍ରାଥମିକତା ପାଇଁ ଏଭଳି ଆପ୍ କୁ ଅପଗ୍ରେଡେସନ କରାଯାଇଛି ।

# ଭୁବନେଶ୍ୱରରେ ଟ୍ରାଫିକ ସମସ୍ୟାରୁ ମିଳିବ ମୁକ୍ତି : ଦୁଇଟି ମୁଖ୍ୟ ରାସ୍ତାର ହେବ ପ୍ରଶସ୍ତିକରଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏଣିକି ଭୁବନେଶ୍ୱର ଟ୍ରାଫିକ ସମସ୍ୟାରୁ ମିଳିବ ମୁକ୍ତି । ଦୁଇଟି ମୁଖ୍ୟ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଭୁବନେଶ୍ୱରରେ ସହରୀ ଭିତ୍ତିଭୂମି ସୁଦୃଢ଼ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି । ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ଉପୁଜିଥିବା ଟ୍ରାଫିକ ସମସ୍ୟାକୁ ଦୂର କରିବା ଲକ୍ଷ୍ୟ ରଖିଛି ପୂର୍ତ୍ତ ବିଭାଗ । ସେହି କ୍ରମରେ ରାଜଧାନୀ ୟୁନିଟ- ୬ ସ୍ଥିତ ଦୁଇ ଗୋଟି ରାସ୍ତା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ୟୁନିଟ ୬ ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସହରୀ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ରାସ୍ତା ସଂଯୋଗୀକରଣରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଦୁଇଟି ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନା କରିଛନ୍ତି ପୂର୍ତ୍ତ ମନ୍ତ୍ରୀ । ଏଥିନିମିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୩୭ ଗୋଟି ରାସ୍ତା ପାଇଁ ପ୍ରାୟ ୭୮୨୬. ୧୫ କୋଟି ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁରୀ



ମିଳିଛି । ରାଜଧାନୀକୁ ଭିଡ଼ ମୁକ୍ତ କରିବା ନେଇ ଥିବା ଲକ୍ଷ୍ୟ ଖୁବ ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି ।

ତନ୍ମଧ୍ୟରୁ ଆଜି ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିବା ଦୁଇ ଗୋଟି ରାସ୍ତା ଯଥା "ଗଭର୍ଣ୍ଣର ହାଉସ ପେଟ୍ରୋଲ ପମ୍ପରୁ ଗଙ୍ଗନଗର ଛକ (୦.୦୦୦ କିମି ରୁ ୦.୮୬୬ କିମି) ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ ବାବଦରେ ୫. ୯୬ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ୟୁନିଟ୍-୬ ର ଆଭ୍ୟନ୍ତରୀଣ ରାସ୍ତା ଯଥା କ୍ୟାପିଟାଲ ହସ୍ପିଟାଲ ଠାରୁ ବନଦୁର୍ଗା ମନ୍ଦିର ପର୍ଯ୍ୟନ୍ତ (୦.୦୦୦ କିମିରୁ୦.୯୪୬କିମି) ରାସ୍ତାର ଉନ୍ନତି କରଣ ବାବଦରେ ୩. ୯୩ କୋଟି ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ ହୋଇଛି । ଏହି ରାସ୍ତାର ଉନ୍ନତିକରଣ ଦ୍ୱାରା ଖଣ୍ଡଉ ଛକରୁ ଗଙ୍ଗନଗର ଛକ ଏବଂ କ୍ୟାପିଟାଲ ହସ୍ପିଟାଲ ଅଞ୍ଚଳରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ଦୂର ହେବା ସହ ଯାନବାହାନ ପରିବହନ ସହଜ ହେବ ବୋଲି ମନ୍ତ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ସହରର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଆଧୁନିକ ତଥା ସ୍ଥାୟୀ ସଡ଼କ ଭିତ୍ତିଭୂମି ବିକାଶର ଗୁରୁତ୍ୱକୁ ଉପଲବ୍ଧି କରି ମୁଖ୍ୟମନ୍ତ୍ରୀ ଏବଂ ପୂର୍ତ୍ତମନ୍ତ୍ରୀଙ୍କ ଦ୍ୱାରା ନିଆ ଯାଇଥିବା ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ । ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ବାସିନ୍ଦା ମାନେ ବିଶେଷ ଭାବରେ ଉପକୃତ ହେବେ ବୋଲି ସେ ଆଶା ପ୍ରକଟ କରିଥିଲେ ।

# ଓଡ଼ିଶାରେ ଅପରାଧ ଉପରମୁହାଁ, କୋମାରେ ପୋଲିସ: ବିଜେଡି

**ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଅପରାଧ ଉପର ମୁହାଁ ହୋଇଥିଲା ବେଳେ ମନୋବଳ ହରାଇ ପୋଲିସ କୋମାରେ । ବ୍ରହ୍ମପୁରରେ ବିଚ୍ ବଜାରରେ ଅପରାଧୀମାନେ ଯେଉଁଭଳି ଭାବେ ଅମାନବୀୟ କାଣ୍ଡ ରଚିଲେ ତାହା ରାଜ୍ୟବାସୀଙ୍କ ମୁଣ୍ଡ ତଳକୁ କରିଛି । ପ୍ରତ୍ୟେକ ଦିନ ରାଜ୍ୟବାସୀ କେବଳ ଗୁଣ୍ଡାରାଜ ଓ ଅରାଜକତାର ଚିତ୍ର ଦେଖୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ରାଜ୍ୟରେ ଆଇନଶୃଙ୍ଖଳାର ଚରମ ଅଧୋଗତିକୁ ନେଇ ବିଜେପି ସରକାରକୁ କଡା ନିନ୍ଦା କରିଛନ୍ତି । ଶ୍ରୀ ବକ୍ସିପାତ୍ର କହିଛନ୍ତି, ପୋଲିସର ନିଷ୍କ୍ରିୟତା ଓ ଶାସକ ଦଳର ପ୍ରୋତ୍ସାହନରେ ଗଂଜାମ ଜିଲ୍ଲାରେ ଗତ ଏକମାସରେ ୧୦ରୁ ଅଧିକ ହତ୍ୟାକାଣ୍ଡ ସଂଗଠିତ ହୋଇଛି । ଗତ ସୋମବାର ଦିନ ଗିରିରୋଡରେ ଘଟିଥିବା ବର୍ବୋରଚିତ ଆକ୍ରମଣର ଦୁଇ ମୁଖ୍ୟ ଅଭିଯୁକ୍ତ ସ୍ଥାନୀୟ ବିଜେପି ବିଧାୟକଙ୍କ ସହଯୋଗୀ ହୋଇଥିବାରୁ ପୋଲିସ ତାଙ୍କୁ ଗିରଫ କରିବାକୁ ସାହାସ ଜୁଟାଇ ପାରୁନାହିଁ । ବ୍ରହ୍ମପୁର ପୋଲିସ ବିଜେପି ଦଳ ଦ୍ୱାରା ଏଭଳି ଚାପଗ୍ରସ୍ତ ଯେ, ପ୍ରତ୍ୟେକ ଦିନ ବିଧାୟକଙ୍କ ଘରେ ଏସ୍ପିଓଙ୍କୁ ହାଜିରା ଦେବାକୁ ପଡୁଛି । ସାଧାରଣ ଲୋକଟିଏ ଥାନାକୁ ଗଲେ ପୋଲିସ ପ୍ରଥମେ ତାଙ୍କୁ ପଚାରୁଛି ତୁମେ କେଉଁ ଦଳର ସମର୍ଥକ । ଏଫ୍‌ଆଇଆରରେ ନାଁ ଥିଲେ ମଧ୍ୟ ଶାସକ ଦଳର ଇଙ୍ଗିତରେ ତଦନ୍ତରେ ଅଭିଯୁକ୍ତଙ୍କ ନାଁ କଟାଯାଉଛି । ଏଥିପାଇଁ ଆଜି ବ୍ରହ୍ମପୁର ଓ ଗଂଜାମ ପୋଲିସ ଜିଲ୍ଲା ରାଜ୍ୟର କ୍ରାଇମ ହବ୍ ଭାବେ ଅପଖ୍ୟାତି ମୁଣ୍ଡାଇଛି । ଶ୍ରୀ ସାହୁ କହିଛନ୍ତି ଯେ, ଡବଲ ଇଂଜିନ ସରକାର କ୍ଷମତାକୁ ଆସିବା ପରେ ସାରା ରାଜ୍ୟରେ ବିଜେପି ନେତା ଓ ଅପରାଧୀଙ୍କ ମଧ୍ୟରେ ଏକ ଅନୈତିକ ବୁଝାବଣା ହୋଇ ପୋଲିସ ଉପରେ ଚାପ ପ୍ରୟୋଗ କରାଯାଉଛି । ଫଳସ୍ୱରୁପ ପୋଲିସ ମନୋବଳ ଭାଙ୍ଗିଯାଇଛି । ଯାହାର ଚିତ୍ର ପ୍ରତ୍ୟେକ ଦିନ ରାଜ୍ୟବାସୀ ଦେଖୁଛନ୍ତି । ନୟାଗଡରେ ଥାନା ମଧ୍ୟରେ ପୋଲିସକୁ ଆକ୍ରମଣ, ଭୁବନରେ ଥାନା ଆଇଆଇସିଙ୍କୁ ଆକ୍ରମଣ କରି ବାଲି ମାଫିଆମାନେ ଗାଡି ଛଡାଇନେବା, ଟାଙ୍ଗିରେ ପୋଲିସ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ଘଟଣା ଦେଖିବାକୁ ମିଳିଛି । ପିଏସ୍‌ଓଙ୍କ ବନ୍ଧୁକ ଛଡାଇ ବିଜେପି ବିଧାୟକ ଫାଙ୍କା ଗୁଳିଚାଳନା କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଅପରାଧୀଙ୍କୁ ଏନ୍‌କାଉଣ୍ଟର ପାଇଁ ଯେଉଁଦିନ ପୋଲିସ ମହାନିର୍ଦ୍ଦେଶକ କହୁଛନ୍ତି, ସେହିଦିନ ହିଁ ବ୍ରହ୍ମପୁରରେ ଏହିଭଳି ବର୍ବୋଚିତ କାଣ୍ଡ ଘଟୁଛି । ଡ. ମହାନ୍ତି କହିଥିଲେ ଯେ, ନୟାଗଡରେ ଦୈନିକ ଖବରକାଗଜ ସକାଳର ସାମ୍ବାଦିକଙ୍କ ଉପରେ ମିଥ୍ୟା ଦୁଷ୍କର୍ମ ମାମଲା ରୁଜୁ ଓ ଖବରକାଗଜ ପୋଡିବା ଦୁର୍ଭାଗ୍ୟଜନକ । ବିଜେପି ନେତା ଅରିନ୍ଦମ ରାୟ, ସାମ୍ବାଦିକମାନଙ୍କ ପ୍ରତି ଯେଉଁ ଭାଷା ବ୍ୟବହାର କରୁଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ, ବିଜେପି ଏହାକୁ ନେଇ ସ୍ପଷ୍ଟୀକରଣ ଦେଉ । ଶାସକ ବିଜେପି ଦଳ ନେତାମାନଙ୍କ ଦ୍ୱାରା ସାମ୍ବାଦିକ ଓ ସାମ୍ବାଦିକତା ବିପଦରେ । ବ୍ରହ୍ମପୁର ଓ ଗଂଜାମ ପୋଲିସ ଜିଲ୍ଲାକୁ ଅପରାଧୀଙ୍କ ହାତରେ ଟେକି ଦେଇଛନ୍ତି ଡବଲ ଇଂଜିନ ସରକାର । ପୋଲିସ ମହାନିର୍ଦ୍ଦେଶକ ତୁରନ୍ତ ସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରନ୍ତୁ ଯଦ୍ୱାରା ସାଧାରଣ ଲୋକ ପୋଲିସ ଉପରେ ଭରସା ରଖିପାରିବେ ।

# ସ୍ୱାସ୍ଥ୍ୟ ସେବାରେ ଅବ୍ୟବସ୍ଥାକୁ ନେଇ ଅପରାଜିତା ଖପ୍ପା

## ରୋଗୀ କଲ୍ୟାଣ ସମିତି ବୈଠକ ଅଧାରୁ ଉଠିଗଲେ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏଥିରେ ସୁଧାର ଆଣିବାକୁ ଦାୟିତ୍ୱରେ ଥିବା ଅଧିକାରୀମାନେ ତତ୍ପରତା ପ୍ରକାଶ କରୁନାହାନ୍ତି । ଏହି ଅବ୍ୟବସ୍ଥାକୁ ନେଇ ସାଂସଦ ଅପରାଜିତା ଷଡ଼ଙ୍ଗୀ କ୍ଷୁବ୍ଧ ହୋଇଛନ୍ତି । ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତିର ଗଭର୍ଣ୍ଣିଂ ବଡ଼ି ବୈଠକରେ ଅଧାରୁ ଉଠି ଯାଇଥିଲେ । ଅପରାଜିତା ତାଙ୍କ ଅସନ୍ତୋଷକୁ ଏତିକିରେ ସୀମିତ ରଖି ନଥିଲେ । ସାମାଜିକ ଗଣମାଧ୍ୟମରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ କଡ଼ା ଭାଷାରେ ନିନ୍ଦା କରିଥିଲେ । ସ୍ୱାସ୍ଥ୍ୟ ପ୍ରଶାସନ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅବହେଳା ଆଦୌ ଗ୍ରହଣୀୟ ନୁହେଁ ବୋଲି ଜଣାଇ ଦେଇଛନ୍ତି । ଏହି ପୋଷ୍ଟ୍‌କୁ ସେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଟ୍ୟାଗ୍ କରିଛନ୍ତି । ଗୋଟିଏ ପଟେ ସରକାର ଦୁଇ ବର୍ଷର ସଫଳତାର ଚିତ୍ର ଦେଖାଇବାକୁ ପ୍ରସ୍ତୁତି କରୁଥିଲା ବେଳେ ଅନ୍ୟ ପଟେ ନିଜ ଦଳର ସାଂସଦ ସ୍ୱାସ୍ଥ୍ୟସେବା ପରି ମୌଳିକ କ୍ଷେତ୍ରର ବିକଳ ଚିତ୍ର ଦେଖାଇବା ଘଟଣା ବେଶ୍ ଚର୍ଚ୍ଚାର ବିଷୟ ହୋଇଛି । କୋଡ଼ିଏ ମାସ ତଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ସମୀକ୍ଷା କରାଯାଇଥିଲା । ବୈଠକରେ ଯୋଗ ଦେଇ ଭୁବନେଶ୍ୱର ସାଂସଦ ଡାକ୍ତରଖାନା ସଜାଡ଼ିବାର ବ୍ଲୁ ପ୍ରିଣ୍ଟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଦେଇଥିଲେ । କିନ୍ତୁ ତାହା କାର୍ଯ୍ୟକାରୀ ହେଲା ନାହିଁ । ୨୦ ମାସ ତଳେ ସ୍ୱାସ୍ଥ୍ୟ ବିଭାଗର ସ୍ଥିତି ଯାହା ଥିଲା, ଏବେ ବି ସେୟା । ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତିର ଗଭର୍ଣ୍ଣିଂ ବଡ଼ି ବୈଠକରେ ସାଂସଦଙ୍କ ସହିତ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୟ ରାୟଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସବୁ ଅଧିକାରୀ ଉପସ୍ଥିତ ଥିଲେ । ୨୦ ମାସ ତଳର ତ୍ରୁଟି କାହିଁକି ସମାଧାନ ହୋଇନି ବୋଲି ସାଂସଦ ପ୍ରଶ୍ନ କରିଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଠିକ୍ ଭାବେ କାର୍ଯ୍ୟ କରୁନି ବୋଲି କ୍ଷୁବ୍ଧ ହୋଇଥିଲେ । ମାତୃ ଶିଶୁ ବିଭାଗ ସମେତ ସବୁ ବିଭାଗରେ ଅବହେଳା ଓ ତ୍ରୁଟି ଜଣାପଡ଼ିଥିଲା । ପ୍ରସ୍ତୁତିର ଅଭାବ, ପ୍ରସଙ୍ଗ ପ୍ରତି ଧ୍ୟାନ ନରହିବା, ପ୍ରାଶାସନିକ ଦୁର୍ବଳତାକୁ ସାଂସଦ ସ୍ପଷ୍ଟ ଭାବେ ବାରିଥିଲେ । ଏଠାରେ ଅନାଗ୍ରହ ଓ ଅବହେଳା ଚରମ ସୀମାରେ ପହଞ୍ଚିଥିବାରୁ ସେ ସ୍ୱାସ୍ଥ୍ୟ ପ୍ରଶାସନକୁ ଚେତାବନୀ ଦେଇଥିଲେ । ଆଜି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ କିଛି ଦାୟିତ୍ୱ ଦେଇଥିଲେ ସାଂସଦ । ସମସ୍ତ ତ୍ରୁଟି ସୁଧାରିବାକୁ ସେ ଗୋଟିଏ ମାସର କଷ୍ଟ ଦେଇଥିଲେ । ଆସନ୍ତା ୩୦ ଜୁନ୍ ସୁଦ୍ଧା ପୁନର୍ବାର ବୈଠକ କରାଯିବ ବୋଲି କହିଛନ୍ତି । ବୈଠକରେ ରୋଗୀ କଲ୍ୟାଣ ସମିତିର ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକ, ଦୀପୁ ହୋତା, ସଦସ୍ୟା ସୁମିତ୍ରା ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।





# ପୁଲିସର ସ୍ୱତନ୍ତ୍ର ଅଭିଯାନ : ଧରାପଡ଼ିଲେ ୨୯୧ ଫେରାର ଆସାମୀ ଓ ୭୫୮ ପେଷାଦାର ଅପରାଧୀ

**କଟକ, ନ୍ୟୁଜ ବ୍ୟୁରୋ**

ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ପରୱାନା (ଏନ୍‌ବିଡବ୍ଲୁ)କୁ କାର୍ଯ୍ୟକାରୀ କରିବା, ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା, ନିଶା ଦ୍ରବ୍ୟ (ଗଞ୍ଜେଇ ଓ ବ୍ରାଉନସୁଗାର) ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ବେଆଇନ ଖଣିଜ ଚୋରା ଚାଲାଣରେ ସମ୍ପୃକ୍ତ ଯାନବାହନ ଜବତ କରିବା ସହ ମଦ୍ୟପାନ କରି ଗାଡି ଚାଳନା ଉପରେ ବିଭିନ୍ନ ଜିଲ୍ଲାରେ ପୁଲିସର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ସୂଚନାନୁସାରେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନ ଜାରି ରହିଛି । ଗତ ୮ ଦିନ ମଧ୍ୟରେ ସମଗ୍ର ରାଜ୍ୟରେ ୩୪୯୩ ଜଣ ବ୍ୟକ୍ତିଙ୍କ ବିରୋଧରେ ଏନ୍‌ବିଡବ୍ଲୁ କାର୍ଯ୍ୟକାରୀ କରାଯାଇଛି । ଫେରାର ଥିବା ୨୯୧ ଜଣ ଅଭିଯୁକ୍ତଙ୍କୁ ଧରି କୋର୍ଟ ଚାଲାଣ କରାଯାଇଥିବା ବେଳେ ୭୫୮ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ୧୨୯ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ୍) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହାସହ ୧୨୬ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ ୧୩୨୦ ଜଣଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଇଛି । ବେଆଇନ ନିଶା କାରବାର ରୋକିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଏହି ସମୟରେ ୫୧ ଟି ଏନଡିପିଏସ୍ ମାମଲା ରୁଜୁ ହୋଇଥିବାବେଳେ ୫୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ୩,୭୫୪ କେଜି ଗଞ୍ଜେଇ ଏବଂ ୧୨୧ ଗ୍ରାମ ବ୍ରାଉନ୍ ସୁଗର ଜବତ କରାଯାଇଛି । ନିଶା କାରବାରରେ ବ୍ୟବହୃତ ୧୧ଟି ଗାଡ଼ି, ୨ଟି ମୋବାଇଲ୍ ଫୋନ୍ ସହ ନଗଦ ୧୨ ହଜାର ୩୪୮ ଟଙ୍କା ମଧ୍ୟ ଜବତ କରାଯାଇଛି । ଏହାସହ ୧୨୪୯ଟି ଅବକାରୀ ମାମଲା ରୁଜୁ ହୋଇଛି । ଏହାସହ ସଡ଼କ ସୁରକ୍ଷା ଓ ମୋଟର ଯାନ ଏନଫୋର୍ସମେଣ୍ଟକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି । ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ୧୭୫୬ ଜଣ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି । ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ମାମଲାରେ ମୋଟ ୩ କୋଟି ୨୭ ଲକ୍ଷ ୬୨ ହଜାର ୭୪୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ଗୋ-ଚାଲାଣ ରୋକିବାକୁ ପୁଲିସ ୧୩ ଟି ମାମଲା ରୁଜୁ କରିଥିବାବେଳେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ୭ ଟି ଗାଡ଼ିରୁ ୮୨ ଟି ଗାଈଙ୍କୁ ଉଦ୍ଧାର କରାଯାଇଛି । ଚୋରା ଖଣି କାରବାର ବିରୋଧରେ ମଧ୍ୟ ପୁଲିସ କଡ଼ା ପଦକ୍ଷେପ ନେଇ ୩୩୧ ଟି ମାମଲା ରୁଜୁ କରି ୮୩ ଜଣଙ୍କୁ ଗିରଫ କରିଛି । ଗତ ୮ ଦିନ ମଧ୍ୟରେ ୩୭୯ଟି ହାଇୱା, ଟ୍ରକ୍, ଟ୍ରାକ୍ଟର, ଟ୍ରିପର, ପାୱାର ଟିଲର ଓ ଜେସିବି ଜବତ କରାଯାଇଛି । ବେଆଇନ ଅସ୍ତ୍ର କାରବାର ରୋକିବାକୁ ୧୯ଟି ମାମଲା ରୁଜୁ କରାଯାଇଥିବାବେଳେ ୨୪ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କଠାରୁ ୨୯ଟି ବନ୍ଧୁକ ଜବତ





କରାଯାଇଛି । ୱାରେଣ୍ଟ କାର୍ଯ୍ୟକାରୀ କରିବାରେ କେନ୍ଦ୍ରାଞ୍ଚଳ ରେଞ୍ଜ, କଟକ ସର୍ବାଗ୍ରେ ରହିଛି । ଏହି ରେଞ୍ଜରେ ୮ ଦିନ ମଧ୍ୟରେ ୯୪୨ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି । ଦକ୍ଷିଣାଞ୍ଚଳ ରେଞ୍ଜ, ବ୍ରହ୍ମପୁରରେ ୫୯୪, ପଶ୍ଚିମାଞ୍ଚଳ ରେଞ୍ଜ, ରାଉରକେଲାରେ ୨୩୨, ପୂର୍ବାଞ୍ଚଳ ରେଞ୍ଜ, ବାଲେଶ୍ୱରରେ ୪୮୪ଟି, ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ, ତାଳଚେରରେ ୩୭୧ଟି, ଉତ୍ତରାଞ୍ଚଳ ରେଞ୍ଜ, ସମ୍ବଲପୁରରେ ୩୧୪, ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ, କୋରାପୁଟରେ ୩୭୦ ଟି ଏବଂ କମିଶନରେଟ୍ ପୁଲିସ ଅଞ୍ଚଳରେ ୧୮୬ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି । ନିଶା ବିରୋଧୀ ଅଭିଯାନରେ ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ ସର୍ବାଧିକ ୨୩୪୪ କେଜି ଗଞ୍ଜେଇ ଜବତ କରିଛି । ଦକ୍ଷିଣାଞ୍ଚଳ ରେଞ୍ଜରୁ ୮୩୮ କେଜି ଏବଂ ଉତ୍ତରାଞ୍ଚଳ ରେଞ୍ଜରୁ ୩୮୬ କେଜି ଗଞ୍ଜେଇ ଜବତ ହୋଇଛି । ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ପଶ୍ଚିମାଞ୍ଚଳ ରେଞ୍ଜ ରାଉରକେଲା ସର୍ବାଧିକ ୯୫ ଲକ୍ଷ ୭୫ ହଜାର ୫୪୦ ଟଙ୍କା ଜରିମାନା ଆଦାୟ କରିଛି । କେନ୍ଦ୍ରାଞ୍ଚଳ ରେଞ୍ଜ କଟକରୁ ୭୦ ଲକ୍ଷ ୨୪ ହଜାର ୯୦୦ ଟଙ୍କା, ପୂର୍ବାଞ୍ଚଳ ରେଞ୍ଜ ବାଲେଶ୍ୱରରୁ ୫୪ ଲକ୍ଷ ୭୬ ହଜାର ୫୦୦, ଉତ୍ତରାଞ୍ଚଳ ରେଞ୍ଜ ସମ୍ବଲପୁରରୁ ୩୮ ଲକ୍ଷ ୫୮ ହଜାର ୯୦୦ଟଙ୍କା, ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ତାଳଚେରରୁ ୨୯ ଲକ୍ଷ ୮୧ ହଜାର ୫୦୦ ଟଙ୍କା, ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ କୋରାପୁଟରୁ ୨୭ ଲକ୍ଷ ୪୩ ହଜାର ଟଙ୍କା, ଦକ୍ଷିଣାଞ୍ଚଳ ରେଞ୍ଜ ବ୍ରହ୍ମପୁରରୁ ୧୩ ଲକ୍ଷ ୫୪ ହଜାର ୯୦୦ ଟଙ୍କା ଜରିମାନା ଆଦାୟ ହୋଇଛି । ଖଣି ମାଫିଆଙ୍କ ବିରୋଧରେ କେନ୍ଦ୍ରାଞ୍ଚଳ ରେଞ୍ଜ କଟକରେ ୭୨ଟି ମାମଲା ରୁଜୁ କରାଯାଇ ୩୩ ଜଣଙ୍କୁ ଗିରଫ କରିଥିବା ବେଳେ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ତାଳଚେରରେ ୪୯ ଟି ମାମଲା ରୁଜୁ କରାଯାଇ ୧୮ ଜଣଙ୍କୁ ଗିରଫ କରାଯାଇଛି । ପଶ୍ଚିମାଞ୍ଚଳ ରେଞ୍ଜ ପୋଲିସ ୪୭ଟି ମାମଲା ରୁଜୁ କରିଥିବା ବେଳେ ୪୧ ଜଣ ନାମରେ ନୋଟିସ ଜାରି କରିଛି । ସେହିପରି ଦକ୍ଷିଣାଞ୍ଚଳ ରେଞ୍ଜ ପୋଲିସ ୧୬ଟି ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରିଥିବାବେଳେ ଉତ୍ତରାଞ୍ଚଳ ରେଞ୍ଜ ପୋଲିସ ୭ଟି ପିସ୍ତଲ ଓ ୨୦ଟି ଜୀବନ୍ତ ଗୁଳି ଜବତ କରିଛି । ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ପୋଲିସ ମଧ୍ୟ ୪ ଟି ଦେଶୀ ବନ୍ଧୁକ ଜବତ କରିଛି । ଆଗାମୀ ଦିନରେ ମଧ୍ୟ ଅପରାଧ ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ ଏହିପରି ସ୍ପେଶାଲ ଏନଫୋର୍ସମେଣ୍ଟ ଅଭିଯାନ ଜାରି ରହିବ ଏବଂ ବେଆଇନ ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି ।

# ୭୯ହଜାର୨୮୫ କେନ୍ଦୁପତ୍ର ତୋଳାଳିଙ୍କୁ ମିଳିନି ବୋନସ

**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

୨୦୨୫ମସିହାରେ କେନ୍ଦୁପତ୍ର କେରି ବିକ୍ରୀ କରିଥିବା ୭୯,୨୮୫ଜଣ କେନ୍ଦୁପତ୍ର ତୋଳାଳିଙ୍କୁ ୨୫ପ୍ରତିଶତ ବୋନସ ଟଙ୍କା ସହ ଟୋପି ବାବଦରେ ୧୦୦, ଚପଲ ପାଇଁ ୧୬୦୦ ପତ୍ର ବନ୍ଧେଇ କପଡା ପାଇଁ ୨୦୦ଟଙ୍କା ଲେଖାଏଁ ଏଯାଏଁ ମିଳିନି । ମିଳିଥିବା ତଥ୍ୟାନୁସାରେ, ୨୦୨୫ମସିହାରେ ନବରଙ୍ଗପୁର ଡିଭିଜନ ଅଧୀନରେ ଜିଲ୍ଲାରେ ୬ଟି ଯଥା ନବରଙ୍ଗପୁର, ପାପଡାହାଣ୍ଡି, ଉମରକୋଟ, ରାଇଘର, ଚନ୍ଦାହାଣ୍ଡି, ଡାବୁଗାଁ ରେଂଜ ଓ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ରେଂଜରେ ୭୯,୨୮୫ଜଣ କେନ୍ଦୁପତ୍ର ତୋଳାଳିଙ୍କ ଠାରୁ ୫କୋଟି ୯୭ଲକ୍ଷ ୯୯୦ କେରି କିଣାଯାଇଛି । କେରି ପିଛା ୩ ଟଙ୍କା୨୦ପଇସା ହିସାବରେ ୧୬କୋଟି ୩୧ଲକ୍ଷ ୭ହଜାର ୧୬୮ଟଙ୍କାର କିଣାଯାଇଛି । ୨୦୨୬ବର୍ଷରେ ୬ଟି ରେଞ୍ଜ୍‌ରେ ୪୫ହଜାର ଶ୍ରମିକଙ୍କ ଦ୍ୱାରା ୫୪ହଜାର ୨୦୦ଟି କେନ୍ଦୁ ଗୁଛା କୋଟେଇ କରାଯାଇଛି । ଚଳିତ ବର୍ଷ କେନ୍ଦୁପତ୍ର ଉତ୍ପାଦନ ପାଇଁ ସମୟ ଆଦୌ ଅନୁକୂଳ ହେଉନଥିବା ଦେଖାଯାଇଛି । ଜାନୁଆରି ଓ ଫେବ୍ରୁଆରି ମାସରେ କେନ୍ଦୁ ଗୁଛା କୋଟେଇ ( ନୂଆପତ୍ର କଅଁଳିବା ପାଇଁ କେନ୍ଦୁଗଛକୁ କଟାଯାଏ) ଆରମ୍ଭ ହୋଇଯାଏ । ପତ୍ର କଅଁଳିବା ପାଇଁ ଗୋଟିଏ ମାସ ଛଡ଼ାଯାଏ । ଏ ଭିତରେ ପତ୍ର କଅଁଳି ଯାଇଥାଏ । ମାର୍ଚ୍ଚ ଠାରୁ ଜୁନ ମାସ ପର୍ଯ୍ୟନ୍ତ ପତ୍ର ତୋଳାଯାଏ । ସାମାନ୍ୟ ବର୍ଷା କମିବା ପରେ ତୋଳାଳି ମାନେ ତୋଳିବା ଆରମ୍ଭ କରିଥିଲେ । ତେବେ ଏହାକୁ କେରି ବାନ୍ଧିବା ଏବଂ ଫଡ଼ିକୁ ନେବା ପୂର୍ବରୁ ଅପରାହ୍ନରେ ଜିଲ୍ଲାରେ ଅଦିନିଆ ବର୍ଷା ସାଙ୍ଗକୁ ଏବଂ କାଳବୈଶାଖୀ ଏହି ବ୍ୟବସାୟକୁ ଶକ୍ତ ଝଟ୍‌କା ଦେଇଛି । କେନ୍ଦୁ ଗୁଛା କୋଟେଇ ପରେ ବି ଭଲ ପତ୍ର ନ କଅଁଳିବା, ବର୍ଷାରେ ପତ୍ର ଓଦା ହେବା ପରେ ପତ୍ରର ଗୁଣାତ୍ମକ ମାନ ନ ରହୁନଥିବା ବେଳେ ତୋଳାଳୀମାନେ ମଧ୍ୟ ନିଜ ଶ୍ରମ ଅନୁଯାୟୀ ଉଚିତ ପାଉଣା ପାଉନାହାନ୍ତି । ୨୦୨୬ମସିହାରେ ୮୦ହଜାର ତୋଳାଳିଙ୍କ ଠାରୁ କେନ୍ଦୁପତ୍ର କେରୀ କିଣିବା ଲକ୍ଷ୍ୟ ରହିଛି ବୋଲି ନବରଙ୍ଗପୁର କେନ୍ଦୁଲିଫ ଡିଭିଜନ ଡିଏଫଓ ପକ୍ଷରୁ ସୂଚନା ମିଳିଛି । କେନ୍ଦୁପତ୍ର ତୋଳା କାମରେ ଜିଲ୍ଲାର ୮୦ରୁ ୯୦ ହଜାର ପରିବାର ନିୟୋଜିତ ହେଉଥିବା ବେଳେ ଏଥିରେ ତାଙ୍କର ଆର୍ଥିକ ସ୍ଥିତିରେ ମଧ୍ୟ ସୁଧାର ଆସିଥାଏ । ଶ୍ରମିକମାନଙ୍କୁ ପତ୍ରତୋଳା ବାବଦ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ, ପୂର୍ବରୁ ୧ ହଜାର କେରି ବଦଳରେ ଯେଉଁ ସୁବିଧା ମିଳୁଥିଲା ଏବେ ୨ ହଜାର କେରି ଦେଲେ ସେହି ସୁବିଧା ଦେବା ଶ୍ରମିକଙ୍କୁ ହତାଶ କରିଛି । ତୋଳାଳି କଲ୍ୟାଣ ପାଣ୍ଠୀ ଅଧୀନରେ ୯୧ଜଣଙ୍କୁ କୋଟିଏ ୭୯ଲକ୍ଷ ଦିଆଯାଇଛି ବୋଲି କହିଛନ୍ତି ଡିଏଫଓ ।





# ଜମିବାଡ଼ି ବିବାଦରୁ ଗଣ୍ଡଗୋଳ:ସୁରଟରୁ ୫ ଆସାମୀ ଗିରଫ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**



ଧର୍ମଶାଳା ଥାନା ଅନ୍ତର୍ଗତ ବାରକାମ ପଞ୍ଚାୟତର ବେତଣ୍ଡା ଗ୍ରାମରେ ଜମିବାଡ଼ି ବିବାଦକୁ ଯୁବକ ସୁକାନ୍ତ ମଲିକ (୩୦)ଙ୍କ ମୃତ୍ୟୁ ଘଟଣାରେ ଧର୍ମଶାଳା ପୋଲିସ ୫ ଜଣ ମୁଖ୍ୟ ଆସାମୀଙ୍କୁ ସୁରଟରୁ ଗିରଫ କରିବାରେ ସଫଳ ହୋଇଛି। ମୋଟ ଗିରଫ ସଂଖ୍ୟା ୧୩ରେ ପହଞ୍ଚିଛି। ମଧ୍ୟରେ ଧର୍ମଶାଳା ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ରୋଡ଼ ଏସ୍‌ଡିପିଓ ଶରତଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ଯେ ମୃତ ସୁକାନ୍ତଙ୍କ ସ୍ତ୍ରୀ କାବେରୀ ମଲିକଙ୍କ ଅଭିଯୋଗ କ୍ରମେ କେସ୍ ନଂ ୧୫୬/୨୬ ମାମଲା ରୁଜୁ କରି ୨୪ ଘଣ୍ଟା ମଧ୍ୟରେ ୭ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେବେଠୁ ମୁଖ୍ୟ ଆସାମୀମାନେ ଫେରାର୍ ଥିଲେ। ସେମାଙ୍କୁ ଧରିବାପାଇଁ ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରାଯାଇଥିଲା। ସେମାନଙ୍କୁ ଧରିବା ପାଇଁ ଏହି ଟିମ୍ ସୁରଟ ଯାଇଥିଲା। ସେଠାରୁ ସୁରଟ ପୋଲିସ ସହାୟତାରେ ଏହି ୫ ଜଣଙ୍କୁ ଧରି କୋର୍ଟରେ ସମର୍ପିତ କରିଥିଲେ। ପରେ କୋର୍ଟରୁ ସେମାନଙ୍କୁ ରିମାଣ୍ଡରେ ଅଣାଯାଇଥିଲା। ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ୨ ପଡ଼ୋଶୀ କାଳନ୍ଦୀ ମଲିକ ଓ ସୁକାନ୍ତ ମଲିକ ପରିବାର ମଧ୍ୟରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ବିବାଦ ରହିଥିଲା। ଘଟଣା ଦିନ ରାତିରେ ଏହି ବିବାଦ ଉଗ୍ରରୂପ ନେଇଥିଲା। କାଳନ୍ଦୀ ମଲିକ ପରିବାର ଲୋକେ ସଂଘବଦ୍ଧ ଭାବେ ସୁକାନ୍ତଙ୍କୁ ଆକ୍ରମଣ କରିଥିଲେ। ତାକୁ ଗୁରୁତର ଅବସ୍ଥାରେ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା, ଫାର୍ସା, କଟୁରୀ ପୋଲିସ ଜବତ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁ ଉପସ୍ଥିତଥିଲେ।

# ସ୍ୱାଧୀନତାର ୭୭ ବର୍ଷ ପରେ ସମାଧାନ ହେଉନି ପାନୀୟ ଜଳ ସମସ୍ୟା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ସମାଧାନ ହେଇପାରୁନାହିଁ ଜିଲ୍ଲାରେ ପାନୀୟ ଜଳ ସମସ୍ୟା। କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ପାନୀୟ ଜଳ ଲୋକଙ୍କ ପାଖରେ ଘରେ ଘରେ ପହଞ୍ଚାଇବା ପାଇଁ ବିଭିନ୍ନ ଯୋଜନା ହେଉଥିବାବେଳେ ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତରେ ପାନୀୟଜଳ ଲୋକଙ୍କ ଘରେ ପହଞ୍ଚିପାରିନାହିଁ। ଏବେ ମଧ୍ୟ ଦୁଇ କିଲୋମିଟର ଓ ପାଞ୍ଚ କିଲୋମିଟର ପର୍ଯ୍ୟନ୍ତ ଘରୁ ଯାଇ ପିଇବା ପାଇଁ ଲୋକେ ନେଇ ଆସୁଛନ୍ତି। ଏ ନେଇ ଦୈନିକ ଜିଲ୍ଲାପାଳଙ୍କ ନିକଟରେ ପାନୀୟ ଜଳ ପାଇଁ ଅଭିଯୋଗ ହେଉଛି। ଏହିଭଳି ଏକ ଅଭିଯୋଗ ଆସିଛି କେନ୍ଦ୍ରାପଡା ଜିଲ୍ଲା ଚାନ୍ଦି ବାଉଁଶମୂଳ ପଞ୍ଚାୟତ କଲୋନୀରେ ଲୋକ ପାନୀୟ ଜଳ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗ୍ରାମରେ ୩ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ମାତ୍ର ଗୋଟିଏ ଟ୍ୟୁବ୍‌ୱେଲ୍ ଏଠାରେ ରହିଛି। ଗୋଟିଏ ଟ୍ୟୁବ୍‌ୱେଲ୍ ଥିବାରୁ ଗ୍ରାମବାସୀମାନେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ଲାଇନ୍‌ରେ ରହି ପାନୀୟ ଜଳ ସଂଗ୍ରହ କରୁଛନ୍ତି। ତିନିଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ପାଇଁ ଗୋଟିଏ ମାତ୍ର ଟ୍ୟୁବ୍‌ୱେଲ୍ ରହିଥିବାରୁ ଏ ନେଇ ଦୀର୍ଘଦିନ ହେଲା ଗ୍ରାମୀଣ ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଆଉ ଦୁଇଗୋଟି ଟ୍ୟୁବ୍‌ୱେଲ୍ ଠାକୁରାଣୀଙ୍କ ନିକଟରେ ବସାଇବା ପାଇଁ ଗ୍ରାମର ପ୍ରମୋଦ କୁମାର ପରିଡା, ଜନକର ରାଉତ, ବାସୁଦେବ ରାଉତ, ମନୋରଞ୍ଜନ ରାଉତ, ଶ୍ରୀକାନ୍ତ ଖଟୁଆ, ପ୍ରଫୁଲ୍ଲ ପାତ୍ର, ସୁଧାକର ପାତ୍ର ପ୍ରମୁଖ ଦାବି କରିଛନ୍ତି।

# ପ୍ରାଚୀନ କାଳର ପୁରାତନ ବରାହ ମୂର୍ତ୍ତି ଉଦ୍ଧାର

**ସାଲେପୁର, ନ୍ୟୁଜ୍**



କଟକ ଜିଲ୍ଲା ସାଲେପୁର ଅଞ୍ଚଳରୁ ଉଦ୍ଧାର ହୋଇଛି ଗଙ୍ଗବଂଶୀୟ ରାଜାଙ୍କ ସମୟର ଏକ ବିରଳ ଓ ବହୁ ପୁରାତନ ବରାହ ମୂର୍ତ୍ତି। ପ୍ରାୟ ତିନି ଫୁଟରୁ ଅଧିକ ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତିର କାରୁକାର୍ଯ୍ୟ ଦେଖି ଏହାର ଐତିହାସିକ ଗୁରୁତ୍ୱ ଅନୁମାନ କରାଯାଉଛି। ଘଟଣା ମୁତାବକ, ସାଲେପୁର ବ୍ଲକର ପୁର୍ବକଚ୍ଛ ସ୍ଥିତ ପୁରାତନ ନୃସିଂହ ଚାପ ପୁଷ୍କରିଣୀ ନିକଟରେ ସଞ୍ଜୟ ପାଣିଗ୍ରାହୀ ଗାଈ ଚରାଇବା ପାଇଁ ଯାଇଥିବାବେଳେ ହଠାତ୍ ଏହି ମୂର୍ତ୍ତିକୁ ଦେଖିଥିଲେ। ପରେ ସେ ଏହି ସମ୍ପର୍କରେ ତହସିଲଦାରଙ୍କ ଇଟ୍ ଷ୍ଟ୍ରଟର କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀମାନେ ମୂର୍ତ୍ତିଟିକୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଇତିହାସ ଏବଂ ଲୋକକଥା ଅନୁଯାୟୀ, କାଞ୍ଚି ଅଭିଯାନ ସମୟରେ ବିଜୟ ଲାଭ ପରେ ରାଜା ଲକ୍ଷ୍ମୀନୃସିଂହ ବିଗ୍ରହ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ କଳାପାହାଡ଼ଙ୍କ ଆକ୍ରମଣ ସମୟରେ ମନ୍ଦିର ଓ ବିଗ୍ରହଗୁଡ଼ିକୁ ରକ୍ଷା କରିବା ପାଇଁ ରାଜା ଓ ପୂଜକମାନେ ଏହି ମୂର୍ତ୍ତିଗୁଡ଼ିକୁ ପୁଷ୍କରିଣୀ ମଧ୍ୟରେ ଲୁଚାଇ ରଖିଥିବା ଅନୁମାନ କରାଯାଉଛି। କେବଳ ଏହି ବରାହ ମୂର୍ତ୍ତି ନୁହେଁ, ଏହି ଅଞ୍ଚଳରେ ଆହୁରି ଅନେକ ପୁରାତନ ଓ ବିରଳ ମୂର୍ତ୍ତି ଲୁକ୍କାୟିତ ଭାବେ ରହିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ରାଜ୍ୟ ସରକାର ଏହି ମୂର୍ତ୍ତି ଉଦ୍ଧାର ପାଇଁ ପ୍ରୟାସ କରିଥିଲେ ମଧ୍ୟ ସଫଳତା ମିଳିନଥିଲା। ଏବେ ପୁନଃ ସରକାର ଉପଯୁକ୍ତ ଉଦ୍ଧାର କାର୍ଯ୍ୟକୁ ଆଗକୁ ବଢ଼ାଇବା ପାଇଁ ସ୍ଥାନୀୟ ଯୁବପିଢ଼ି ଦାବି କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଏପରି ପ୍ରୟାସ ହେଲେ ଆହୁରି ବହୁ ପୁରାତନ ଐତିହ୍ୟ ବିଜଡିତ ତଥ୍ୟ ସାମ୍ନାକୁ ଆସିପାରିବ।

## ///// ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ସୁନ୍ଦରଗଡ଼ ଗସ୍ତ /////

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ସମୀକ୍ଷା

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଗତ ୨୨ ତାରିଖରେ ସୁନ୍ଦରଗଡ଼ ଠାରେ ଓଡ଼ିଶାର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲ୍ଲାର ପ୍ରଭାରୀ ସୁରେଶ ପୂଜାରୀଙ୍କ ଦିନିକିଆ ସୁନ୍ଦରଗଡ଼ ଗସ୍ତ। ଏହି ଗସ୍ତ ସମୟରେ ମନ୍ତ୍ରୀଙ୍କ ଦ୍ୱାରା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟ ତଥା ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦର ତହସିଲ ପ୍ରାଙ୍ଗଣରେ ଆୟୋଜିତ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ଦ୍ୱାରା ସଦର ତହସିଲ ଓ ଲେଫ୍ରୀପଡା ତହସିଲ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାଳୟ ଏବଂ ସରକାରୀ ବାସଗୃହ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିମଧ୍ୟରୁ ନୂତନ ସଦର ତହସିଲ କାର୍ଯ୍ୟାଳୟ, ସଦର ତହସିଲ ଆର.ଆଇ. କାର୍ଯ୍ୟାଳୟ ତଥା ବାସଗୃହ ନିର୍ମାଣ, ମଝାପଡ଼ା ଆର୍‌ଆଇ କାର୍ଯ୍ୟାଳୟ ତଥା ବାସଗୃହ, ଭସ୍ମା ଆର୍.ଆଇ କାର୍ଯ୍ୟାଳୟ ତଥା ବାସଗୃହ ନିର୍ମାଣ ରହିଛି। ସେହିଭଳି ଲେଫ୍ରୀପଡ଼ା ଆର୍.ଆଇ. କାର୍ଯ୍ୟାଳୟ ତଥା ବାସଗୃହ, ଲେଫ୍ରୀପଡ଼ା ତହସିଲ କାର୍ଯ୍ୟାଳୟ, ରାଇଡିହି ଆର୍.ଆଇ କାର୍ଯ୍ୟାଳୟ ତଥା ବାସଗୃହ ଏବଂ ଲେଫ୍ରୀପଡ଼ା ତହସିଲ ଠାରେ ଓସ୍ୱାନ ଭିଡିଓ କନ୍‌ଫରେନ୍ସ ହଲ୍ ନିର୍ମାଣ ଆଦି ରହିଛି। ଏହି ଅବସରରେ ସଦର ତହସିଲର ୨୫ ଜଣ ଏବଂ ଲେଫ୍ରୀପଡ଼ା ତହସିଲ ଅର୍ନ୍ତଗତ ୧୭ ଜଣ ହିତାଧିକାରୀ ମାନଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କରାଯାଇଥିଲା। ସେହିଭଳି ପାଣିରେ ବୁଡି ମୃତ୍ୟୁବରଣ କରିଥିବା ୨ ଜଣଙ୍କ ନିକଟତର ପରିଜନଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନ ସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ସଦର ଉପ ଜିଲ୍ଲାପାଳ ତେଜସ୍ୱିନୀ ବେହେରା ଏବଂ ବରିଷ୍ଠ ନେତୃବୃନ୍ଦ, ଅନ୍ୟାନ୍ୟ ଅଧିକାରୀ ତଥା ହିତାଧିକାରୀ ମାନେ ଉପସ୍ଥିତ ଥିଲେ। ପରେ ପରେ ସ୍ଥାନୀୟ ବିକାଶ ଭବନ ଠାରେ ମନ୍ତ୍ରୀଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ବଣାଇ ଉପ ଜିଲ୍ଲାପାଳ ଅଶୋକ କୁମାର ଦାସ, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ସମସ୍ତ ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ଼ା ମହାପାତ୍ର ଜିଲ୍ଲାରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପ ତଥା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ। ବୈଠକରେ ମନ୍ତ୍ରୀ ବିଭିନ୍ନ ବିଭାଗ ଗୁଡ଼ିକର କାର୍ଯ୍ୟକଳାପ ଉପରେ ସମୀକ୍ଷା କରି ଜନସାଧାରଣମାନେ ନିଜର କାର୍ଯ୍ୟ ନିମନ୍ତେ ପ୍ରଶାସନ ପାଖକୁ ଆସିବା ପରିବର୍ତ୍ତେ ପ୍ରଶାସନ ଜନସାଧାରଣଙ୍କ ନିକଟରେ ପହଞ୍ଚି ସମସ୍ତ ସରକାରୀ ସୁବିଧା, ଯୋଜନା, କାର୍ଯ୍ୟକ୍ରମ ଆଦି କିଭଳି ପହଞ୍ଚି ପାରିବ ଏବଂ ସମସ୍ତେ କିଭଳି ଯୋଜନା ଗୁଡିକରେ ସାମିଲ୍ ହୋଇପାରିବେ ତାହା ଉପରେ ପୂଜାରୀ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମୀକ୍ଷା କରିଥିଲେ ଏବଂ ଜବରଦଖଲ ଉଚ୍ଛେଦ, ବାଲିର ଚୋରା ଚାଲାଣ ରୋକିବା ଆଦି ଉପରେ ଆଲୋଚନା କରିଥିଲେ ଏବଂ ଜରୁରୀକାଳୀନ ପରିସ୍ଥିତିରେ ବିପର୍ଯ୍ୟୟ ପରିଚାଳନାକୁ ଗୁରୁତ୍ୱାରୋପ କରିଥିଲେ ଏବଂ ସମୟ ମଧ୍ୟରେ ଅନୁକମ୍ପା ରାଶି ପ୍ରଦାନ କରାଯିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିନିମନ୍ତେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି, ଡାକ୍ତର ଏବଂ ଅଣ ଡାକ୍ତର ମାନଙ୍କ ସ୍ଥିତି, ଜିଲ୍ଲାରେ ଚାଲୁଥିବା ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେହିଭଳି ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ଏବଂ ୱାଟ୍‌କୋ ପକ୍ଷରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡିକ ଉପରେ ଆଲୋଚନା ହୋଇଥିଲା। ସେହିଭଳି ଜଳ ସମ୍ପଦ ବିଭାଗ, ମେଗା ଉଠା ଜଳସେଚନ, କ୍ଷୁଦ୍ର ଜଳ ସେଚନ ଆଦି ବିଭାଗର ପ୍ରକଳ୍ପ ଗୁଡିକ ସ୍ଥିତି ଉପରେ ସମୀକ୍ଷା କରାଯାଇଥିଲା। ସେହିପରି ଜିଲ୍ଲା ଶିକ୍ଷା ବିଭାଗର ସମୀକ୍ଷା କରାଯାଇଥିଲା ଏବଂ ମନ୍ତ୍ରୀ ଚଳିତ ମାଟ୍ରିକ୍ ପରୀକ୍ଷା ରେଜଲ୍ଟ ଉପରେ ଆଲୋଚନା କରିଥିଲେ ଓ କିଭଳି ଭାବେ ଜିଲ୍ଲାରେ ଭଲ ରେଜଲ୍ଟ ହେବ ସେଥି ନିମନ୍ତେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ ଏବଂ ଶିକ୍ଷା ଭିତ୍ତିଭୂମିର ବିକାଶ ଉପରେ ମଧ୍ୟ ଆଲୋଚନା କରିଥିଲେ। ସେହିଭଳି ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଗୃହ ନିର୍ମାଣ, ସେତୁ ନିର୍ମାଣ, ରାସ୍ତା ନିର୍ମାଣ, ରାସ୍ତା ସଂଯୋଗିକରଣ ଆଦି ଉପରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ଅଙ୍ଗନୱାଡି ଭିତ୍ତିଭୂମି, ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ବିଦ୍ୟୁତୀକରଣ ଆଦି ଉପରେ ଆଲୋଚନା କରିଥିଲେ ଏବଂ ମା' ଓ ଶିଶୁ ମାନଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଜିଲ୍ଲାରେ ସୁଭଦ୍ରା ଯୋଜନା ଏବଂ ଲାଖ ପତି ଦିଦି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ସେହିଭଳି ଜିଲ୍ଲାରେ କୃଷିର ସ୍ଥିତି, ପିମ୍ କିଷାନ୍, ସିଏମ୍ କିଷାନ୍ ଆଦି ଉପରେ ଆଲୋଚନା କରିଥିଲେ। ସମବାୟ ବିଭାଗ ଅନ୍ତର୍ଗତ ଭିତ୍ତିଭୂମି, ମାର୍କେଟ୍ ୟାର୍ଡ, ପ୍ୟାକସ୍, ଆର୍.ଏମ୍.ସି ., ଶୀତଳଭଣ୍ଡାର, ଦୁଗ୍ଧ ଉତ୍ପାଦନ, ଆଦି ଉପରେ ଆଲୋଚନା କରାଯାଇଥିଲା। ସେହିଭଳି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ବିଭିନ୍ନ ଭିତ୍ତିଭୂମି, ପି. ଏମ୍ ଜନମନ୍, ଡି. ଏ. ଯାଗୁଆ ଆଦି ଉପରେ ଆଲୋଚନା କରାଯାଇଥିଲା। ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାରେ ଚାଉଳ ବଣ୍ଟନ, ଗ୍ୟାସ୍ ମହଜୁଦ୍, ପେଟ୍ରୋଲ୍ ଓ ଡିଜେଲ୍ ମହଜୁଦ ଥିବା ଉପସ୍ଥାପନ କରାଯାଇଥିଲା।



# ବରଗଡ଼ ଜିଲ୍ଲାରେ ଜନ ଭାଗିଦାରୀ ଅଭିଯାନର ଶୁଭାରମ୍ଭ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସୋହେଲା ବ୍ଲକ ସମ୍ମିଳନୀ କକ୍ଷଠାରେ ଜନଜାତି ଗରିମା ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ 'ଜନ ଭାଗିଦାରୀ- ସବସେ ଦୂର, ସବସେ ପହଲେ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗର ନିର୍ଦ୍ଦେଶକ୍ରମେ ମେ ମାସ ୧୮ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ପରିଚାଳିତ ହେଉଥିବା ଜିଲ୍ଲାର ୧୫୭ ଗୋଟି ଜନଜାତି ବହୁଳ ଗ୍ରାମରେ ଏହି ଅଭିଯାନ ମାଧ୍ୟମରେ ଦୂରଦୂରାନ୍ତରରେ ବସବାସ କରୁଥିବା ଆଦିବାସୀ ଏବଂ ବିଶେଷ ଭାବେ ବିପନ୍ନ ଜନଜାତି ସମୁଦାୟଙ୍କ ପାଖରେ ସମସ୍ତ ସରକାରୀ ଯୋଜନାର ଶତପ୍ରତିଶତ ସୁବିଧା ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ ଏବଂ ମିଶନ ଶକ୍ତି ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି ଓ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ଏହି ଅଭିଯାନରେ କାର୍ଯ୍ୟ କରିବେ । ସୂଚନାଯୋଗ୍ୟକୀ, ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ୧୫୭ ଗୋଟି ଜନଜାତି ବହୁଳ ଗ୍ରାମରେ ବିଶେଷ କ୍ୟାମ୍ପ ଆୟୋଜନ କରାଯାଇ ଜନଜାତି ସମ୍ପ୍ରଦାୟର ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଅଧୀନରେ ସମ୍ପୂର୍ଣ୍ଣ ସୁବିଧା ପ୍ରଦାନ ସହ ଆଧାର କାର୍ଡ ପଞ୍ଜୀକରଣ ଓ ସଂଶୋଧନ, ଆୟୁଷ୍ମାନ ଭାରତ, ରାସନ କାର୍ଡ, ସାମାଜିକ ଭତ୍ତା, ବ୍ୟାଙ୍କ ଆକାଉଣ୍ଟ ଏବଂ ଜାତିଗତ ପ୍ରମାଣପତ୍ର ଭଳି ଅତ୍ୟାବଶ୍ୟକ ସରକାରୀ ସେବା ଲୋକଙ୍କୁ ସିଧାସଳଖ ନିଜ ଗାଁରେ ଯୋଗାଇ ଦିଆଯାଉଛି। ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସମସ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ଏବଂ ସ୍ଥାନୀୟ ଜନପ୍ରତିନିଧିମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରଖି ସକ୍ରିୟ ଭାବେ ଅଂଶଗ୍ରହଣ କରିବା ସହ ପ୍ରତ୍ୟେକ ଗ୍ରାମର ଯୋଗ୍ୟ ହିତାଧିକାରୀଙ୍କୁ ସ୍ଥାନୀୟ ଭାବେ ସେବା ଯୋଗାଇ ଦେବାରେ ସାହାଯ୍ୟ କରିବାକୁ ଅନୁରୋଧ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଲଲାଟ କୁମାର ଲୁହା, ପଦମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ଏବଂ ସୋହେଲା ବ୍ଲକ ଅଧକ୍ଷା ବବି ପ୍ରଧାନଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହର ସଂଲଗ୍ନ ମାଉଳସିଙ୍ଗା ହାଇସ୍କୁଲ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁର ଅଞ୍ଚଳରୁ ଆସି ବୌଦ୍ଧ ସହର ରାଜନପାଲିରେ ନିଜ ଶ୍ୱଶୁର ଘରେ ପରିବାର ସହ ରହି ଶ୍ରମିକ ଭାବେ କାମ କରୁଥିବା ମୁ ସେଠୀ ନାମକ ଯୁବକ କାମ କରିବାକୁ ଆସି ଘରକୁ ଫେରିନଥିଲେ । ପରିବାର ଲୋକେ ତାଙ୍କୁ ରାତି ସାରା ଖୋଜା ଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇନଥିଲେ । ସକାଳ ୯ଟା ସମୟରେ ପୁଣି ଖୋଜାଖୋଜି କରିବା ଭିତରେ ମାଉଳସିଙ୍ଗା ହାଇସ୍କୁଲର ଦକ୍ଷିଣ ପାର୍ଶ୍ୱ ପଡିଆରେ ତାଙ୍କ ବାଇକ୍ ରଖାଯାଇଥିବା ଦେଖିବାକୁ ପାଇଥିଲେ । ସେହି ପାଖଆଖରେ ଖୋଜାଖୋଜି କରିବାପରେ ବେକରେ ଗାମୁଛା ଲଗାଇ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା । ଗଛର ଏକ ସନ୍ଧିରେ ତାଙ୍କ ମୋବାଇଲ୍ ରଖାଯାଇଥିଲା। ଏ ସମ୍ପର୍କରେ ଖବରପାଇ ବୌଦ୍ଧ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ଦେଶି ମଦ ଚାଲାଣ ବେଳେ ଚଢଉ:ଜଣେ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଚଢାଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ହାଡିଆ ଗ୍ରାମର ସମନାଥ କେଉଟ । ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରୀ ଥାନା ହାଡିଆ ରାସ୍ତାରେ ଚଢଉ କରିଛି । ଚଢଉ କରି ୩୦ ଲିଟର ଦେଶି ମଦ ଜବତ କରିଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି ।

# ବୌଦ୍ଧ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ହେବ 'ପେପର ଲେସ୍' କାର୍ଯ୍ୟ ପ୍ରଣାଳୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଫାଇଲ୍ ଓ ଡାକ ପ୍ରକ୍ରିୟାକୁ ଅଧିକ ତ୍ୱରିତ, ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ଓସ୍ୱାସର ସଫଳ କାର୍ଯ୍ୟାନ୍ୱୟନ ପାଇଁ ଏକ ସମୀକ୍ଷା ବୈଠକ ଓସ୍ୱାନ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ଓ ବ୍ଲକ୍‌ସ୍ତରର ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଏବଂ ବୌଦ୍ଧ ଜିଲ୍ଲାର ସମସ୍ତ ଡେପୁଟି କଲେକ୍ଟର ଓ ସହକାରୀ ଜିଲ୍ଲାପାଳମାନେ ଯୋଗଦେଇଥିଲେ। ଭୁବନେଶ୍ୱର ସ୍ଥିତ ଓକାକ୍ ସମ୍ମିଳନୀ କକ୍ଷରୁ ଓକାକ୍‌ର ଡୋମେନ୍ ଆଡଭାଇଜର ସତ୍ୟରଞ୍ଜନ ସାହୁ ମଧ୍ୟ ଭର୍ଚ୍ୟୁଆଲ୍ ମାଧ୍ୟମରେ ବୈଠକରେ ସମ୍ମିଳିତ ହୋଇଥିଲେ। ଜିଲ୍ଲା ଇ-ଗଭର୍ଣ୍ଣାନ୍ସ ମ୍ୟାନେଜର ସମୀର କୁମାର ନାଏକ ବୈଠକକୁ ପରିଚାଳନା କରିଥିଲେ। ବୈଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଧାନ ଅବଗତ କରାଇଥିଲେ ଯେ ବୌଦ୍ଧ ଜିଲ୍ଲାର ସମସ୍ତ ୭୯ଟି ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ ସଂରଚିତ କରାଯାଇସାରିଛି ଏବଂ ଏହା ମାଧ୍ୟମରେ ପେପରଲେସ୍ ଓ ସ୍ମାର୍ଟ ଅଫିସ୍ ବ୍ୟବସ୍ଥା ଦିଗରେ ଜିଲ୍ଲା ଦୃଢ଼ ପଦକ୍ଷେପ ନେଇଛି। ସମୀକ୍ଷା ବୈଠକରେ ୧ ଏପ୍ରିଲରୁ ୧୮ ମେ ପର୍ଯ୍ୟନ୍ତ ଫାଇଲ୍ ଓ ଡାକ ପ୍ରକ୍ରିୟାକରଣର ସ୍ଥିତି, ବିଭିନ୍ନ ବିଭାଗରେ ଓସ୍ୱାସ ବ୍ୟବହାର ହାର ଏବଂ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସୁଚାରୁ ଡିଜିଟାଲ୍ ଶାସନ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଓସ୍ୱାନ ସଂଯୋଗ ବିସ୍ତାରର ରୋଡମ୍ୟାପ୍ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ସମୟରେ ଓକାକର ଡୋମେନ୍ ଆଡଭାଇଜର ଶ୍ରୀ ସାହୁ ବୌଦ୍ଧ ଜିଲ୍ଲାର ଓସ୍ୱାସ କାର୍ଯ୍ୟାନ୍ୱୟନ ସ୍ଥିତିର ସମୀକ୍ଷା କରିଥିଲେ। ସେ ଓସ୍ୱାସର ସଫଳ ଓ ସୁଚାରୁ କାର୍ଯ୍ୟାନ୍ୱୟନ ପାଇଁ ବିଭିନ୍ନ ସୂଚନାତ୍ମକ ଦିଗ ଉପସ୍ଥାପନ କରି କହିଥିଲେ ଯେ,'ଓସ୍ୱାସ କେବଳ ଏକ ସଫ୍ଟୱେର୍ ନୁହେଁ, ଏହା ସ୍ୱଚ୍ଛ, ଦ୍ରୁତ ଓ ଉତ୍ତରଦାୟୀ ପ୍ରଶାସନ ଗଠନର ଏକ ସାମୂହିକ ପ୍ରୟାସ।' ସେ ବୌଦ୍ଧ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ଓସ୍ୱାସର ଶତପ୍ରତିଶତ କାର୍ଯ୍ୟକାରୀ ବ୍ୟବହାର ସୁନିଶ୍ଚିତ କରିବା ସହ ଫାଇଲ୍ ଓ ଡାକ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଡିଜିଟାଲ୍ ମାଧ୍ୟମକୁ ନେବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ପଦକ୍ଷେପ ଫଳରେ ବୌଦ୍ଧ ଜିଲ୍ଲାରେ ଇ-ଗଭର୍ଣ୍ଣାନ୍ସ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବା ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ଦ୍ରୁତତା ଓ ଦକ୍ଷତା ବୃଦ୍ଧି ପାଇବ ବୋଲି ଆଶା ପ୍ରକାଶ ପାଇଛି।

# ତାଳପତ୍ର ପୋଥି ଓ ପ୍ରାଚୀନ ଗ୍ରନ୍ଥ ସଂରକ୍ଷଣ ପାଇଁ "ଜ୍ଞାନ ଭାରତମ ମିଶନ"ର ସର୍ଭେ ଆରମ୍ଭ

**କଟକ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଚାଲୁଥିବା "ଜ୍ଞାନ ଭାରତମ ମିଶନ" ମାଧ୍ୟମରେ ଓଡ଼ିଶା ସହ ସାରା ଦେଶରେ ଗଚ୍ଛିତ ଥିବା ପାଣ୍ଡୁଲିପି, ତାଳପତ୍ର ପୋଥି ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକର ସର୍ଭେ ଓ ଦସ୍ତାବିଜକରଣ କାର୍ଯ୍ୟକ୍ରମ ଆଗେଇ ଚାଲିଛି । ଏହି ମିଶନର ଲକ୍ଷ୍ୟ ହେଉଛି ଭାରତର ପୁରାତନ ଜ୍ଞାନ ପରମ୍ପରାକୁ ସଂରକ୍ଷଣ କରିବା ସହ ଡିଜିଟାଲ୍ ମାଧ୍ୟମରେ ଏହାକୁ ସୁରକ୍ଷିତ ରଖିବା। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ପୁରାତନ ଅନୁଷ୍ଠାନ, ମଠ, ମନ୍ଦିର, ପୁସ୍ତକାଳୟ, କାର୍ଯ୍ୟାଳୟ, ଅଭିଲେଖାଗାର ଓ ବ୍ୟକ୍ତିଗତ ସ୍ତରରେ ସଂରକ୍ଷିତ ଥିବା ପାଣ୍ଡୁଲିପି, ତାଳପତ୍ର ପୋଥି ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ "ଜ୍ଞାନ ଭାରତମ୍ ମିଶନ" ପକ୍ଷରୁ ପ୍ରଦତ୍ତ ଆପ୍ ମାଧ୍ୟମରେ ପଞ୍ଜୀକରଣ କରାଯିବ। ମିଶନ ଅଧୀନରେ ଉକ୍ତ ପାଣ୍ଡୁଲିପି ଓ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ କେବଳ ଡିଜିଟାଇଜେସନ୍ କରାଯିବ। ମୂଳ ପାଣ୍ଡୁଲିପି, ତାଳପତ୍ର ପୋଥି ଓ ଗ୍ରନ୍ଥଗୁଡ଼ିକ ସମ୍ପୃକ୍ତ ସଂସ୍ଥା କିମ୍ବା ବ୍ୟକ୍ତିବିଶେଷଙ୍କ ନିକଟରେ ହିଁ ସୁରକ୍ଷିତ ଭାବେ ରହିବ ବୋଲି ସୂଚନା ଦିଆଯାଇଛି । ଏହା ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଜ୍ଞାନ ପରମ୍ପରାର ସଂରକ୍ଷଣ ଓ ଅଭିବୃଦ୍ଧି ହେବା ସହ ଭବିଷ୍ୟତ ପିଢି ପାଇଁ ଏହି ଅମୂଲ୍ୟ ଐତିହ୍ୟକୁ ଡିଜିଟାଲ୍ ରୂପରେ ସୁରକ୍ଷିତ କରାଯିବ। ଯଦି କୌଣସି ସଂସ୍ଥା କିମ୍ବା ବ୍ୟକ୍ତି ବିଶେଷଙ୍କ ନିକଟରେ ପାଣ୍ଡୁଲିପି, ତାଳପତ୍ର ପୋଥି କିମ୍ବା ପ୍ରାଚୀନ ଗ୍ରନ୍ଥ ରହିଛି, ସେମାନଙ୍କୁ କଟକ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ପଞ୍ଜିକରଣ ପ୍ରକ୍ରିୟାରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୪।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୦ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୫୮ ଚନ୍ଦ୍ରୋଦୟ- ଦିଘ ୧୨।୨୮।୫୩**

**ନବମୀ-** ନିଘ ୪।୩୩ ପର୍ଯ୍ୟନ୍ତ। ପୂର୍ବାଫାଲ୍ଗୁନୀ ନକ୍ଷତ୍ର ରାଘ ୨।୫୩ ପର୍ଯ୍ୟନ୍ତ। **ସିଂହ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ନିଘ ୪।୩୩ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୮ ଗତେ ଦିଘ ୯।୩୪ ମଧ୍ୟେ ଦିଘ ୧।୨୨ ଗତେ ଦିଘ ୨।୪୮ ମଧ୍ୟେ।



**ମେଷ:** ଶତ୍ରୁଙ୍କ ପରିମାଣ ବଢ଼ିବ। ବିବାଦୀୟ ବିତର୍କ କ୍ଷେତ୍ରରୁ ଦୂରେଇ ରହିବା ଶ୍ରେୟସ୍କର। ମାନସିକ ଦୁଶ୍ଚିନ୍ତା ଦେଖାଦେବ। ଘରେ କଳହ ଓ ମନାନ୍ତରର ସୂଚନା। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ।



**ବୃଷ:** ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ। ଅଟକି ରହିଥିବା କାମଟି ଆରମ୍ଭ ହୋଇପାରେ। ଆୟରେ ଉନ୍ନତି ଦେଖାଦେବ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଓ ମନ ଭଲ ରହିବ।



**ମିଥୁନ:** ଶରୀର ସୁସ୍ଥ ରହିବ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ। ଧନ ଲାଭର ସୁଯୋଗ। ଘରେ ଆନନ୍ଦ ଦେଖାଦେବ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବାର ସୂଚନା।



**କର୍କଟ:** ବ୍ୟବସାୟରେ କ୍ଷତି ଘଟିବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅଶାନ୍ତି ଦେଖାଦେଇପାରେ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ। ମନ ଅସ୍ଥିର ରହିବ।



**ସିଂହ:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ। ରୋଜଗାରର ପରିମାଣ ବୃଦ୍ଧି ପାଇବ। ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ ହେବେ। ଗୃହେ ଖୁସି ଓ ଆନନ୍ଦ ରହିବ। ଅପେକ୍ଷା କରିଥିବା ଖବରଟି ମିଳିପାରେ।



**କନ୍ୟା:** ଅଣ୍ଟି ଛୁରୀ ତଣ୍ଟି କାଟିଲା ପରି ନିଜର ଲୋକ ଶତ୍ରୁତା ଆଚରଣ କରିପାରନ୍ତି। ରୋଜଗାର ସ୍ଥିର ରହିବ। ଘରେ ପିଲାଙ୍କ କଥାକୁ ନେଇ ଅଶାନ୍ତି ଦେଖାଦେଇପାରେ। ଦେବ ଦର୍ଶନ ସହ ପୂଜା ମଧ୍ୟ କରିପାରନ୍ତି।



**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟରେ ଲାଭବାନ୍ ହେବେ। ରୋଜଗାର ଭଲ ହେବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



**ବିଛା:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ଯେଉଁ କାର୍ଯ୍ୟ ନିମନ୍ତେ ଦୂରକୁ ଯାତ୍ରା କରିବେ ତାହା ସଫଳ ହେବ। ଗୃହେ ଖୁସିର ବାତାବରଣ ରହିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ।



**ଧନୁ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ବ୍ୟବସାୟରେ ମଧ୍ୟମ ଧରଣର ଫଳ ପାଇବେ। ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି। ପାରିବାରିକ ଜୀବନରେ ସୁଖ ଶାନ୍ତି ଅବ୍ୟାହତ ରହିବ।



**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ। ଖର୍ଚ୍ଚର ମାତ୍ରା ସାମାନ୍ୟ ବଢ଼ିବ। କୌଣସି ଏକ କଥାକୁ ନେଇ ଟେନ୍‌ସନ୍ ହୋଇପାରନ୍ତି। ଘରେ କଳହ।



**କୁମ୍ଭ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ। ଆୟରେ ଉନ୍ନତି ଦେଖାଦେବ। ଶାରୀରିକ କଷ୍ଟ ଦେଖାଦେବ। ମହିଳାମାନେ ସୁଖୀ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଭ୍ରମଣ ଯୋଗ ରହିଛି।



**ମୀନ:** ପାରିବାରିକ ଜୀବନ ବ୍ୟସ୍ତ ବହୁଳ ଭିତରେ କଟିବ। ଆୟ ସାମାନ୍ୟ ବଢ଼ିବ। ପୁରାତନ ରୋଗରୁ ଉପଶମ ମିଳିବ। ସାମାଜିକ ସ୍ତରରେ ସମ୍ମାନିତ ହେବେ। କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ମିଳିପାରେ।

# ଭଞ୍ଜନଗର ପୌରାଧ୍ୟକ୍ଷଙ୍କ ଘର ଉପରକୁ ବୋମାମାଡ଼

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଭଞ୍ଜନଗର ପୌରାଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ରଙ୍କ ଘର ଉପରକୁ ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ବୋମା ମାଡ଼ କରିଛନ୍ତି। ବୋମା ମାଡ଼ରେ କେହି ମୃତାହତ ହୋଇନାହାନ୍ତି । ବୋମା ମାଡ଼ ସମୟରେ ପୌରାଧ୍ୟକ୍ଷ ଘରେନଥିଲେ। ରାଜନୈତିକ ଶତ୍ରୁତାରୁ ଏପରି କରାଯାଇଥିବା ଅନୁମାନ କରାଯାଉଛି। ଖବରପାଇ ଭଞ୍ଜନଗର ପୋଲିସ ଘଟଣାର ତଦନ୍ତ କରୁଛି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୫।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୪୩ ଚନ୍ଦ୍ରୋଦୟ- ଦିଘ ୧।୨୦।୧୮**

**ଦଶମୀ-** ଅହୋରାତ୍ର। ଉତ୍ତରା ଫାଲ୍ଗୁନୀ ନକ୍ଷତ୍ର ରାଘ ୪।୧୧ ପର୍ଯ୍ୟନ୍ତ। **ସିଂହ ଚନ୍ଦ୍ର-** ଦିଘ ୯।୧୧ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର। ଦିଘ ୯।୧୧ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର। **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର। ଦିଘ ୯।୧୧ ଗତେ ବୃଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୨ ଗତେ ଦିଘ ୧୦।୨୭ ମଧ୍ୟେ।

ପ୍ରଭାତୀୟ
32 YEARS
ସମ୍ବାଦ କାଳିକା

# ବିକଶିତ ଭାରତ ୨୦୪୭

ବିକଶିତ ଭାରତ ୨୦୪୭ ପାଇଁ ପ୍ରସ୍ତୁତ ହେଲା ମେଗା ପ୍ଲାନ୍। ରାଜଧାନୀ ଦିଲ୍ଲୀସ୍ଥିତ 'ସେବା ତୀର୍ଥ'ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ମନ୍ତ୍ରୀପରିଷଦର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୪ରୁ ୫ ଘଣ୍ଟା ଧରି ଚାଲିଥିବା ଏହି ମାରାଥନ ବୈଠକରେ ସରକାରଙ୍କ ବିଭିନ୍ନ ପ୍ରମୁଖ ମନ୍ତ୍ରଣାଳୟର କାର୍ଯ୍ୟଦକ୍ଷତା, ଆଗାମୀ ରଣନୀତି, ବିଶ୍ୱସ୍ତରୀୟ ଶକ୍ତି ସଙ୍କଟ ଏବଂ 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ଉପରେ ବ୍ୟାପକ ସମୀକ୍ଷା କରାଯାଇଛି । ସରକାରଙ୍କ ତୃତୀୟ ପାଳିର ଦ୍ୱିତୀୟ ବର୍ଷ ପୂର୍ତ୍ତି ପୂର୍ବରୁ ଏହାକୁ ଏକ ପ୍ରକାରର 'ମିଡ୍-ଟର୍ମ ରିଭ୍ୟୁ' ବା ମଧ୍ୟବର୍ତ୍ତୀକାଳୀନ ସମୀକ୍ଷା ବୋଲି କୁହାଯାଉଛି । ଏହି ହାଇପ୍ରୋଫାଇଲ୍ ବୈଠକରେ କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାଧୀନ ଦାୟିତ୍ୱପ୍ରାପ୍ତ ରାଷ୍ଟ୍ରମନ୍ତ୍ରୀ ଏବଂ ସମସ୍ତ ରାଷ୍ଟ୍ରମନ୍ତ୍ରୀଙ୍କ ସହ ନୀତି ଆୟୋଗର ସଦସ୍ୟ ଓ ବରିଷ୍ଠ ସଚିବମାନେ ମଧ୍ୟ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ସରକାରଙ୍କ ୯ଟି ପ୍ରମୁଖ ମନ୍ତ୍ରଣାଳୟ ଏବଂ ପ୍ରାୟ ୭୮ଟି ବିଭାଗ ପକ୍ଷରୁ ନିଜ ନିଜର କାର୍ଯ୍ୟ ଏବଂ ପ୍ରଗତି ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ବିଶେଷ କରି କୃଷି, ଜଙ୍ଗଲ ଓ ପରିବେଶ, ଶ୍ରମ, ସଡ଼କ ପରିବହନ, କର୍ପୋରେଟ୍ ବ୍ୟାପାର, ବୈଦେଶିକ ବ୍ୟାପାର, ବାଣିଜ୍ୟ ଏବଂ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ସେମାନଙ୍କ ସଫଳତା ଓ ଆଗାମୀ ଯୋଜନା ବିଷୟରେ ବିସ୍ତୃତ ତଥ୍ୟ ରଖାଯାଇଥିଲା । କ୍ୟାବିନେଟ୍ ସଚିବ ଟି. ଭି. ସୋମନାଥନ୍ ଏବଂ ନୀତି ଆୟୋଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ସରକାରୀ ସଂସ୍କାରର ଏକ ରୋଡମ୍ୟାପ୍ ପ୍ରଦର୍ଶନ କରିଥିଲେ । ତେବେ ଯେଉଁ ସବୁ ମନ୍ତ୍ରଣାଳୟର ପ୍ରଦର୍ଶନ ଅପେକ୍ଷାକୃତ ଦୁର୍ବଳ କିମ୍ବା ମନ୍ଥର ରହିଛି, ସେମାନଙ୍କୁ ପ୍ରଧାନମନ୍ତ୍ରୀ ସିଧାସଳଖ ତାଗିଦ୍ କରିବା ସହ ନିଜର କାର୍ଯ୍ୟଶୈଳୀରେ ତୁରନ୍ତ ସୁଧାର ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶାସନରେ ସ୍ୱଚ୍ଛତା, ଦ୍ରୁତତା ଏବଂ ସରଳତା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ନିର୍ଦ୍ଦେଶଗୁଡ଼ିକ ହେଲା: ସରକାରୀ ସ୍ତରରେ କୌଣସି ବି ଫାଇଲ୍ ଯେପରି ଅନାବଶ୍ୟକ ଭାବେ ଅଟକି ନରୁହେ, ତାହା ନିଶ୍ଚିତ କରିବାକୁ ହେବ । କମ୍ ସମୟ ମଧ୍ୟରେ ଅଧିକରୁ ଅଧିକ କାର୍ଯ୍ୟ ସମ୍ପାଦନ କରିବା ସରକାରଙ୍କ ପ୍ରାଥମିକତା ହେବା ଉଚିତ୍ । ପ୍ରଶାସନିକ ପ୍ରକ୍ରିୟାକୁ ଏଭଳି ସରଳ କରାଯାଉ ଯେପରି ସାଧାରଣ ଜନତାଙ୍କ ଜୀବନଧାରଣ ଅଧିକ ସହଜ ହେବ । ଜନସାଧାରଣଙ୍କ ଜୀବନରେ ସରକାରଙ୍କ ଅନାବଶ୍ୟକ ହସ୍ତକ୍ଷେପ କମ୍ ଏବଂ ସହଯୋଗ ଅଧିକ ରହିବା ଆବଶ୍ୟକ । ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ 'ବିକଶିତ ଭାରତ ୨୦୪୭' କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଏହା ଦେଶବାସୀଙ୍କ ଆକାଂକ୍ଷା ଓ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା। ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ସୁଦ୍ଧା କିଭଳି ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ ହେବ, ସେଥିପାଇଁ ପ୍ରତ୍ୟେକ ମନ୍ତ୍ରଣାଳୟକୁ ସମ୍ପୂର୍ଣ୍ଣ ଗମ୍ଭୀରତା ଓ ଦାୟିତ୍ୱର ସହ ଆଗାମୀ ପିଢ଼ିର ସଂସ୍କାର ଉପରେ କାମ କରିବାକୁ ପଡ଼ିବ । ଏହି ବୈଠକଟି ଏଭଳି ଏକ ସମୟରେ ଅନୁଷ୍ଠିତ ହୋଇଛି, ଯେତେବେଳେ ସାରା ବିଶ୍ୱରେ ଶକ୍ତି ସୁରକ୍ଷାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି । ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ପରିସ୍ଥିତି ଏବଂ ବିଶ୍ୱ ବାଣିଜ୍ୟର ପ୍ରମୁଖ ଜଳପଥ 'ହର୍ମୁଜ ପ୍ରଣାଳୀ' ଅଞ୍ଚଳରେ ଦେଖାଦେଇଥିବା ଅସ୍ଥିରତା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବଡ଼ ଧରଣର ଅସ୍ଥିରତା ଦେଖାଦେଇଛି । ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିଛି । ଏହି ସଙ୍କଟର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କୁ ଆଦେଶ ଦେଇଛନ୍ତି ଯେ, ଆମକୁ ଆମଦାନୀ ହେଉଥିବା ଇନ୍ଧନ ଉପରେ ନିର୍ଭରଶୀଳତା କମାଇବାକୁ ହେବ । ଏଥିପାଇଁ ଦେଶରେ ବାୟୋ-ଗ୍ୟାସ୍, ସୌର ଶକ୍ତି ଏବଂ ଅନ୍ୟାନ୍ୟ ଅକ୍ଷୟ ଶକ୍ତିର ଉତ୍ପାଦନ ତଥା ବ୍ୟବହାରକୁ ଦ୍ରୁତ ଗତିରେ ବଢ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ଆଶା କରି ଆସ ନାହିଁ ଆଶ୍ରା କର**

ଶ୍ରଦ୍ଧେୟ ଭକ୍ତବୃନ୍ଦ ପରମ ପିତା ପରଂବ୍ରହ୍ମ ଶରଣରେ ଆଶ୍ରୀତ ହୋଇଯାଅ ଦେଖିବୁ ଗୋଟିଏ ଫଳ କାମନା କଣ କରୁଛ । କୋଟୀ କୋଟୀ ଫଳ ତୁମ ପାଖରେ ଅଜାଡି ହୋଇ ପଡିବ । କାରଣ ଆଶା ନେଇ ଆସିଥିବା ବ୍ୟକ୍ତି ଜଣେ ସେ ଏତେ ମୁଣ୍ଡେଇ କି ନବ କିପରି । ତେଣୁ ପ୍ରଭୁଆଶ୍ରୀତ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପ୍ରାଧାନ୍ୟ ଦିଆଯାଇଥାଏ । କଥାରେ ଅଛି-କାମନାର ବିନାଶରେ ଦୁଃଖର ବିନାଶ,କାମନା କରନାହିଁ ସେହିପରି ଶ୍ରୀମଦ୍ ଭାଗବତରେ ଲେଖାଅଛି-ଫଳରେ ଆଶା ଯହିଁ ନାହିଁ,ବିଘ୍ନ ପଶିବ ଅବା କାହିଁ । ତେଣୁ ପ୍ରଭୁଙ୍କୁ ମାଗ,ଗତି,ମୁକ୍ତି,ଶ୍ରଦ୍ଧା,ଅନ୍ୟଥା ବୃଥା,ପ୍ରକୃତ ଭକ୍ତକୁ ପ୍ରଭୁ କିଛିଦେଇନଥାନ୍ତି । କିନ୍ତୁ ସବୁ ଦେଇଥାନ୍ତି । ସେ କିନ୍ତୁ ପ୍ରଥମେ ପ୍ରଥମେ କିଛି ବୁଝି ପାରେନାହିଁ । ପରିଶେଷରେ ସେ ବୁଝିଲା ପରେ ପ୍ରଭୁ କେତେ କୃପାଳୁ,ଦୟାଳୁ ମୁଁ ଡେରିରେ ବୁଝିଲି । ସେଇ ପଦ୍ମ ପାଦ ବିନା ସବୁ ଅସାର । ସତ୍ୟ ନାହିଁତ ଭାବ ଆସିବ କେଉଁଠୁ । ତେଣୁ ହେ ଭକ୍ତ ପ୍ରଭୁଙ୍କ ବାନା ଧରି ଆଶାସକ୍ତ ହେବା ହାସ୍ୟାସ୍ପଦ । ଦୀକ୍ଷାନେଇ ମର୍ଯ୍ୟାଦାକୁ ଭୁଲନାହିଁ । କାରଣ ସପ୍ତପୁରୁଷ ଉଦ୍ଧାର କଣ କରିବ ଚଉଦ ପୁରୁଷ ନର୍କଗାମୀ ହେବେ ତୁମକୁ ବାରମ୍ବାର ଅଭିଶାପ ଦେଉଥିବେ । ତେଣୁ ସାବଧାନ ଠକିଯିବଟି । ହରି ଓଁ । (କ୍ରମଶଃ ...)

◆◆

# ଗାଆଁ ହେଉଛି ଭାରତର ଆତ୍ମା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ପୂର୍ବ ତୁଳନାରେ, ଗାଆଁର ବର୍ତ୍ତମାନର ଅବସ୍ଥା ଅନେକ ପରିବର୍ତ୍ତନକୁ ପ୍ରତିଫଳିତ କରେ। ଏହିପରିବର୍ତ୍ତନ ଗୁଡ଼ିକ ସକାରାତ୍ମକ ଏବଂ ନକାରାତ୍ମକ ଉଭୟ, କାରଣ ଗ୍ରାମ୍ୟ ଜୀବନଶୈଳୀରେ ଏକ ନୂତନ ପରିବର୍ତ୍ତନ ଆସିଛି। ଗାଁରେ ଆଧୁନିକ ସୁବିଧା ଦ୍ରୁତ ଗତିରେ ବିକାଶ ହେଉଛି। ରାସ୍ତା, ବିଦ୍ୟୁତ୍, ପାନୀୟ ଜଳ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ପୂର୍ବ ଅପେକ୍ଷା ଭଲ ଅଛି। ଅନେକ ଗାଆଁରେ ପକ୍କା ରାସ୍ତା ନିର୍ମାଣ ସହର ସହିତ ସଂଯୋଗୀକରଣକୁ ସହଜ କରିଛି। ବିଦ୍ୟୁତ୍ ବୃଦ୍ଧି ସହିତ, ଲୋକମାନେ ଟେଲିଭିଜନ, ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ ମାଧ୍ୟମରେ ସୂଚନା ପାଇପାରୁଛନ୍ତି। କୃଷି କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଆସିଛି। ପୂର୍ବରୁ ପାରମ୍ପରିକ ପଦ୍ଧତିରେ ଚାଷ କରାଯାଉଥିଲା, କିନ୍ତୁ ବର୍ତ୍ତମାନ ଆଧୁନିକ ଯନ୍ତ୍ରପାତି, ରାସାୟନିକ ସାର ଏବଂ ବୈଜ୍ଞାନିକ ପଦ୍ଧତି ବ୍ୟବହାର କରାଯାଉଛି। ଏହା ଉତ୍ପାଦନ ବୃଦ୍ଧି କରିଛି, କିନ୍ତୁ ମାଟିର ଉର୍ବରତା ଏବଂ ପରିବେଶ ପ୍ରଦୂଷଣ ମଧ୍ୟ ହ୍ରାସ ପାଉଛି। ଶିକ୍ଷାର ଗୁଣବତ୍ତା ଉନ୍ନତ ହୋଇଛି। ଗ୍ରାମୀଣ ଛାତ୍ରମାନେ ଏବେ ଉଚ୍ଚ ଶିକ୍ଷା ପାଇଁ ସହରରେ ଭଲ ଚାକିରି ଖୋଜୁଛନ୍ତି। ତଥାପି, ଏହା ଗାଁରେ ଯୁବଶକ୍ତିକୁ ହ୍ରାସ କରୁଛି, ଏହି ଘଟଣା ଯାହାକୁ 'ଗ୍ରାମୀଣ ପ୍ରବାସ' କୁହାଯାଏ। ସାମାଜିକ ଏବଂ ସାଂସ୍କୃତିକ ପରିବର୍ତ୍ତନ ମଧ୍ୟ ଘଟୁଛି। ପୂର୍ବରୁ, ଗାଁରେ ସମ୍ପ୍ରଦାୟ ଏବଂ ସଂହତିର ଏକ ଦୃଢ଼ ଭାବନା ଥିଲା, କିନ୍ତୁ ବର୍ତ୍ତମାନ ବ୍ୟକ୍ତିବାଦ ବୃଦ୍ଧି ପାଇଛି। ପାରମ୍ପରିକ ପର୍ବ ଏବଂ ପ୍ରଥା ଧୀରେ ଧୀରେ ହ୍ରାସ ପାଉଛି। ଆର୍ଥିକ ପରିବର୍ତ୍ତନ ମଧ୍ୟ ଘଟିଛି। କେବଳ କୃଷି ଉପରେ ନିର୍ଭରଶୀଳତା ହ୍ରାସ ପାଇଛି, ଏବଂ ଛୋଟ ବ୍ୟବସାୟ, ଦୈନିକ ମଜୁରିଆ ଶ୍ରମିକ, ସରକାରୀ ଯୋଜନା ଏବଂ ଆତ୍ମନିଯୁକ୍ତି ବୃଦ୍ଧି ପାଇଛି। ତଥାପି, ଦାରିଦ୍ର୍ୟ ଏବଂ ବେକାରୀ ସମସ୍ୟା ଜାରି ରହିଛି।

ଗାଆଁ ହେଉଛି ଭାରତର ଆତ୍ମା। ପ୍ରାଚୀନ କାଳରେ, ଗାଆଁ ସରଳତା, ସମନ୍ୱୟ ଏବଂ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କର ସମାର୍ଥକ ଥିଲା। ତଥାପି, ପରିବର୍ତ୍ତନଶୀଳ ସମୟ ସହିତ, ଗାଁର ଦୃଶ୍ୟ ମଧ୍ୟ ଅନେକ ଦିଗରେ ପରିବର୍ତ୍ତନ ହୋଇଛି। ଆଜିର ଗାଆଁ ଗୁଡ଼ିକ ପୂର୍ବଠାରୁ ଅନେକ ଦିଗରେ ଭିନ୍ନ। ସେତେବେଳେ ପରିବେଶ ସୁନ୍ଦର ଏବଂ ସଫା ଥିଲା। ସବୁଠି ସବୁଜିମା, ଗଛ, ନଦୀ, ନାଳ ଏବଂ ଖୋଲା ଆକାଶ ଦୃଶ୍ୟମାନ ହେଉଥିଲା। ବାୟୁ ସ୍ୱଚ୍ଛ ଏବଂ ନିର୍ମଳ ଥିଲା। ଲୋକମାନେ ପ୍ରକୃତି ସହିତ ସମନ୍ୱୟରେ ବାସ କରୁଥିଲେ। ତଥାପି, ଆଜିର ଗାଆଁ ଗୁଡ଼ିକରେ ଅନେକ ପରିବର୍ତ୍ତନ ଦୃଶ୍ୟମାନ ହେଉଛି। ଗଛ କଟା ହେଉଛି, ଜଳ ଉତ୍ସ ଶୁଖିଯାଉଛି, ଏବଂ ପରିବେଶ ପ୍ରଦୂଷିତ ହେଉଛି। ଯାନବାହାନ ଏବଂ କୃଷିରେ ରାସାୟନିକ ପଦାର୍ଥର ବ୍ୟବହାର ପରିବେଶକୁ ପ୍ରଭାବିତ କରୁଛି। ପୂର୍ବରୁ, ଗ୍ରାମବାସୀଙ୍କ ଜୀବନ ସରଳ ଏବଂ ସାଧାରଣ ଥିଲା। ସେମାନେ ଅଧିକାଂଶ ଚାଷ କରୁଥିଲେ ଏବଂ ଏକ ସାଧାରଣ ଜୀବନଯାପନ କରୁଥିଲେ। ସେମାନଙ୍କର ଖାଦ୍ୟ ସୁସ୍ଥ ଏବଂ ସ୍ୱାଦିଷ୍ଟ ଥିଲା, ଯାହା ସେମାନଙ୍କ ନିଜସ୍ୱ ଜମିରୁ ପ୍ରାପ୍ତ ହୋଇଥିଲା। ଆଜି, ଗ୍ରାମବାସୀଙ୍କ ଜୀବନଶୈଳୀରେ ଯଥେଷ୍ଟ ପରିବର୍ତ୍ତନ ଆସିଛି। ଲୋକମାନେ ଆଧୁନିକ ସୁବିଧା ଉପଭୋଗ କରୁଛନ୍ତି। ଟେଲିଭିଜନ, ମୋବାଇଲ୍ ଫୋନ୍ ଏବଂ ଇଣ୍ଟରନେଟ୍ ଗାଆଁ ପର୍ଯ୍ୟନ୍ତ ପହଞ୍ଚିଛି ଏବଂ ବାହାର ଖାଦ୍ୟର ପ୍ରଭାବ ମଧ୍ୟ ବୃଦ୍ଧି ପାଇଛି।

ପୂର୍ବରୁ ଗାଆଁ ଗୁଡ଼ିକରେ ଶିକ୍ଷା ସୁବିଧା ସୀମିତ ଥିଲା। ଅଧିକାଂଶ ଲୋକ ନିରକ୍ଷର ଥିଲେ ଏବଂ ସେମାନଙ୍କୁ ଶିକ୍ଷା ପାଇଁ ସହରକୁ ଯିବାକୁ ପଡୁଥିଲା। ଆଜି, ପ୍ରତ୍ୟେକ ଗାଆଁ ଗୁଡ଼ିକରେ ଶିକ୍ଷାରେ ଯଥେଷ୍ଟ ଉନ୍ନତି ହୋଇଛି। ସରକାରୀ ସ୍କୁଲ, କଲେଜ ଏବଂ ବିଭିନ୍ନ ଯୋଜନା ମାଧ୍ୟମରେ ଶିକ୍ଷାକୁ ପ୍ରୋତ୍ସାହିତ କରାଯାଉଛି। ଛାତ୍ରମାନେ ଏବେ ଡିଜିଟାଲ ଭାବରେ ମଧ୍ୟ ପଢୁଛନ୍ତି। ପୂର୍ବରୁ, ଗାଆଁ ଗୁଡ଼ିକରେ ପରିବହନ ସୁବିଧା ବହୁତ ଖରାପ ଥିଲା। ଲୋକମାନେ ପାଦରେ କିମ୍ବା ବଳଦ ଗାଡ଼ିରେ ଯାତ୍ରା କରୁଥିଲେ। ସଂଯୋଗୀକରଣ ମଧ୍ୟ ଖରାପ ଥିଲା। ଆଜି ରାସ୍ତା, ବସ୍, ମୋଟରସାଇକେଲ୍ ଏବଂ ଅନ୍ୟାନ୍ୟ ଯାନବାହାନ ଉପଲବ୍ଧ। ମୋବାଇଲ୍ ଏବଂ ଇଣ୍ଟରନେଟ୍ ସଂଯୋଗ ବହୁତ ସହଜ ହୋଇଯାଇଛି। ପୂର୍ବରୁ, ଗାଆଁ ଗୁଡ଼ିକର ଆର୍ଥିକ ଅବସ୍ଥା କୃଷି ଉପରେ ମୁଖ୍ୟତଃ ନିର୍ଭର କରୁଥିଲା। ଆୟ ସୀମିତ ଥିଲା ଏବଂ ଜୀବନ ସରଳ ଥିଲା। ଆଜି ଲୋକମାନେ ବିଭିନ୍ନ ବୃତ୍ତିରେ ନିୟୋଜିତ। ଚାଷ ସହିତ, ବ୍ୟବସାୟ, ଚାକିରି ଏବଂ ଛୋଟ କାମ ମଧ୍ୟ ବୃଦ୍ଧି ପାଇଛି। ଆର୍ଥିକ ଅବସ୍ଥା ଉନ୍ନତ ହୋଇଛି। ପୂର୍ବରୁ, ଗାଆଁ ଗୁଡ଼ିକରେ ସମ୍ପର୍କ ଏବଂ ବନ୍ଧୁତା ବହୁତ ମଜବୁତ ଥିଲା। ପଡ଼ୋଶୀମାନେ ପରସ୍ପରକୁ ସାହାଯ୍ୟ କରୁଥିଲେ। ପର୍ବ ଏବଂ ଉତ୍ସବଗୁଡ଼ିକ ଗୋଷ୍ଠୀ ଭାବରେ ପାଳନ କରାଯାଉଥିଲା। ଆଜି ଏହି ବନ୍ଧନ କିଛିଟା ହ୍ରାସ ପାଇଛି। ଲୋକମାନେ ବ୍ୟସ୍ତବହୁଳ ଜୀବନ ବିତାଉଛନ୍ତି ଏବଂ ସେମାନଙ୍କର ପରିଚୟ ବିସ୍ତାର ହୋଇଛି।

ପୂର୍ବରୁ ଗାଆଁ ଗୁଡ଼ିକରେ ଚିକିତ୍ସା ସୁବିଧା ବହୁତ ଖରାପ ଥିଲା। ଲୋକମାନେ ଘରୋଇ ଉପଚାର କିମ୍ବା ପାରମ୍ପରିକ ପଦ୍ଧତି ଉପରେ ନିର୍ଭର କରୁଥିଲେ। ଆଜି ହସ୍ପିଟାଲ ଏବଂ ଆଶା କର୍ମୀମାନଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆ ଯାଉଛି। ଜୀବନର ଗୁଣବତ୍ତା ଉନ୍ନତ ହୋଇଛି। ପୂର୍ବରୁ, ପ୍ରଯୁକ୍ତିବିଦ୍ୟା କୌଣସି ଭୂମିକା ଗ୍ରହଣ କରିନଥିଲା, ସମସ୍ତ କାମ ହାତରେ କରାଯାଉଥିଲା। ପ୍ରଯୁକ୍ତିବିଦ୍ୟା ଆଜିର ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଚାଷରେ ଟ୍ରାକ୍ଟର, ମେସିନ୍ ଏବଂ ଜଳସେଚନ ବ୍ୟବସ୍ଥା ବ୍ୟବହାର କରାଯାଏ। ଡିଜିଟାଲ୍ ପେମେଣ୍ଟ ଏବଂ ଅନଲାଇନ୍ ସେବା ମଧ୍ୟ ଲୋକପ୍ରିୟ। ପୂର୍ବ ଗାଆଁ ଗୁଡ଼ିକରେ ମୂଲ୍ୟବୋଧ ଏବଂ ସଂସ୍କୃତିକୁ ଅତ୍ୟନ୍ତ ମୂଲ୍ୟବାନ କରାଯାଉଥିଲା। ବୟସ୍କମାନଙ୍କୁ ସମ୍ମାନ କରାଯାଉଥିଲା ଏବଂ ପରମ୍ପରାଗୁଡ଼ିକୁ ଅନୁସରଣ କରାଯାଉଥିଲା। କିନ୍ତୁ ଆଜି ଏହି ମୂଲ୍ୟବୋଧ କିଛିଟା ହ୍ରାସ ପାଇଛି। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ବୃଦ୍ଧି ପାଇଛି। ତଥାପି, ମୂଳ ଗ୍ରାମ ସଂସ୍କୃତି ଏବେ ବି କିଛି ବଞ୍ଚି ରହିଛି। ପୁରୁଣା ଗାଆଁ ଏବଂ ଆଜିର ଗାଆଁ ମଧ୍ୟରେ ଅନେକ ପରିବର୍ତ୍ତନ ହୋଇଛି । ପୂର୍ବରୁ ଗାଆଁ ଗୁଡ଼ିକ ସରଳ ଏବଂ ପ୍ରକୃତି-ଭିତ୍ତିକ ଥିଲା, ଯେତେବେଳେ ଆଜିର ଆଧୁନିକ ଏବଂ ବିକଶିତ। ଏହି ପରିବର୍ତ୍ତନ ସହିତ, ଆମକୁ ପୁରୁଣା ମୂଲ୍ୟବୋଧ ଏବଂ ପରମ୍ପରାକୁ ସଂରକ୍ଷଣ କରିବାକୁ ପଡିବ। ଯଦି ସଂସ୍କୃତି ଏବଂ ପ୍ରକୃତି ପ୍ରଗତି ସହିତ ସମନ୍ୱୟ ରଖେ, ତେବେ ଗାଆଁର ମୂଳ ସୌନ୍ଦର୍ଯ୍ୟ ବଜାୟ ରହିବ। ତଥାପି, ଆଜିର ଗାଆଁ ଗୁଡ଼ିକ ପରିବେଶ ଏବଂ ସ୍ୱାସ୍ଥ୍ୟ ସମସ୍ୟାର ମଧ୍ୟ ସମ୍ମୁଖୀନ ହେଉଛନ୍ତି। ଜଳ ପ୍ରଦୂଷଣ, ଜଙ୍ଗଲ କ୍ଷୟ ଏବଂ ପ୍ଲାଷ୍ଟିକର ବର୍ଦ୍ଧିତ ବ୍ୟବହାର ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଆଜିର ଗାଆଁ ବହୁ ବିକଶିତ ତଥାପି ଏହି ବିକାଶ ସତ୍ତ୍ୱେ, ଆମକୁ ଆମର ଗାଆଁ ଗୁଡ଼ିକର ପ୍ରାଚୀନ ପରମ୍ପରା, ସଂସ୍କୃତି ଏବଂ ପରିବେଶକୁ ସଂରକ୍ଷଣ କରିବାକୁ ପଡିବ। ତେଣୁ, ପୁରୁଣା ଗାଆଁ ଏବଂ ଆଜିର ଗାଆଁ ଦୁଇଟି ଭିନ୍ନ ଚିତ୍ର ଉପସ୍ଥାପନ ହେଉଥିଲେ ମଧ୍ୟ , କିନ୍ତୁ ଉଭୟର ନିଜସ୍ୱ ସୌନ୍ଦର୍ଯ୍ୟ ଏବଂ ମୂଲ୍ୟ ଅଛି ଓ ଆଗକୁ ରହିବ ।

# ଶ୍ରେଷ୍ଠ ଭକ୍ତ



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ,
କଟକ,
ମୋ: ୯୪୩୮୦୭୦୮୪୯

ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ।

ଏକଦା ପୃଥିବୀରେ ଶ୍ରେଷ୍ଠ ଭକ୍ତ କିଏ ବୋଲି ସ୍ୱର୍ଗରେ ଆଲୋଚନା ହେଉଥାଏ । ଏହି ସମୟରେ ନାରଦ ବିଷ୍ଣୁଙ୍କୁ କହିଲେ ପ୍ରଭୁ, 'ମୁଁ ହିଁ ଆପଣଙ୍କର ଶ୍ରେଷ୍ଠ ଭକ୍ତ'। ନାରଦଙ୍କ ମୁଖରୁ ଏକଥା ଶୁଣି ପ୍ରଭୁ ବିଷ୍ଣୁ କିଛି କହିଲେ ନାହିଁ । ନାରଦ ପୁଣି ଥରେ ପ୍ରଭୁଙ୍କ ମତ ଜାଣିବା ପାଇଁ ଇଚ୍ଛା ପ୍ରକାଶ କଲେ ।

ବିଷ୍ଣୁ ନାରଦଙ୍କୁ କହିଲେ, 'ମର୍ତ୍ତ୍ୟରେ ସେହି ଯେଉଁ ଚାଷୀ ଜଣଙ୍କୁ ଦେଖୁଛ ତା' ପାଖକୁ ଯାଅ । କିଛି ଦିନ ପର୍ଯ୍ୟନ୍ତ ସେହି ଚାଷୀ ପାଖରେ ରୁହ । ତା'ର ଭକ୍ତି କେତେଦୂର ଦେଖ, ତା' ପରେ ଆସି ମୋତେ ଦେଖା କର'।

ବିଷ୍ଣୁଙ୍କ ମୁଖରୁ ଏକଥା ଶୁଣି ନାରଦଙ୍କ ରାଗ ବହୁତ ବଢିଗଲା । ସେ ନିଜକୁ ବହୁତ ଅପମାନିତ ବୋଧ କଲେ। ସାମାନ୍ୟ ଚାଷୀଟିଏ ତାଙ୍କଠାରୁ କିଭଳି ଭାବରେ ବଡ ଭକ୍ତ ହୋଇ ପାରିବ ? ଏକଥା ନାରଦ ଭାବିପାରୁ ନଥିଲେ । ରାଗ ତମ୍ ତମ୍ ହୋଇ ଓହ୍ଲେଇ ଆସିଲେ ପୃଥିବୀକୁ । ଚାଷୀଟି ରହୁଥିବା ଗାଁରେ ନାରଦ ଆସି ପହଁଚିଲେ । ଚାଷୀଟିର ପ୍ରତ୍ୟେକ କାର୍ଯ୍ୟକୁ ନାରଦ ଭଲ ଭାବରେ ନିରୀକ୍ଷଣ କରୁଥିଲେ । ନାରଦ ଦେଖିଲେ ସେ କେବଳ ଦିନକୁ ତିନିଥର ଭଗବାନଙ୍କ ନାମ ସ୍ମରଣ କରୁଛି । ପ୍ରଥମେ ସକାଳୁ ବିଛଣାରୁ ଉଠିବା ବେଳେ, ତା'ପରେ ମଧ୍ୟାହ୍ନ ଭୋଜନ ସମୟରେ ଓ ଶେଷରେ ରାତିରେ ବିଛଣାକୁ ଶୋଇବାକୁ ଯିବା ସମୟରେ । ଅନ୍ୟ କୌଣସି ସମୟରେ ସେ ଭଗବାନଙ୍କ ନାମ ଧରୁଥିଲା ପରି ମନେହେଲା ନାହିଁ । ନାରଦ ମନେ ମନେ ଭାବିଲେ ଭଗବାନ ବିଷ୍ଣୁ ଏଭଳି ଲୋକ ସଙ୍ଗରେ ତାଙ୍କର ତୁଳନା କଲେ କେମିତି ? ଚାଷୀଠାରେ କ'ଣ ଦେଖି ବିଷ୍ଣୁ କହିଲେ ଯେ ଚାଷୀଟି ନାରଦଙ୍କଠାରୁ ବଡ ଭକ୍ତ ବୋଲି । ସେ ତ ସବୁବେଳେ ସୁଲଳିତ କଣ୍ଠରେ ପ୍ରଭୁଙ୍କ ମହିମା ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଚାରିଆଡେ ଗାଇ ବୁଲୁଥାଆନ୍ତି । ପ୍ରଭୁଙ୍କର ଗୁଣ କୀର୍ତ୍ତନ କରୁଥାଆନ୍ତି, ତାଙ୍କ ସହିତ ଚାଷୀର ତୁଳନା ଏକ ବିଡମ୍ବନା ନିଶ୍ଚୟ ।

ନାରଦ ମନେ ମନେ ବିରକ୍ତ ହୋଇ ଭାବିଲେ ଏଠି ଅଯଥା ସମୟ ନଷ୍ଟକରି କିଛି ଲାଭ ନାହିଁ । ବର୍ତ୍ତମାନ ଯାଇ ବିଷ୍ଣୁଙ୍କୁ ଭେଟି ତାଙ୍କର ଉଦ୍ଦେଶ୍ୟ ସମ୍ପର୍କରେ ପଚାରିବାକୁ ପଡିବ । ନାରଦ ମର୍ତ୍ତ୍ୟପୁର ତ୍ୟାଗକରି ସ୍ୱର୍ଗକୁ ଯାଇ ସିଧା ସଳଖ ଚାଲିଲେ ବିଷ୍ଣୁଙ୍କ ପୁରକୁ । ନାରଦଙ୍କ ଏ ଅବସ୍ଥା ଦେଖି ବିଷ୍ଣୁ ଖୁବ୍ ହସିଲେ ଏବଂ କହିଲେ – "ମୋ ଉପରେ ତ ତୁମେ ବହୁତ ରାଗି ଥିବାର ଜଣା ପଡୁଛ । ତେବେ ମୋର ଆଉ ଗୋଟିଏ ଛୋଟ କାମ କରିଦିଅ। ତା'ପରେ ବୁଝିବା ତୁମ ରାଗିବାର କାରଣ ।"

ଏକଥା କହି ବିଷ୍ଣୁ ନାରଦଙ୍କୁ ଗୋଟିଏ ପାଣି ଭର୍ତ୍ତି ହୋଇଥିବା ମାଠିଆ ଦେଖାଇ ଦେଲେ ଏବଂ ମାଠିଆଟିକୁ ମୁଣ୍ଡରେ ରଖି ଗୋଟିଏ ଚକା ଚାରିପଟେ ବୁଲିବାକୁ କହିଲେ। ସେ ନାରଦଙ୍କୁ ସାବଧାନ କରି ଦେଲେ ଯେ, ଯେପରି ମାଠିଆରୁ ଟୋପେ ହେଲେ ପାଣି ତଳେ ନପଡେ । ନାରଦ ବିଷ୍ଣୁଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହେଲେ ମଧ୍ୟ କିଛି ନକହି ମାଠିଆକୁ ମୁଣ୍ଡରେ ମୁଣ୍ଡେଇ ବୁଲିବାକୁ ଲାଗିଲେ । ଅଳ୍ପ କେତେଥର ବୁଲିବା ପରେ ବିଷ୍ଣୁ ନାରଦଙ୍କୁ କହିଲେ ଆଉ ବୁଲିବା ଦରକାର ନାହିଁ । ତା'ପରେ ବିଷ୍ଣୁ ହସି ହସି କହିଲେ ନାରଦ, ମାଠିଆକୁ ମୁଣ୍ଡରେ ମୁଣ୍ଡେଇ ବୁଲୁଥିବା ସମୟରେ ମୋର ନାମ ତୁମେ କେତେଥର ସ୍ମରଣ କରିଛ ? ନାରଦ ବଡ ଅଡୁଆରେ ପଡିଗଲେ । ସେ ମାଠିଆକୁ ମୁଣ୍ଡରେ ମୁଣ୍ଡେଇ ବୁଲୁଥିବା ସମୟରେ ଥରେ ହେଲେ ମଧ୍ୟ ବିଷ୍ଣୁଙ୍କ ନାମ ସ୍ମରଣ କରିନଥିଲେ । ବିଷ୍ଣୁଙ୍କ ପ୍ରଶ୍ନରେ ନାରଦ ଉତ୍ତର ଦେଲେ ପ୍ରଭୁ ଆପଣ କହିଥିଲେ ମାଠିଆକୁ ମୁଣ୍ଡେଇ ବୁଲିବା ସମୟରେ ମାଠିଆରୁ ଯେମିତି ଟୋପାଏ ପାଣି ତଳେ ନପଡେ, ତେଣୁ ମୁଁ ମାଠିଆକୁ ମୁଣ୍ଡରେ ମୁଣ୍ଡେଇବା ସମୟରେ ମୁଁ ଧ୍ୟାନ ଦେଲି ଯେପରି ମାଠିଆରୁ ଟୋପାଏ ହେଲେ ପାଣି ତଳେ ନପଡୁ । ସେଇକଥାକୁ ଲକ୍ଷ୍ୟରଖି ମୁଁ ଆପଣଙ୍କ ନାମ ସ୍ମରଣ କରିବା କଥା ପୁରାପୁରି ଭୁଲି ଯାଇଥିଲି।

ବିଷ୍ଣୁ ହସି ହସି କହିଲେ – ନାରଦ! ତୁମେ ମନ ଦୁଃଖ କରୁଥିଲଯେ, ଚାଷୀଟି ଦିନକୁ ମାତ୍ର ତିନିଥର ମୋ ନାମ ନେଇ କିପରି ତମ ଠାରୁ ଶ୍ରେଷ୍ଠ ହୋଇଗଲା । ବିଚରା ଚାଷୀଟିର ଦାୟିତ୍ୱ ଅନେକ, ତା' ମୁଣ୍ଡରେ ବହୁତ ବୋଝ । ଏତେ ବୋଝ ବୋହିବା ସତ୍ତ୍ୱେ ମଧ୍ୟ ସେ ତ ମୋ ନାମ ଦିନକୁ ତିନିଥର ନେବାକୁ ଭୁଲୁ ନାହିଁ। ସେଇଟା କ'ଣ ଯଥେଷ୍ଟ ନୁହେଁ । ନିଜର କର୍ମକୁ ଈଶ୍ୱରଙ୍କୁ ସମର୍ପି ଦେଲେ କର୍ମର ବୋଝ ହାଲୁକା ହୋଇଯାଏ । ଦୁଃଖ ଓ ଶୋକ ସବୁବେଳେ ରହିଛି ଓ ରହିଥିବ। ମଣିଷକୁ ପ୍ରତ୍ୟେକ ଅବସ୍ଥାରେ ତାକୁ ସାମ୍ନା କରିବାକୁ ହେବ । ସବୁ କିଛିର କାରଣ ଭାବେ ଭଗବାନଙ୍କୁ ଗ୍ରହଣ କରିନେଲେ ସୁରୁଖୁରୁରେ ସମୟ ଏବଂ ଜୀବନ କଟିଯାଇ ପାରିବ । ନାରଦ ଏଥର ତାଙ୍କ ଭୁଲ୍ ବୁଝିଗଲେ ।

# ଦେଲେ ମଲି, ନ ଦେଲେ ମଲି



ଡ଼ ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
ଦୂରଭାଷ - ୯୭୭୮୭୬୪୩୯୪
tripathysk1947@gmail.com

ଶାସ୍ତ୍ର ପୁରାଣ ମତରେ ଦେବାରେ ଆନନ୍ଦ । କିନ୍ତୁ ଏହି ଦେବା ବା ଦାନ ସମ୍ପୂର୍ଣ୍ଣ ନିସ୍ୱାର୍ଥ ହେବା ଆବଶ୍ୟକ। କିନ୍ତୁ ସଂସାରୀ ମଣିଷ ହିସାବରେ ଅଧିକାଂଶ ସମୟରେ ଆମ ମାନଙ୍କର ଦେବା-ନେବାର ସମ୍ପର୍କ ସମ୍ପୂର୍ଣ୍ଣ ସ୍ୱାର୍ଥ ରହିତ ହୋଇ ପାରି ନଥାଏ। କେତେବେଳେ ଆମେ ବାଧ୍ୟବାଧକତାରେ ଦେଇଥାଉ ତ' ଆଉ କେତେବେଳେ ଆମ ଅନିଚ୍ଛା ସତ୍ତ୍ୱେ ଗ୍ରହଣ ମଧ୍ୟ କରିଥାଉ । ତେଣୁ ଉଭୟ ଦାତା ଏବଂ ଗ୍ରହୀତା ମାନଙ୍କର ମନୋବୃତ୍ତି , ଗ୍ରହଣୀୟତା, ଆନନ୍ଦ ଏବଂ ଲାଭ ସବୁବେଳେ ସମାନ ହୋଇ ନଥାଏ । ବେଳେବେଳେ ଦାତା ଭାବେ ମୁଁ କାହିଁକି ଦେଲି ! ଗ୍ରହୀତା ମଧ୍ୟ ଅନୁତାପ କରେ ମୁଁ କାହିଁକି ନେଲି !

ଏହି ଦେବା ନେବାକୁ କ'ଣ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିହେବ ? ଏହାର ଉତ୍ତର ହେଉଛି ନାଁ, କାରଣ ସାମାଜିକ ସମ୍ପର୍କର ମୂଳପିଣ୍ଡ ହେଉଛି ଏହି ଦେବା ଆଉ ନେବା । ଏହା କେବଳ କୌଣସି ଦ୍ରବ୍ୟକୁ ସୂଚାଏ ନାହିଁ ବରଂ ସେବା, ସ୍ନେହ, ସଦିଚ୍ଛା ଆଦିକୁ ବୁଝାଇଥାଏ । ଏ ସମ୍ପର୍କରେ ଏକ ଅଙ୍ଗେନିଭା କଥା କହିବା ଠିକ୍ ହେବ । ଜଣେ ସମ୍ପର୍କୀୟ ଅଙ୍ଗୁର ଖାଇବାକୁ ମନ କରି ମୋତେ କହିଲେ, ମୁଁ ଆଜିକାଲି ଆଉ ବାହାରକୁ ଯାଇ ପାରୁନାହିଁ , ତୁମେ ମୋ ପାଇଁ ଟିକେ ଅଙ୍ଗୁର କିଣି ଆଣି ଦିଅନ୍ତ ନାହିଁ ! ଏହା କହି ସିଏ ନିଜ ପକେଟ୍‌ରୁ ପଇସା କାଢୁଥିଲେ, ମୁଁ କହିଲି ଆପଣ କ'ଣ ପଇସା ନ ଦେଲେ ମୁଁ ଆପଣଙ୍କୁ ଅଙ୍ଗୁର ଆଣି ଦେବିନାହିଁ ନା' ଆପଣ ଅଙ୍ଗୁର ଖାଇସାରି ପଇସା ଦେଲେ ଚଳିବ ନାହିଁ ! ମୋତେ କ'ଣ ଏହି ଛୋଟିଆ ସେବା କରିବାର ସୁଯୋଗ ଦେଇ ଦେଲେ ବେଦ ଅଶୁଦ୍ଧ ହୋଇଯିବ ? ପରେ ମୁଁ ସୁବିଧା ଦେଖି ବଜାରରେ ମିଳୁଥିବା ସବୁଠୁ ଭଲ ଅଙ୍ଗୁର କିଣି ତାଙ୍କୁ ଦେଲି । ସିଏ ମଧ୍ୟ ଆନନ୍ଦର ସହିତ ତାକୁ ଖାଇ କହିଲେ ଯାହା ହେଉ ଏତେଦିନ ପରେ ମୋ ମନ ପସନ୍ଦର ଅଙ୍ଗୁର ଖାଇବାକୁ ମିଳିଲା । କିଛି ସମୟ ପରେ ମୋତେ ତାଙ୍କ ପରିବାର ଲୋକ କହିଲେ ଆପଣ ଶ୍ରଦ୍ଧାରେ ଏବଂ ଖୁସିରେ ଅଙ୍ଗୁର କିଣି ଆଣି ଦେଲେ ଭଲ ହେଲା କିନ୍ତୁ ଆପଣ ତ' ଜାଣିଛନ୍ତି ସିଏ କିଡନୀ ରୋଗରେ ପୀଡ଼ିତ, ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସିଏ ଫଳମୂଳ ଯେତେ କମ୍ ଖାଇବେ ଭଲ । ଏ କଥା ଶୁଣି ମୁଁ ଭାବିଲି ଅଙ୍ଗୁର ଦେବା ପୂର୍ବରୁ ଯଦି ଏ କଥା ଟିକେ ବି ଭାବିଥାଆନ୍ତି ତାହେଲେ ହୁଏତ ମୁଁ ତାକୁ ବୁଝାଇ ପାରିଥାଆନ୍ତି ଏବଂ ପରିସ୍ଥିତି ଭିନ୍ନ ହୋଇଥାଆନ୍ତା। ପାଟିରୁ ଆପେ ବାହାରି ପଡ଼ିଲା ହାୟ ! ମୁଁ ଦେଲି କାହିଁକି ! କିନ୍ତୁ ଅଙ୍ଗୁର ନ ଦେଇଥିଲେ ସାରାଜୀବନ କ'ଣ ନିଜକୁ ଏବଂ ନିଜ ମନକୁ ବୁଝାଇ ପାରଥାନ୍ତି ଯେ ଜୀବନର ଅନ୍ତିମ ସୋପାନରେ ପହଞ୍ଚିଥିବା ଗୁରୁଜନଙ୍କୁ ସାମାନ୍ୟ ଅଙ୍ଗୁର କିଣି ଦେଇପାରିଲି ନାହିଁ !

ଏହି ଦେବାକୁ ନେଇ ଯଦି ଦ୍ୱନ୍ଦ୍ୱ ଉପୁଜେ ତାହେଲେ ନଦେବା ତ' ଶତ ଗୁଣ ଭଲ । କିନ୍ତୁ ଏହା କ'ଣ ସବୁବେଳେ ସମ୍ଭବ ? ଜଣେ ବ୍ୟବସାୟୀଙ୍କର ବେପାର ବଣିଜ ବଢ଼ିବାରୁ ସିଏ ତାଙ୍କୁ କାମରେ ସାହାଯ୍ୟ କରିବା ପାଇଁ ଲୋକ ଖୋଜିଲେ । ଏକଥା ଶୁଣି ତାଙ୍କ ଧର୍ମପତ୍ନୀ କହିଲେ ମୋ ଭାଇଟା ଘରେ ନିକମା ହୋଇ ବସିଛି । ତା'ର ଭାରି ବୁଦ୍ଧି କିନ୍ତୁ ତା'ର ଭାଗ୍ୟ ଖରାପ ବୋଲି କେଉଁଠି କିଛି କରିପାରୁନି । କହିବା ବାହୁଲ୍ୟ, ତାଙ୍କ ସ୍ୱାମୀଙ୍କର ନିଜ ବନ୍ଧୁଶ୍ରେଷ୍ଠଙ୍କ ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ ଥିଲା । ଯଦି ତାଙ୍କୁ ସିଏ ନିଜ ବ୍ୟବସାୟରେ ଅଂଶୀଦାର କରିବେ, ତାହେଲେ ପରିବାରର ଅନ୍ୟ ସଦସ୍ୟମାନେ ଅଙ୍ଗୁଳି ଉଠାଇ କହିବେ ହେଇ ଦେଖ ! ଘର ଲୋକଙ୍କୁ ଛାଡି ପର ଲୋକଙ୍କୁ ଆଣି ପୁରାଇଲା । ଆମକୁ ସିଏ କେବଳ ଲୋକ ଦେଖାଣିଆ ଭଲପାଏ। ଆଉ ଯଦି ପତ୍ନୀଙ୍କ କଥାରେ ସହମତ ନହେବେ ତାହେଲେ ପତ୍ନୀଙ୍କର ମନ ଭାଙ୍ଗିଯିବ । ଘରେ ଅଯଥାରେ ଅଶାନ୍ତି ସୃଷ୍ଟି ହେବ । ଏହିଭଳି ଏକ ଦୋ ଛକି ରାସ୍ତାରେ ଘାଣ୍ଟି ଚକଟି ହେବା ସାର । କାରଣ ସବୁଠୁ ବଡ କଥା ହେଲା ଯାହାକୁ ଦେବା-ନେବାର ଅଂଶୀଦାର କରାଯିବ ସିଏ ନିଜେ ସେ କାମ ପାଇଁ ଉପଯୁକ୍ତ କି ନୁହେଁ ତାର ବିଚାର ନକରି ସମସ୍ତେ ନିଜ ନିଜର ପକ୍ଷ ରଖିବା ପାଇଁ ବ୍ୟସ୍ତ । କିଛିଦିନ ତଳେ ଏକ ସରକାରୀ ଚାକିରୀ ପାଇଁ ଲିଖିତ ପରୀକ୍ଷା ପୂର୍ବରୁ କିଛି ପରୀକ୍ଷାର୍ଥୀ ରାଜ୍ୟ ବାହାରକୁ ଯିବାର ଖବର ପ୍ରକାଶ ପାଇଥିଲା । ଯାହାର ମୂଳ କାରଣ ଥିଲା ଏହି ଦେବା-ନେବାର ଗହନ କଥା। ଚାକିରୀ ଖଣ୍ଡିଏ ହାତେଇବା ଲୋଭରେ ପରୀକ୍ଷାର୍ଥୀ ମାନେ କୁଆଡେ ଲକ୍ଷ ଲକ୍ଷ ଟଙ୍କା ଦଲାଲ ମାନଙ୍କୁ ଦେଇଥିଲେ । ତାହା କେମିତି କେଜାଣି ଦୁର୍ନୀତି ନିବାରଣ ଅଧିକାରୀ ଏବଂ ଅପରାଧି ଅନୁସନ୍ଧାନ ବିଭାଗ ପାଖରେ ପହଞ୍ଚିଲା, ଫଳରେ ସଂପୂର୍ଣ୍ଣ ପରୀକ୍ଷା ବାତିଲ୍ କରାଗଲା । ତେଣୁ ଦେଲା ବାଲା ଦୋଷୀ ହୋଇ ଦଣ୍ଡ ଭୋଗିଲେ ନଦେଲା ବାଲା ପୁଣିଥରେ ପରୀକ୍ଷା ଦେବାପାଇଁ ଆଶା ବାନ୍ଧି ବସିଲେ। ସମସ୍ତଙ୍କ ମନରେ କେବଳ ପ୍ରଶ୍ନବାଚୀ, ଆସନ୍ତା ପରୀକ୍ଷାଟି ଦେବା-ନେବା ମୁକ୍ତ ହୋଇପାରିବ ତ ? ନା' ପୁଣି ଏକ ଭିନ୍ନ ଶୈଳୀରେ ଦେବା-ନେବାର ସମ୍ପର୍କ ଗଢ଼ି ଉଠିବ ? ତେଣୁ ଦେବା ଭଲ, ନେବା ମଧ୍ୟ ଭଲ କିନ୍ତୁ ତା'ର ଲକ୍ଷ୍ୟ ମହତ ହେବା ଦରକାର । ଦୋଷ ଲଦାଲଦି କିମ୍ବା ପକ୍ଷପାତିତାର ଦେବା-ନେବାର ସମ୍ପର୍କ କଳୁଷିତ ହୋଇଥାଏ, ଯାହା ଫଳରେ ଉଭୟ ପକ୍ଷ କେବଳ ଅସନ୍ତୋଷର ବହ୍ନିରେ ଜଳିପୋଡି ଯିବା ସାରହେବ, ଯେଉଁଥିପାଇଁ ଦାୟୀ କରିବାକୁ କେହି ନଥିବେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



## କେନ୍ଦ୍ରାପଡାରେ ପୋଲିସ ମ୍ୟାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ

# ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାରେ ଆଇନ୍ ଶୃଙ୍ଖଳା ପରିଚାଳନା ପ୍ରଶାସନିକ ସମନ୍ୱୟ ଏବଂ ଲୋକଙ୍କୁ ସେବା ବ୍ୟବସ୍ଥାକୁ ସୁଦୃଢ କରିବା ଓ ଅଭ୍ୟାସଗତ ଅପରାଧିମାନଙ୍କୁ ସାବାଡ୍ କରିବା ଉଦ୍ଦେଶ୍ୟରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ପୋଲିସ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତ୍ୟାଚାର ଜନିତ ମାମଲାର ଶୀଘ୍ର ନିଷ୍ପତ୍ତି ବ୍ଲକ ସ୍ତରରେ ନିୟମିତ ମିଳିତ ସମୀକ୍ଷା ବୈଠକ, ଖଣିଜ ଚୋରି ବିରୋଧରେ ମିଳିତ ଚଢଉ ଏବଂ ଜିଲ୍ଲାରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣାଧୀନ ରଖିବା ସହିତ ନିୟମିତ ଭାବରେ ଅପରାଧ କରି ଖସିଯାଉଥିବା ଅପରାଧୀମାନଙ୍କୁ ସାବାଡ୍ କରିବାକୁ ନେଇ ଆରକ୍ଷୀ ଅଧିକ୍ଷକ ଉପସ୍ଥିତ ଥିବା ସମସ୍ତ ପୋଲିସ୍ ଅଧିକାରୀ ସହିତ ଆଲୋଚନା କରିଛନ୍ତି। ଏହି ଅପରାଧୀ ମାନଙ୍କୁ କଠୋର ଦଫା ଲଗାଇ ଏମାନଙ୍କୁ ଜେଲ୍ ହାଜତକୁ ପଠାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ପୋଲିସ୍ ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ ପ୍ରତ୍ୟେକ ମାସରେ ଏହାର ସମୀକ୍ଷା କରିବା ପାଇଁ ଆଲୋଚନା କରାଯାଇଛି। ଏଥିସହିତ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ସିସି କ୍ୟାମେରା ଲଗାଇବା, ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା, ଟ୍ରାଫିକ୍ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ସହିତ ବିଭିନ୍ନ ଥାନାରେ ଆସୁଥିବା ଜମି ମାମଲା ଗୁଡିକୁ ଥାନା ଅଧିକାରୀ ତହସିଲ୍‌ଦାର, ଅତିରିକ୍ତ ତହସିଲ୍‌ଦାରଙ୍କ ସହିତ ସମନ୍ୱୟ ରଖି ମାମଲା ଗୁଡିକୁ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୀର୍ଘଦିନ ଧରି ଜମି ସମସ୍ୟା ଚାଲୁ ରହିଲେ ଏହା ଅପରାଧ ଆଡକୁ ଗତି କରୁଛି। ଆୟୋଜିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ରବିନ୍ଦ୍ର କୁମାର ମଲ୍ଲିକ୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ଗୌଡୀୟ, ଜିଲ୍ଲାର ସମସ୍ତ ଥାନାର ଥାନା ଅଧିକାରୀ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଜନଭାଗୀଦାରୀ ଅଭିଯାନରେ ସ୍ୱଚ୍ଛତା ସଚେତନତା ଅଭିଯୋଗ ଶୁଣାଣି

**କଟକ, ନ୍ୟୁଜ୍ ବ୍ୟୁରୋ**

ଜନ ଜାତୀୟ ଗରିମା ଉତ୍ସବ ଅବସରରେ ଦେଶବ୍ୟାପୀ ଚାଲିଥିବା ଜନ ଭାଗୀଦାରୀ – ସବସେ ଦୂର ସବସେ ପେହଲେ ବା ସବୁଠାରୁ ଦୂରରେ ସର୍ବପ୍ରଥମେ ଅଭିଯାନ ଅନ୍ତର୍ଗତ କଟକ ଜିଲ୍ଲାର ଆଠଗଡ ବ୍ଲକରେ ଜନ ଶୁଣାଣି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ, ପିଆର୍‌ଆଇ ସଦସ୍ୟ, ଏଡିଇଓ, ଡବ୍ଲୁଇଓ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିଥିଲେ। ଜନ ଶୁଣାଣିରେ ବିଭିନ୍ନ ବିଭାଗ ସମ୍ପର୍କିତ ବ୍ୟକ୍ତିଗତ ଏବଂ ସାମୂହିକ ମୋଟ ୧୩ଟି ଅଭିଯୋଗ ହସ୍ତଗତ ହୋଇଥିଲା। ସେହିପରି ବଡ଼ମ୍ବା ବ୍ଲକରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଗ୍ରାମବାସୀମାନେ ଅଂଶଗ୍ରହଣ କରି ଗ୍ରାମ ପରିବେଶ ସଫାସୁତୁରା କାର୍ଯ୍ୟ କରିବା ସହ ଲୋକମାନଙ୍କୁ ପରିଷ୍କାର-ପରିଚ୍ଛନ୍ନତା ସମ୍ପର୍କରେ ସଚେତନ କରିଥିଲେ। ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ସମ୍ପୃକ୍ତ ବ୍ଲକର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବୌଦ୍ଧ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି, ସତର୍କ ରହିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ବୌଦ୍ଧ ପକ୍ଷରୁ ପ୍ରକାଶିତ ପାଣିପାଗ ବିବରଣୀ ଅନୁଯାୟୀ ଜିଲ୍ଲାରେ ତୀବ୍ର ଖରା ଓ ଗୁଳୁଗୁଳି ଜାରି ରହିଛି। ବୌଦ୍ଧ ଜିଲ୍ଲାର ସର୍ବାଧିକ ତାପମାତ୍ରା ୪୪.୨ ଡିଗ୍ରୀ ସେଲସିଅସ୍ ରେକର୍ଡ କରାଯାଇଥିବା ବେଳେ ସନ୍ଧ୍ୟା ସାଢେ ୫ଟା ସୁଦ୍ଧା ଡ୍ରାଇ ବଲ୍‌ବ ତାପମାତ୍ରା ୩୯.୮ ଡିଗ୍ରୀ ସେଲ୍‌ସିଅସ୍ ଏବଂ ୱେଟ୍ ବଲ୍‌ବ ତାପମାତ୍ରା ୩୪.୮ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା। ସେହିପରି ଡ୍ୟୁ ପଏଣ୍ଟ ୩୩.୪ ଡିଗ୍ରୀ ସେଲ୍‌ସିଅସ୍ ଓ ଆପେକ୍ଷିକ ଆଦ୍ରତା ୭୧ ପ୍ରତିଶତ ରେକର୍ଡ ହୋଇଛି। ତୀବ୍ର ଉଷ୍ମ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ଅତ୍ୟାବଶ୍ୟକ କାମନଥିଲେ ଦିନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଘରୁ ବାହାରକୁ ନବାହାରିବାକୁ ପରାମର୍ଶ ଦିଆଯାଇଛି। ପ୍ରଚୁର ପରିମାଣରେ ପାଣି, ଓଆର୍‌ଏସ୍ ଏବଂ ହାଲୁକା ଖାଦ୍ୟ ଗ୍ରହଣ କରିବା ସହ ଶିଶୁ, ବୃଦ୍ଧ ଓ ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରାଯାଇଛି।

## ଧର୍ମଶାଳାରେ ୩ ମୁଖ୍ୟ ରାସ୍ତା ଉଦ୍‌ଘାଟିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୩ଟି ରାସ୍ତାର ପ୍ରଶସ୍ତିକରଣ ଓ ନବୀକରଣ ପାଇଁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ କରକମଳରେ ଉଦଘାଟନ ହୋଇଯାଇଛି । କୁମାରୀ ପଞ୍ଚାୟତର ୧୬ନଂ ଜାତୀୟ ରାଜପଥ ଠାରୁ ଦେଉଳିପାହାଡ଼ ଭାୟା କୁମାରୀ ୪ କୋଟି ୮୯ ଲକ୍ଷ ଟଙ୍କା, ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାର ଧର୍ମଶାଳା ଠାରୁ ଭୁବନ ୬ କୋଟି ୩୦ ଲକ୍ଷ ଟଙ୍କା, ଅନ୍ୟଟି ନୂଆପାଟଣା ଠାରୁ କୋଟପୁର ୬ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବ। ଯାହା ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲି ସମସ୍ତ କାର୍ଯ୍ୟ ଆରମ୍ଭ ହେଉଥିବା ବିଧାୟକ ପ୍ରକାଶ କରିଥିଲେ। ପ୍ରବଳ ଗରମ ମଧ୍ୟରେ ବିଧାୟକଙ୍କ ଏହି ମାରାଥନ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକ୍ଷଣଯନ୍ତ୍ରୀ ରାଜଶ୍ରୀ ଭୋଲ, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଅନ୍ୟ ବିଭାଗୀୟ ଅଧିକାରୀ ସ୍ଥାନୀୟ ଅଞ୍ଚଳର ବହୁଦଳୀୟ ନେତା, କର୍ମୀ ଓ ଜନସାଧାରଣ ଯୋଗଦେଇଥିଲେ।

# ‘ଯଶୋଦା’ ଯୋଜନା ହିତାଧିକାରୀଙ୍କୁ ପରାମର୍ଶ ଓ ସହାୟତା ପ୍ରଦାନ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଯଶୋଦା ଯୋଜନା ହିତାଧିକାରୀଙ୍କ ପରାମର୍ଶ ଶିବିର ଓ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଅଧ୍ୟକ୍ଷତା କରି କହିଥିଲେ ଯେ, କୌଣସି ଶିଶୁ କିମ୍ବା ଯୁବକ-ଯୁବତୀ ଯେପରି ଶିକ୍ଷାର ଅଭାବ ଯୋଗୁ ଶୋଷଣର ଶିକାର ନହୁଅନ୍ତି, ସେଥିପାଇଁ ସମସ୍ତଙ୍କୁ ସଚେତନ ହେବା ସହିତ ସମାନଙ୍କୁ ଶିକ୍ଷିତ କରିବା ଓ ସ୍ୱାବଲମ୍ବୀ କରିବା ଆବଶ୍ୟକ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲଭ ସରଙ୍ଗୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଏବଂ ସୁବର୍ଣ୍ଣପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରୀତି ସୁନା, କିଶୋର ନ୍ୟାୟ ବୋଡ ସଦସ୍ୟା ରଂଜିତା ସାହୁ ଉପସ୍ଥିତ ଥିଲେ। ଅତିଥିମାନେ ଛାତ୍ରଛାତ୍ରୀ, ଅଭିଭାବକ ଓ ହିତାଧିକାରୀମାନଙ୍କ ସହ ଆଲୋଚନା କରି ଯଶୋଦା ଯୋଜନାର ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ ଏବଂ ସରକାରୀ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି ପାଇଁ ସମସ୍ତଙ୍କୁ ଦୂତ ଭାବେ କାମ କରିବାକୁ ଆହ୍ୱାନ ଜଣାଇଥିଲେ। ଡ଼ ସାହୁ ନିଜ ଉଦ୍‌ବୋଧନରେ ଜଣେ ଫୁଡ୍ ଡେଲିଭରି ବୟ ଭାବେ କାମ କରୁଥିବା ଯୁବକ ପରେ ଓଏସ୍ ପରୀକ୍ଷାରେ ସଫଳ ହୋଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୋଇଥିବା ଏବଂ ଜଣେ ଗରିବ ପରିବାରର ଝିଅ ସଂସ୍କୃତରେ ସ୍ୱର୍ଣ୍ଣ ପଦକ ହାସଲ କରିବାର ଉଦାହରଣ ଦେଇ ଉପସ୍ଥିତ ସମସ୍ତଙ୍କୁ ପ୍ରେରିତ କରିଥିଲେ। ସେ କହିଥିଲେ ଯେ, ଶିକ୍ଷା ମଣିଷକୁ ସ୍ୱାବଲମ୍ବୀ କରିଥାଏ ଏବଂ ଶୋଷଣରୁ ରକ୍ଷା କରେ। ଶିଶୁ କଲ୍ୟାଣ ସମିତି ପକ୍ଷରୁ ଶିଶୁ ଚାଲାଣ ଓ ବାଲ୍ୟ ବିବାହ ନେଇ ଚିନ୍ତା ବ୍ୟକ୍ତ କରାଯାଇଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଜିଲ୍ଲା ପ୍ରଶାସନର ଲକ୍ଷ୍ୟ ହେଉଛି ଶିଶୁମାନଙ୍କୁ ଦକ୍ଷ ଓ ସ୍ୱାବଲମ୍ବୀ କରିବା ବୋଲି ପୁନରୁଚ୍ଚାରଣ କରିଥିଲେ। ଯଶୋଦା ଯୋଜନା ଅନ୍ତର୍ଗତ ୧୫ ଜଣ + ୨ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା, ୪୨ ଜଣ + ୩ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକଙ୍କୁ ୨୦ ହଜାର ଟଙ୍କା, ୪ଜଣ ଜିଏନ୍‌ଏମ୍ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକଙ୍କୁ ୩୦ ହଜାର ଟଙ୍କା, ୩ ଜଣ ଡିପ୍ଲୋମା ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା, ୧ ଜଣ ବି. ଫାର୍ମ ଛାତ୍ରଙ୍କୁ ୩୦ ହଜାର ଟଙ୍କା ଏବଂ ୧ ଜଣ କନ୍ୟାଙ୍କୁ ବିବାହ ସହାୟତା ବାବଦରେ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମୋଟ୍ ୬୬ ଜଣ ହିତାଧିକାରୀଙ୍କୁ ୧୨ ଲକ୍ଷ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଥିଲା। ଗୌତମ ମହାପାତ୍ର ଧନ୍ୟବାଦ ଦେଇଥିବା ବେଳେ ରୁଦ୍ରପ୍ରସନ୍ନ ମିଶ୍ର, ଅନିଲ ମହଲା, ଥାବିର କାଳସ, ମୃତ୍ୟୁଞ୍ଜୟ ସାହୁ, ସ୍ୱାଗତ ମିଶ୍ର, ସରିତା ସାହୁ, ମାନିନୀ ମହାନ୍ତି ପ୍ରମୁଖ ସହାୟତା କରିଥିଲେ।

# କ୍ୟାନ୍ସର ପୀଡିତ ଶିଶୁକୁ ବିଧାୟକ ଓ ତହସିଲଦାରଙ୍କ ସହାୟତା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାବୁଲିଆ ଗ୍ରାମ ପଞ୍ଚାୟତର ଅନୁପମ ପରିଡାଙ୍କ ଦ୍ୱିତୀୟ ପୁତ୍ର ଶ୍ରେୟାନ୍ସ ପରିଡା ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ବ୍ଲଡ୍ କ୍ୟାନ୍ସର ରୋଗରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ନିମନ୍ତେ ଶିଶୁର ବାପା ମାଆ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି ଓ ଖଲ୍ଲିକୋଟ ତହସିଲଦାର ମାଳେସି ପାତ୍ରଙ୍କୁ ଶିଶୁର ଚିକିତ୍ସା ନିମନ୍ତେ ନିବେଦନ ଜଣାଇଥିଲେ। ଅନୁରୋଧ ରକ୍ଷା କରି ଉଭୟ ବିଧାୟକ ଓ ଖଲ୍ଲିକୋଟ ତହସିଲଦାର, ସମାଜସେବୀ କଲ୍ୟାଣୀ ପଲାଇ ସହିତ ଦଳୀୟ କର୍ମୀମାନଙ୍କୁ ନେଇ ସାବୁଲିଆ ଗ୍ରାମରେ ତାଙ୍କ ବାସଭବନରେ ପହଞ୍ଚି ୩୦,୦୦୦ ଟଙ୍କାର ଏକ ଚେକ୍ ଚିକିତ୍ସା ନିମନ୍ତେ ତାଙ୍କ ଜେଜେମାଙ୍କୁ ପ୍ରଦାନ କରିଥିଲେ। ଚିକିତ୍ସିତ ପରିବାର ଗ୍ରାମର ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତଙ୍କ ପକ୍ଷରୁ ଭୁୟଶୀ ପ୍ରଶଂସା କରାଯାଇଛି।

## ରେଳ ଷ୍ଟେସନ୍‌ରେ ଯାତ୍ରୀମାନଙ୍କ ଶୋଷ ମେଣ୍ଟାଉଛି ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖା

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ସହର ସମେତ ବଲାଙ୍ଗିର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଅସହ୍ୟ ଖରା ଓ ଝାଞ୍ଜି ପବନ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ସାଧାରଣ ପଥିକ, ଶ୍ରମଜୀବୀ, ଯାତ୍ରୀ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଭଳି ସ୍ଥିତିରେ ଚଳିତବର୍ଷ କଣ୍ଟାବାଞ୍ଜି ସ୍ୱେଚ୍ଛାସେବୀ ସଂଗଠନ ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖା କଣ୍ଟାବାଞ୍ଜି ପକ୍ଷରୁ ସ୍ଥାନୀୟ ରେଲୱେ ଷ୍ଟେସନ୍‌ରେ ଯାତ୍ରୀ ସହ ସାଧାରଣ ଲୋକଙ୍କ ପାଇଁ ନିୟମିତ ଥଣ୍ଡା ଆର୍ ଓ ପାଣି, ଓ ଦହିପାଣି ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି। ମାରୱାଡି ଯୁବା ମଞ୍ଚ ବିକାଶ ଶାଖା ପକ୍ଷରୁ ଏହି ମହତ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସ୍ୱହସ୍ତରେ ପଥିକ ଓ ସାଧାରଣ ଲୋକଙ୍କୁ ଦହିପାଣି ବଣ୍ଟନ କରାଯାଇଥିଲା। ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖା କଣ୍ଟାବାଞ୍ଜି ଏଭଳି ମାନବୀୟ ସେବାକୁ ଜନସାଧାରଣ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି ପ୍ରକାଶ କରିଥିଲେ। ଗ୍ରୀଷ୍ମଋତୁ ସାରା ଆସନ୍ତା ଦିନମାନଙ୍କରେ ମଧ୍ୟ ସଂଗଠନ ତରଫରୁ ଏହି ସେବା କାର୍ଯ୍ୟକ୍ରମ ନିରନ୍ତର ଭାବେ ଜାରି ରହିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଜଳସେବା କାର୍ଯ୍ୟକ୍ରମକୁ ସଫଳ କରିବାରେ ସଂଗଠନର ସଭାପତି ମହେଶ ଅଗ୍ରୱାଲ, ସମ୍ପାଦକ ଅଭିଷେକ ଅଗ୍ରୱାଲ, କୋଷାଧ୍ୟକ୍ଷ ହେମନ୍ତ ଅଗ୍ରୱାଲ, ବଜରଙ୍ଗ ଅଗ୍ରୱାଲ, ନିଖିଲ ଅଗ୍ରୱାଲ, ନବନୀତ ଅଗ୍ରୱାଲ, ଅଖିଳ ଅଗ୍ରୱାଲ, ସଞ୍ଜୟ ଶର୍ମା, ଶଶାଙ୍କ ଜୈନ, ଆଶିଷ ଖେତାନ ସହ ରେଲୱେ ସୁରକ୍ଷା ବଳର ଯବାନ, ସମାଜସେବୀ ହନି ସିଂହ, ରବି ଶର୍ମା, ସୁରଦାସ ବାଗ, ପ୍ରମୋଦ ବେହେରା ପ୍ରମୁଖ ସକ୍ରିୟ ଭାବେ ସାମିଲ୍ ହୋଇ ଶୃଙ୍ଖଳିତ ଭାବେ ଦହିପାଣି ବଣ୍ଟନ କରିଥିଲେ।




# ଖୋର୍ଦ୍ଧା ରୋଡ୍ ଇଷ୍ଟକୋଷ୍ଟ ରେଳବାଇ କ୍ରୀଡ଼ାସଂଘର ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଚାଲିଥିବା ଗ୍ରୀଷ୍ମକାଳୀନ ଛୁଟି ସମୟରେ ପିଲାମାନଙ୍କର ଶାରୀରିକ, ମାନସିକ ଓ ନୈତିକ ଦକ୍ଷତାର ବିକାଶ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ରୋଡ୍ ଇଷ୍ଟକୋଷ୍ଟ ରେଳବାଇ କ୍ରୀଡ଼ା ସଂଘ ପକ୍ଷରୁ କ୍ରୀଡ଼ା କମ୍ପ୍ଲେକ୍ସ ଠାରେ ରେଳବାଇ କର୍ମଚାରୀଙ୍କ ପିଲାମାନଙ୍କ ସହ ସ୍ଥାନୀୟ ପିଲାମାନଙ୍କ ପାଇଁ ଏକ ‘ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର-୨୦୨୬’ର ଆୟୋଜନ କରାଯାଉଛି। ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିରର ଉଦ୍‌ଘାଟନ ସହିତ ଖୋର୍ଦ୍ଧା ରୋଡ୍ ଇଷ୍ଟ କୋଷ୍ଟ ରେଳବାଇ କ୍ରୀଡ଼ା ସଂଘର କ୍ରିକେଟ୍ ଷ୍ଟାଡିୟମ୍‌ରେ ନୂତନ ଭାବେ ସ୍ଥାପନ କରାଯାଇଥିବା ଏକ ଡିଜିଟାଲ୍ ଏଲ୍‌ଇଡି କ୍ରିକେଟ୍ ସ୍କୋର୍ ବୋର୍ଡ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ, ଖୋର୍ଦ୍ଧା ରୋଡ୍ ଇଷ୍ଟ କୋଷ୍ଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଭାପତି ପ୍ରିୟଙ୍କା ଜୀଭାରାଜ; ଏଡିଆର୍‌ଏମ୍ (ଅପରେସନ୍) ପି. କେ. ବେହେରା, ଏଡିଆର୍‌ଏମ୍ (ଇନ୍‌ଫ୍ରା) ରାଜଧାରୀ ଯାଦବ, କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏସ୍. ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀଙ୍କ ଉପସ୍ଥିତିରେ ଏହି ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ଓ ଡିଜିଟାଲ୍ ଏଲ୍‌ଇଡି କ୍ରିକେଟ୍ ସ୍କୋର୍ ବୋର୍ଡର ଉଦ୍‌ଘାଟନ କରିଛନ୍ତି। ଏହି ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ୨୦.୦୫.୨୦୨୬ ରୁ ୩୦.୦୫.୨୦୨୬ ତାରିଖ ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବ। ଏହି ଶିବିରରେ ୫ ବର୍ଷରୁ ଅଧିକ ବୟସର ପିଲାମାନେ ଟେବୁଲ୍ ଟେନିସ୍, ଭଲିବଲ୍, କ୍ରିକେଟ୍, ବ୍ୟାଡମିଣ୍ଟନ୍, ସନ୍ତରଣ ଏବଂ ଯୋଗ ଭଳି ବିଭିନ୍ନ କ୍ରୀଡ଼ା କାର୍ଯ୍ୟକଳାପରେ ଭାଗ ନେବେ। ଏହା ସହିତ ‘ଟେକ୍ୱାଣ୍ଡୋ’ ସମରକଳା ମାଧ୍ୟମରେ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯିବ ଏହା ସହିତ ‘ଟେକ୍ୱାଣ୍ଡୋ’ ମାର୍ଶଲ ଆର୍ଟ ମାଧ୍ୟମରେ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯିବ। ଏହି ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିରରେ ୬୦ରୁ ଅଧିକ ପିଲା ଅଂଶଗ୍ରହଣ କରୁଛନ୍ତି। ଖୋର୍ଦ୍ଧା ରୋଡ୍‌ର କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ୍ କୁମାର ଏସ୍.ଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସାଧାରଣ ସମ୍ପାଦକ ମହମ୍ମଦ ଜାକିରୁଦ୍ଦିନ, ସହକାରୀ ସାଧାରଣ ସମ୍ପାଦକ ଜେ.ଏସ୍. ପାତ୍ର ଏବଂ ସେମାନଙ୍କ ଦଳର ସଦସ୍ୟମାନେ ଶିବିରର ବିଭିନ୍ନ କାର୍ଯ୍ୟକ୍ରମ ଓ ଗତିବିଧିକୁ ସଫଳତାର ସହ ସଂଯୋଜନା ଓ ପରିଚାଳନା କରୁଛନ୍ତି।




# ବିଦ୍ୟୁତ୍ କର୍ମଚାରୀଙ୍କ ଗଣଧାରଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଠିକା କ୍ଷେତ୍ର କର୍ମଚାରୀଙ୍କ ଅହେତୁକ ଛଟେଇ, ଚାକିରି କରୁଥିବା କର୍ମଚାରୀ ମାନଙ୍କୁ ଧାରାବାହିକ କରିବା, ଇପିଏଫ୍ ଭଳି ସୁବିଧା ପ୍ରଦାନ କରିବା, ସର୍ବୋପରି ବିଦ୍ୟୁତ୍ ସେବା ଲୋକମାନଙ୍କ ପାଖରେ ସଠିକ୍ ଭାବରେ ପହଞ୍ଚାଇବା ଦାବିରେ ଗତ ୧୮ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଧାରଣା କାର୍ଯ୍ୟକ୍ରମ କେନ୍ଦ୍ରାପଡା ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଶତାଧିକ କର୍ମଚାରୀ ଧାରଣା ଦେଇ ଆସୁଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ, ଶ୍ରମ ମଙ୍ଗଳ ଅଫିସର ଏବଂ ବିଦ୍ୟୁତ୍ ବୋର୍ଡର ପ୍ରଦତ ଅଫିସର ମାନଙ୍କୁ ଜଣାଇ ଦିଆଯାଇଥିଲେ ମଧ୍ୟ ଟାଟା କମ୍ପାନୀ ପାଖରେ ଏମାନେ କୌଣସି ନିଷ୍ପତ୍ତି ନେଇପାରୁନାହାଁନ୍ତି। ସମଗ୍ର ରାଜ୍ୟର ଠିକା କର୍ମଚାରୀମାନେ ପ୍ରତିବାଦ ସ୍ୱରୂପ ସବୁ ଜିଲ୍ଲା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେଉଛନ୍ତି। କେନ୍ଦ୍ରାପଡା ଜିଲ୍ଲାରେ ଭୀମସେନ ଭୂୟାଁ, ଅଧ୍ୟାପକ ଅଜୟ ସାମଲ, ଶିକ୍ଷକ ମହାସଂଘ ପୂର୍ବତନ ସାଧାରଣ ସମ୍ପାଦକ ଆଡଭୋକେଟ୍ ରମଣୀ ରଞ୍ଜନ ରାଉତରାୟ, ଶ୍ରମିକ ନେତା ରାଜୀବ ମହାନ୍ତି, କୃଷ୍ଣଚନ୍ଦ୍ର ମଲ୍ଲିକ, ବିନୋଦ ମଲ୍ଲ, ଶିଶିର କୁମାର ନାୟକ, ଚର୍ତୁଭୁଜ ଦାସ, ମନୋଜ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ ଚାଲିଛି। ଯେପର୍ଯ୍ୟନ୍ତ ଟାଟା କମ୍ପାନୀର ଶ୍ରମିକ ମାରଣ ନୀତି ପ୍ରତ୍ୟାହୃତ ନହୋଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନ ଦ୍ୱାରା ସାଧାରଣ ଜୀବନ ଯାତ୍ରା ଖରାଦିନେ ଅତି ସଙ୍ଗୀନ ଅବସ୍ଥା ଦେଇ ଗତି କରୁଛି। ତେଣୁ ଜନସାଧାରଣମାନେ ଆଗାମୀ ଦିନରେ ଟାଟା ପାୱାର କର୍ପୋରେସନ୍ ବିରୁଦ୍ଧରେ ଜନଜାଗରଣ କରିବା ପାଇଁ ବାଧ୍ୟ ହେବେ।

## ଆଇନ୍ ସେବା ପ୍ରାଧିକରଣର ଲକ୍ଷ୍ୟ ସମ୍ପର୍କରେ ପରାମର୍ଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ବିକଳ୍ପ ବିବାଦ ସମାଧାନ କେନ୍ଦ୍ରର ସମ୍ମିଳନୀ କକ୍ଷ ଠାରେ “ସ୍ଥାୟି ଲୋକ ଅଦାଲତ” ବିଷୟ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ସଭା ପ୍ରାରମ୍ଭରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସୁବର୍ଣ୍ଣପୁରର ସଚିବ ଦେବାଶିଷ ଦାସ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଜାତୀୟ ଆଇନ୍ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ ଏବଂ ସ୍ଥାୟୀ ଲୋକ ଅଦାଲତ ବିଷୟ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ ଓ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦେୱାନୀ ଜଜ୍ (ପ୍ରୋବେସନ) ରାହୁଲ ବିକ୍ରମ ପାଠୀ, ସମ୍ମୁଖ କାର୍ଯ୍ୟାଳୟର ରିଟେନର ପ୍ରବୋଧ କୁମାର ଦାସ, ବରିଷ୍ଠ ଆଇନଜୀବୀ ସାନନ୍ଦ ବିହାରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ଓ ଏହି ଶିବିରରେ ସମସ୍ତ ପ୍ୟାନେଲ୍ ଓକିଲ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ।

## ////////////////// ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ //////////////////

# ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



ଗତ ୨୦ ତାରିଖରେ ସୁନ୍ଦରଗଡ ଜିଲ୍ଲାରେ ଆସନ୍ନ ମୌସୁମୀ ଋତୁରେ ବନ୍ୟା ପରିସ୍ଥିତିର ପରିଚାଳନା ନିମନ୍ତେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପ-ଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଡେପୁଟି କଲେକ୍ଟର (ଜରୁରୀକାଳୀନ) ଅଶ୍ୱିନୀ କୁମାର ପଣ୍ଡା ତଥା ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ବନ୍ୟା ପ୍ରଭାବକୁ ହ୍ରାସ କରିବା ତଥା ଜୀବନ ତଥା ସମ୍ପତ୍ତିର ସୁରକ୍ଷା ପାଇଁ ସମନ୍ୱିତ ପ୍ରସ୍ତୁତି, ସମୟୋଚିତ ପଦକ୍ଷେପ ଏବଂ ଆନ୍ତଃ-ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବନ୍ୟା ପ୍ରସ୍ତୁତି ଏବଂ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ଦିଗ ଗୁଡ଼ିକ ଉପରେ ଆଲୋଚନା କରାଯାଇଥଲା, ଯେପରିକି:ବନ୍ୟା ପ୍ରଭାବିତ ଲୋକଙ୍କୁ ନିରାପଦସ୍ଥଳକୁ ସ୍ଥାନାନ୍ତରିତ କରିବା, ତଳିଆ ଅଞ୍ଚଳର ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହକୁ ସ୍ଥାନାନ୍ତରିତ କରିବା, ଅସ୍ଥାୟୀ ଆଶ୍ରୟ ଗୃହ ଗୁଡିକୁ ଚିହ୍ନଟ କରିବା ଆଦି । ଏହା ସହିତ ରାସ୍ତା ବିଚ୍ଛିନ୍ନ ହେବା ସ୍ଥିତିରେ ଏହାର ତୁରନ୍ତ ପୁନରୁଦ୍ଧାର କରି ପରିବହନ ତଥା ଜରୁରୀକାଳୀନ ସେବା ଗୁଡ଼ିକ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ମଧ୍ୟ ବୈଠକରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ସେହିଭଳି ମୌସୁମୀ ଋତୁରେ ପ୍ରଭାବିତ ପରିବାର ଗୁଡ଼ିକୁ ସମୟରେ ପଲିଥିନ୍ ବଣ୍ଟନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରମାନଙ୍କ ମଧ୍ୟରେ ଉଚିତ୍ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭି ଜଳବନ୍ଦୀ ସମସ୍ୟାର ସମାଧାନ ନିମନ୍ତେ ରାଉରକେଲା ମହାନଗର ନିଗମ ତଥା ସମସ୍ତ ପୌର ପରିଷଦରର ନିର୍ବାହୀ ଅଧିକାରୀମାନଙ୍କୁ ମୌସୁମୀ ପୂର୍ବରୁ ସମସ୍ତ ଡ୍ରେନ୍ ଏବଂ ପାଇପ୍‌ଲାଇନ୍ ଗୁଡ଼ିକ ସଫେଇ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ଏବଂ ଡ୍ରେନେଜ୍ ବ୍ୟବସ୍ଥାର ମାଷ୍ଟର୍ ପ୍ଲାନ୍ ଦାଖଲ ମଧ୍ୟ କୁହାଯାଇଥିଲା। ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ସିଡିଏମ୍‌ଓଙ୍କୁ ପର୍ଯ୍ୟାପ୍ତ ପରିମାଣର ସାପ କାମୁଡ଼ା ଇଞ୍ଜେକ୍ସନ୍, ଓଆର୍‌ଏସ୍ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀକୁ ବନ୍ୟା ଜରୁରୀକାଳୀନ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ଆବଶ୍ୟକୀୟ ସରଞ୍ଜାମ ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି ଜରୁରୀକାଳୀନ ପରିସ୍ଥିତିରେ ବିଦ୍ୟୁତ୍ ସେବା ବନ୍ଦ କରିବା ପୂର୍ବରୁ ଡାକବାଜି ଯନ୍ତ୍ର ଏବଂ ଏସ୍‌ଏମ୍‌ଏସ୍ ଆଲର୍ଟ ମାଧ୍ୟମରେ ସର୍ବସାଧାରଣଙ୍କୁ ଆଗୁଆ ସୂଚନା ପ୍ରଦାନ କରିବାକୁ ଟିପିଡବ୍ଲୁଓଡିଏଲ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ କୌଣସି ସମୟରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଥିଲେ ତୁରନ୍ତ ତାହାକୁ ପୁନଃସ୍ଥାପନ କରିବାକୁ କୁହାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗୋପାଳନ ତଥା ଗୃହପାଳିତ ପଶୁମାନଙ୍କର ଉଦ୍ଧାର ଏବଂ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଔଷଧ ଓ ସରଞ୍ଜାମର ମହଜୁଦ୍ ରଖିବା ଏବଂ କର୍ମଚାରୀଙ୍କ ନିୟୋଜନ ସୁନିଶ୍ଚିତ କରିବାକୁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ କୁହାଯାଇଥିଲା। ସେହିପରି ମୌସୁମୀ ପୂର୍ବରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ସହ କ୍ଲୋରିନେସନ୍ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ଏବଂ ୱାଟ୍‌କୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଫସଲ ଅମଳ ପରେ ଶସ୍ୟ ଗୁଡିକୁ ସୁରକ୍ଷିତ ସଂରକ୍ଷଣ ପାଇଁ କୃଷି ଏବଂ ସମବାୟ ବିଭାଗ ପକ୍ଷରୁ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଉପରେ ଆଲୋଚନା ହୋଇଥିଲା। ସେହିପରି ଫସଲ ନଷ୍ଟ ହ୍ରାସ କରିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ଏବଂ ଆଗୁଆ ଫସଲ ଅମଳ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ବୁଡ଼ିଯିବା ଭଳି ଦୁର୍ଘଟଣାକୁ ରୋକିବା ପାଇଁ ପୋଲିସ ସହ ସମନ୍ୱୟ ରକ୍ଷା କରି ପିକ୍‌ନିକ୍ ଏବଂ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ଉପରେ ନଜର ରଖିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଳବନ୍ଦୀ ଏବଂ ଜଳର ଅଧିକ ପ୍ରବାହ ରୋକିବା ପାଇଁ ମୌସୁମୀ ଆରମ୍ଭ ହେବା ପୂର୍ବରୁ କ୍ଷତିଗ୍ରସ୍ତ ରାସ୍ତା, ଡ୍ରେନେଜ୍ ବ୍ୟବସ୍ଥା, ସ୍ୱେରେଜ୍ ଏବଂ ପୋଖରୀଗୁଡ଼ିକର ମରାମତି କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଆନ୍ତଃ-ବିଭାଗୀୟ ସମନ୍ୱୟକୁ ସୁଦୃଢ଼ କରିବା ଏବଂ ସମଗ୍ର ଜିଲ୍ଲାରେ ବନ୍ୟା ପ୍ରସ୍ତୁତି ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ତହସିଲଦାର ଯୋଗଦେଇଥିଲେ।

# ବ୍ରହ୍ମପୁର ପଶୁ ଡାକ୍ତରଖାନାରେ ଇନ୍‌ଡୋର୍ ସେବା ପାଇଁ ପ୍ରସ୍ତାବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଭିନ୍ନ ସମୟରେ ବହୁ ସଙ୍ଗଠନ ପକ୍ଷରୁ ବ୍ରହ୍ମପୁର ଭେଟେରିନାରୀ ହସ୍‌ପିଟାଲ୍‌ରେ ପଶୁମାନଙ୍କ ପାଇଁ ଆଧୁନିକ ଇନ୍‌ଡ଼ୋର୍ ଚିକିତ୍ସା ସୁବିଧା ସ୍ଥାପନ ନେଇ ଦାବି ହୋଇଆସୁଛି। ବର୍ତ୍ତମାନ ଏହି ହସ୍‌ପିଟାଲ୍‌ରେ ବ୍ରହ୍ମପୁର ସହର ସମେତ ପାଖାପାଖି ଅଞ୍ଚଳର ବହୁ ସଂଖ୍ୟକ ପଶୁପାଳକ ସେମାନଙ୍କ ପଶୁର ଚିକିତ୍ସା ଲାଗି ନିର୍ଭର କରନ୍ତି । ଏହାକୁ ଦୃଷ୍ଟିରେ ରଖି ମୁଖ୍ୟ ଜିଲ୍ଲା ପ୍ରାଣିଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ବ୍ରହ୍ମପୁର ଭେଟେରିନାରୀ ହସ୍‌ପିଟାଲ୍‌ରେ ୫୦ ଶଯ୍ୟା ବିଶିଷ୍ଟ ଇନ୍‌ଡ଼ୋର୍ ଚିକିତ୍ସା ସୁବିଧା ଆରମ୍ଭ କରିବାକୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକଙ୍କୁ ପଠାଯାଇଥିବା ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡ଼ା. ଅଞ୍ଜନ ଦାଶ ସୂଚନା ଦେଇଛନ୍ତି। ହସ୍‌ପିଟାଲ୍‌ରେ ଇନ୍‌ଡ଼ୋର୍ ଚିକିତ୍ସା ବିଶେଷ କରି ଅପରେସନ୍ ପରବର୍ତ୍ତୀ ଚିକିତ୍ସା, ସଂକ୍ରମକ ରୋଗ, ଜରୁରୀକାଳୀନ ଆଘାତ ଓ ବିଷକ୍ରିୟା ଘଟଣାରେ ପଶୁମାନଙ୍କୁ ଚିକିତ୍ସା ଆବଶ୍ୟକ ରହୁଛି। କିନ୍ତୁ ହସ୍‌ପିଟାଲ୍‌ରେ ଏହି ସେହି ସୁବିଧା ନଥିବାରୁ ଚାଷୀ ଓ ପଶୁମାଲିକମାନେ ସେମାନଙ୍କ ପଶୁର ଘରେ ଚିକିତ୍ସା କରିବାକୁ ବାଧ୍ୟ ହେଉଛନ୍ତି । ଫଳରେ ବିଭିନ୍ନ ସମୟରେ ପଶୁ ମୃତ୍ୟୁ ହାର ବଢୁଥିବା ଅଭିଯୋଗ ହେଉଛି । ସେହିପରି ସହରାଞ୍ଚଳରେ ପୋଷା କୁକୁର ଓ ବିଲେଇ ପାଳନ ବୃଦ୍ଧି ପାଇଥିବାରୁ ଆଧୁନିକ ପଶୁ ଚିକିତ୍ସା ସେବା ଓ ହସ୍‌ପିଟାଲ୍‌ରେ ଇନ୍‌ଡ଼ୋର୍ ସୁବିଧା ପାଇଁ ଚାହିଦା ମଧ୍ୟ ବଢ଼ିଛି । ଏଥି ସହ ସଡ଼କ ଦୁର୍ଘଟଣାରେ ଆହତ ହେଉଥିବା ଆବାରଜ ପଶୁମାନଙ୍କ ପାଇଁ ମଧ୍ୟ ଇନ୍‌ଡ଼ୋର୍ ସେବାର ଆବଶ୍ୟକତା ରହିଛି । ପ୍ରସ୍ତାବିତ ଇନ୍‌ଡ଼ୋର୍ ସୁବିଧାରେ ବଡ଼ ଓ ଛୋଟ ପଶୁ ପାଇଁ ପୃଥକ୍ ୱାର୍ଡ଼, ସଂକ୍ରାମକ ରୋଗ ପାଇଁ ଆଇସୋଲେସନ୍ ୱାର୍ଡ଼, ଅପରେସନ୍ ପରବର୍ତ୍ତୀ ରିକଭରି ରୁମ୍, ପ୍ରଶାସନିକ କୋଠା, ଷ୍ଟୋର୍ ରୁମ୍, ଆଇଭି ଫ୍ଲୁଇଡ୍ ଓ ମନିଟରିଂ ବ୍ୟବସ୍ଥା ସହ ଆଇସିୟୁ ସୁବିଧା ରଖିବାକୁ ପ୍ରସ୍ତାବ ରହିଛି । ଏଥି ନିମନ୍ତେ ଏକ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଉଲ୍ଲେଖ ରହିଛି । ରାଜ୍ୟରେ ଅନ୍ୟ କୌଣସି ସ୍ଥାନରେ ପଶୁମାନଙ୍କ ପାଇଁ ଇନ୍‌ଡ଼ୋର ଚିକିତ୍ସା ସୁବିଧା ନଥିବା ବେଳେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟ ପକ୍ଷରୁ ଯଦି ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରନ୍ତି ତେବେ ପଶୁମାନଙ୍କ ପାଇଁ ଆଧୁନିକ ଇନ୍‌ଡ଼ୋର୍ ଚିକିତ୍ସା ସୁବିଧା ଯୋଗାଇବା କ୍ଷେତ୍ରରେ ବ୍ରହ୍ମପୁର ଭେଟେରିନାରୀ ହସ୍‌ପିଟାଲ୍ ରାଜ୍ୟର ପ୍ରଥମ ହେବ । ଏହି ସୁବିଧା ଆରମ୍ଭ ହେଲେ ପଶୁ ମୃତ୍ୟୁ ହାର କମିବା ସହ ପଶୁ ସ୍ୱାସ୍ଥ୍ୟ ସେବାର ମାନ ଉନ୍ନତ ହେବ ଏବଂ ଜିଲ୍ଲାର ପଶୁପାଳନ ଭିତ୍ତିକ ଅର୍ଥନୀତି ମଧ୍ୟ ସୁଦୃଢ଼ ହେବ ବୋଲି ମତ ପ୍ରକାଶ ପାଇଛି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୪ ମଇ, ରବିବାର, ୨୦୨୬


# ଆଇପିଏଲରେ 'ହାଣ୍ଡସେକ୍' ବିବାଦ



**ହାଇଦ୍ରାବାଦ**

ଗତ ବର୍ଷ ଏସିଆ କପରେ ହୋଇଥିବା ହାଣ୍ଡସେକ୍ ବିବାଦ ପରେ ଚଳିତ ଆଇପିଏଲ୍‌ରେ ମଧ୍ୟ ଏକ ହାଣ୍ଡସେକ୍ ବିବାଦ ଦେଖାଦେଇଛି। ଏହି ବିବାଦର କେନ୍ଦ୍ରରେ ରହିଛନ୍ତି ବିରାଟ କୋହଲି ଓ ଟ୍ରାଭିସ୍ ହେଡ୍।

ଶୁକ୍ରବାରର ଆରସିବି-ଏସଆରଏଚ୍ ମ୍ୟାଚ୍ ସମୟରେ କୋହଲି ଓ ହେଡ୍‌ଙ୍କ ମଧ୍ୟରେ ଏକ ଛୋଟିଆ ବଚସା ହୋଇଥିଲା। କୋହଲି ବ୍ୟାଟିଂ କରୁଥିବା ସମୟରେ ତାଙ୍କୁ ଛକାଚୌକା ମାରିବାକୁ ହେଡ୍ ଆହ୍ୱାନ କରିଥିଲେ। ଏହାର ଜବାବରେ ହେଡ୍‌ଙ୍କୁ ବୋଲିଂ କରିବାକୁ ଆହ୍ୱାନ କରିଥିଲେ। ଏହି ଉତ୍ତେଜନା ମଧ୍ୟରେ କୋହଲି ମାତ୍ର ୧୫ ରନ୍ କରି ଆଉଟ୍ ହୋଇଯାଇଥିଲେ। ପରେ ହେଡ୍ ଅବଶ୍ୟ ବୋଲିଂ କରିଥିଲେ ଓ ଅଧିନାୟକ ରଜତ ପଟିଦାରଙ୍କ ୱିକେଟ୍ ନେଇଥିଲେ। ମ୍ୟାଚ୍ ପରେ ବିବାଦକୁ ଭୁଲି କରମର୍ଦ୍ଦନ କରିବାକୁ ହେଡ୍ କୋହଲିଙ୍କ ଆଡ଼କୁ ହାତ ବଢାଇଥିଲେ ବି କୋହଲି ହାତ ମିଳାଇନଥିଲେ। ପରେ ଇନଷ୍ଟାଗ୍ରାମରେ ହେଡ୍‌ଙ୍କ ଏକ ପୋଷ୍ଟ ଚର୍ଚ୍ଚାର ବିଷୟ ହୋଇଛି। ସେ ଲେଖିଛନ୍ତି, 'ଶରୀରକୁ ଅପେକ୍ଷା କରିବାକୁ ଦିଅ'। ମନେକରାଯାଉଛି ଯେ ସେ ଗତକାଲିର ବିବାଦକୁ ଲକ୍ଷ୍ୟ ରଖି ଏପରି ଲେଖିଛନ୍ତି।

# ଲକ୍ଷ୍ନୌକୁ ୭ ୱିକେଟ୍‌ରେ ପରାସ୍ତ କଲା ପଞ୍ଜାବ

**ଲକ୍ଷ୍ନୌ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୮ତମ ମ୍ୟାଚ୍‌ରେ ଶ୍ରେୟସ ଆୟର ଏବଂ ପ୍ରଭସିମରନ ସିଂହଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ପଞ୍ଜାବ କିଙ୍ଗ୍‌ସ ୭ ୱିକେଟ୍‌ରେ ପରାସ୍ତ କରିଛି। ଅଧିନାୟକ ଶେୟୟ ଆୟରଙ୍କ ନେତୃତ୍ୱରେ ପଞ୍ଜାବ କିଙ୍ଗ୍‌ସ ୧୯୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୮ ଓଭରରେ ୩ ୱିକେଟ୍ ହରାଇ ୨୦୦ ରନ୍ କରିଛି।

ପଞ୍ଜାବର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖିବାକୁ ମିଳିଥିଲା। ବିସ୍ଫୋରକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଖାତା ଖୋଲିପାରି ନଥିଲେ। ସେହିପରି କୋପର କନୋଲି ୧୦ଟି ବଲ୍ ଖେଳି ୪୧ ରନ୍ ସଂଗ୍ରହ କରିଥିଲେ। ପଞ୍ଜାବ ବିନା କୌଣସି ରନ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଦ୍ୱିତୀୟ ୱିକେଟ୍ ବେଳକୁ ସ୍କୋର ୨୨ ରନ୍ ଥିଲା। ଶ୍ରେୟସ ଆୟର ଏବଂ ପ୍ରଭସିମରନ ସିଂହ ତୃତୀୟ ୱିକେଟ ପାଇଁ ୧୪୦ ରନ୍‌ର ଭାଗିଦାରୀ କରିଥିଲେ। ଅର୍ଜୁନ ତେନ୍ଦୁଲକରଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇ ପାଭିଲିଅନ ଫେରିଯିବା ପୂର୍ବରୁ ପ୍ରଭସିମରନ ବ୍ୟକ୍ତିଗତ ଭାବେ ୬୯ ରନ୍ ସଂଗ୍ରହ କରିଥିଲେ। ସେ ୩୯ଟି ବଲ୍ ଖେଳି ୭ଟି ଚୌକା ଏବଂ ୨ଟି ଛକା ମାରିଥିଲେ।



ଶ୍ରେୟସ ଆୟର ବିସ୍ଫୋରକ ଶତକ ହାସଲ କରିଥିଲେ। ସେ ୫୧ଟି ବଲ୍ ଖେଳି ୧୧ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୦୧ ରନ୍ କରିଥିଲେ।

ଲକ୍ଷ୍ନୌସ୍ଥିତ ରତରତ୍ନ ଅଟଳ ବିହାରୀ ବାଜପେୟୀ ଏକନା ଷ୍ଟାଡିୟମରେ ଶନିବାର ଟସ୍ ଜିଣି ପଞ୍ଜାବ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଋଷଭ ପନ୍ତଙ୍କ ନେତୃତ୍ୱରେ ଘରୋଇ ଦଳ ବ୍ୟାଟିଂ କରିଥିଲା। ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୯୬ ରନ୍ ସଂଗ୍ରହ କରିଥିଲା। ଲକ୍ଷ୍ନୌ ପାଇଁ ପ୍ରାରମ୍ଭିକ ବ୍ୟାଟର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୪ଟି ବଲ୍ ଖେଳି ୯ଟି ଚୌକା ଏବଂ ୨ଟି ଛକା ବଳରେ ୭୨ ରନ୍ ସଂଗ୍ରହ କରିଥିଲେ। ସେହିପରି ଆୟୁଷ ବଦୋନି ଦ୍ୱିତୟ ସର୍ବାଧିକ ରନ୍ କରିଥିଲେ। ସେ ୧୮ଟି ବଲ୍‌ର ସମ୍ମୁଖୀନ ହୋଇ ୫ଟି ଚୌକା ଏବଂ ୩ଟି ଛକା ବଳରେ ୪୩ ରନ୍ କରିଥିଲେ। ଅଧିନାୟକ ଋଷଭ ପନ୍ତଙ୍କ ବ୍ୟାଟରୁ ୨୬ ରନ୍ ଅମଳ ହୋଇଥିଲା। ସେ ୨୨ଟି ବଲ୍ ଖେଳି ୩ଟି ଚୌକା ମାରିଥିଲେ। ଅବଦୁଲ ସାମନ୍ଦ ଅପରାଜିତ ୩୭ ରନ୍ କରିଥିଲେ। ସେ ୨୦ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ଆର୍ଶୀନ କୁଲକର୍ଣ୍ଣିଙ୍କ ଶୂନ ରନ୍, ବିସ୍ଫୋରକ ବ୍ୟାଟର ନିକୋଲାସ ପୁରନ ୨ ରନ୍, ମୁକୁଲ ରୟ ୧ ରନ୍ କରିଥିଲେ। ଅର୍ଜୁନ ତେନ୍ଦୁଲକର ଅପରାଜିତ ୫ ରନ୍ କରିଥିଲେ। ପଞ୍ଜାବ ପାଇଁ ମାର୍କୋ ଜେନସନ ଏବଂ ଯୁଜବେନ୍ଦ୍ର ଚହଲ ୨-୨ ୱିକେଟ ଅକ୍ତିଆର କରିଥିଲେ। ଆଜମତୁଲ୍ଲା ଏବଂ ଶଶାଙ୍କ ସିଂହଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

# ବାଦ୍ ପଡ଼ିଲେ ରଘୁବଂଶୀ



**କୋଲକାତା**

କୋଲକାତା ନାଇଟ୍ ରାଇଡର୍ସ (କେକେଆର) ୱିକେଟ ରକ୍ଷକ ବ୍ୟାଟର୍ ଅଙ୍ଗକ୍ରିସ୍ ରଘୁବଂଶୀ ଆଇପିଏଲର ଅବଶିଷ୍ଟ ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ମୁଣ୍ଡ ଓ ବାମ ହାତ ଅଙ୍ଗୁଳିରେ ଆଘାତ ଯୋଗୁଁ ସେ ବାଦ ପଡ଼ିଛନ୍ତି। ମେ'୨୦ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସେ ଆଘାତପ୍ରାପ୍ତ ହୋଇଥିଲେ। ତିଳକ ବର୍ମାଙ୍କ ଏକ ସଟକୁ କ୍ୟାଚ୍ କରିବାକୁ ଯାଇ ସେ ଓ ବରୁଣ ଚକ୍ରବର୍ତ୍ତୀ ପରସ୍ପର ସହ ଧକ୍କା ହୋଇଯାଇଥିଲେ। ଏଥିରେ ରଘୁବଂଶୀ ଆଘାତପ୍ରାପ୍ତ ହୋଇଥିଲେ।

ରବିବାର କେକେଆର୍ ଓ ଦିଲ୍ଲୀ କ୍ୟାପିଟାଲ ମଧ୍ୟରେ ଖେଳାଯିବ ଚଳିତ ଆଇପିଏଲ୍ ଋତୁର ଶେଷ ଲିଗ୍ ମ୍ୟାଚ୍। ପ୍ଲେ ଅଫକୁ ଯିବା ପାଇଁ ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଏପରି ମ୍ୟାଚରୁ ରଘୁବଂଶୀ ବାଦ୍ ପଡ଼ିବା କେକେଆର୍ ପାଇଁ ଏକ ଝଟକା ସଦୃଶ ହୋଇଛି। କାରଣ ଚଳିତ ଆଇପିଏଲ୍‌ରେ ସେ ଭଲ ଲୟରେ ଅଛନ୍ତି ଓ ଏପର୍ଯ୍ୟନ୍ତ ପାଞ୍ଚ ଅର୍ଦ୍ଧଶତକ ସହ ୪୨୨ ରନ୍ କରିଛନ୍ତି।

# ୧୫ ବର୍ଷ ପରେ ଆଇପିଏଲ୍‌ରେ ପଏଣ୍ଟ ଟେବୁଲ୍‌ର ଶୀର୍ଷରେ ଆରସିବି

**ନୂଆଦିଲ୍ଲୀ**

ଗତ ବର୍ଷ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମ ଥର ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ ଟାଇଟଲ ଜିତିଥିଲା। ସେହି ସିଜିନରେ ମଧ୍ୟ ଦଳ ଟେବୁଲ-ଟପର ନ ଥିଲା। ଦ୍ୱିତୀୟ ସ୍ଥାନରେ ରହିଥିଲା। ଚଳିତବର୍ଷ ଆରସିବି ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚିଛି। ଏହି ସ୍ଥାନରେ ପହଞ୍ଚିବାକୁ ୧୫ ବର୍ଷ ସମୟ ଲାଗିଛି। ଏହି ସ୍ଥାନ ସେମାନେ ୧୮ ପଏଣ୍ଟ ଏବଂ +୦.୭୮୩ର ନେଟ ରନ ରେଟ ସହିତ ହାସଲ କରିଥିଲା।

ଏହା ପୂର୍ବରୁ ଶେଷ ଥର ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦୧୧ରେ ଟେବୁଲର ଶୀର୍ଷରେ ଥିଲା। ସେହି ବର୍ଷ ଆରସିବି ଫାଇନାଲରେ ପହଞ୍ଚିଥିଲା କିନ୍ତୁ ଚେନ୍ନାଇ ସୁପର କିଙ୍ଗସ ହାତରୁ ପରାଜୟବରଣ କରିଥିଲେ। ଏହା ପୂର୍ବରୁ ବେଙ୍ଗାଲୁରୁ ୨୦୦୯ରେ ମଧ୍ୟ ଫାଇନାଲରେ ପହଞ୍ଚିଥିଲା। କିନ୍ତୁ ସେହି ସମୟରେ ମଧ୍ୟ ସେମାନେ ଡେକାନ ଚାର୍ଜର୍ସ ଦ୍ୱାରା ପରାସ୍ତ ହୋଇଥିଲେ।



ଆଇପିଏଲ ଇତିହାସରେ ରୟାଲ ଚ୍ୟାଲେଞ୍ଜର୍ସର୍ ବେଙ୍ଗାଲୁରୁ ପଏଣ୍ଟ ଟେବୁଲର ଶୀର୍ଷରେ କେବଳ ଦୁଇଥର ରହିଛି। ଏହି ସଫଳତା ୨୦୧୧ରେ ଡାନିଏଲ ଭେଟୋରୀଙ୍କ ଅଧିନାୟକତ୍ୱରେ ଏବଂ ୨୦୨୬ରେ ରଜତ ପଟିଦାରଙ୍କ ଅଧିନାୟକତ୍ୱରେ ହାସଲ କରାଯାଇଥିଲା।

୨୦୧୬ ଏବଂ ୨୦୨୫ରେ, ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୧୬ରେ ଦଳ ଫାଇନାଲରେ ପହଞ୍ଚିଥିଲା କିନ୍ତୁ ସନରାଇଜର୍ସ ହାଇଦ୍ରାବାଦ ଦ୍ୱାରା ପରାସ୍ତ ହୋଇଥିଲା। ୨୦୨୫ରେ ଦଳ ପୁଣି ଥରେ ଫାଇନାଲରେ ପହଞ୍ଚିଥିଲା, କିନ୍ତୁ ଏଥର ସେମାନେ ସେମାନଙ୍କର ଲମ୍ବା ଟ୍ରଫି ମରୁଡ଼ିର ଅନ୍ତ ଘଟାଇଥିଲା। ପଞ୍ଜାବ କିଙ୍ଗସକୁ ପରାସ୍ତ କରି, ଦଳ ୧୮ ବର୍ଷ ପରେ ପ୍ରଥମ ଆଇପିଏଲ୍ ଟାଇଟଲ ଜିତିଥିଲା।

ବିରାଟ କୋହଲି ଅରେଞ୍ଜ କ୍ୟାପ ଦୌଡ଼ରେ ପଛରେ ପଡ଼ିଯାଇଛନ୍ତି; ସେ ସିଜିନର ସର୍ବାଧିକ ରନ-ସ୍କୋରର୍ ତାଲିକାରେ ଅଷ୍ଟମ ସ୍ଥାନକୁ ଖସି ଯାଇଛନ୍ତି। ତଥାପି ସେ ୧୪ ଇନିଂସରେ ୫୫୭ ରନ ସଂଗ୍ରହ କରି ତାଙ୍କ ଦଳର ସର୍ବାଧିକ ରନ-ସ୍କୋରର୍ ରହିଛନ୍ତି। ଏହି ସିଜିନରେ, ସେ ଗୋଟିଏ ଶତକ ଏବଂ ଚାରୋଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

ଭୁବନେଶ୍ୱର କୁମାର ବର୍ତ୍ତମାନ ୧୪ ମ୍ୟାଚରେ ୨୪ ୱିକେଟ ଦଖଲ କରି ପର୍ପଲ କ୍ୟାପ ଧରିଛନ୍ତି। ଗୁଜରାଟର ବୋଲର କାଗିସୋ ରାବାଡାଙ୍କ ମଧ୍ୟ ୨୪ ଉଇକେଟ ଅଛି; ତଥାପି 'ଭୁଭି'ର ଇକୋନୋମି ହାର (୭.୭୧) ଉନ୍ନତ, ଯାହା କାରଣରୁ ସେ ବର୍ତ୍ତମାନ ପର୍ପଲ କ୍ୟାପ ଧରିଛନ୍ତି।

# ହକି ଇଣ୍ଡିଆ ଅଣ୍ଡର- ୧୮ ମହିଳା ଏସିଆ କପ୍ ୨୦୨୬ ପାଇଁ ଭାରତୀୟ ଦଳ ଘୋଷଣା, ସ୍ୱିଟି କୁଜୁର ଅଧିନାୟକ

**ଭୋପାଳ**

ହକି ଇଣ୍ଡିଆ ଆସନ୍ତା ଶୁକ୍ରବାର ଜାପାନରେ ଅନୁଷ୍ଠିତ ହେବାକୁ ଥିବା ଅଣ୍ଡର୧୮ ଏସିଆ କପ୍ କାକାମିଗାହାରା ୨୦୨୬ ପାଇଁ ୧୮ ଜଣିଆ ଭାରତୀୟ ମହିଳା ଦଳ ଘୋଷଣା କରିଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ୨୯ ମଇ ରୁ ୬ ଜୁନ୍, ୨୦୨୬ ପର୍ଯ୍ୟନ୍ତ ଖେଳାଯିବ। କୋଚ୍ ରାଣୀଙ୍କ ମାର୍ଗଦର୍ଶନରେ, ଭାରତୀୟ ଦଳ ଭୋପାଳରେ ଏକ ଜାତୀୟ ତାଲିମ ଶିବିରରେ ଏକ ମାସ ପାଇଁ ପ୍ରସ୍ତୁତି କରିଥିଲା। ଏହି ସମୟ ମଧ୍ୟରେ, ଖେଳାଳିଙ୍କ ଫିଟନେସ୍, ଦଳ ଗଠନ ଏବଂ ରଣନୈତିକ ଖେଳ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ସ୍ୱିଟି କୁଜୁର ଦଳର ନେତୃତ୍ୱ ନେବେ। ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତିର ଏକ ଅଂଶ ଭାବରେ, ଭାରତୀୟ ଦଳ ଭୋପାଳରେ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଚାରି ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିଥିଲା, ଯେଉଁଠାରେ ଫାଇନାଲ ମ୍ୟାଚ୍ ରେ ବିଜୟ ସେମାନଙ୍କର ଆତ୍ମବିଶ୍ୱାସକୁ ବୃଦ୍ଧି କରିଥିଲା। ଭାରତକୁ ପୁଲ ଏରେ ଦକ୍ଷିଣ କୋରିଆ, ମାଲେସିଆ ଏବଂ ସିଙ୍ଗାପୁର ସହିତ ରଖାଯାଇଛି। ଭାରତୀୟ ଦଳ ମେ ୩୦ ତାରିଖରେ ମାଲେସିଆ ବିପକ୍ଷରେ ତା'ର ଅଭିଯାନ ଆରମ୍ଭ କରିବ। ତା'ପରେ ସେମାନେ ମେ ୩୧ ତାରିଖରେ ଦକ୍ଷିଣ କୋରିଆ ଏବଂ ଜୁନ୍ ୨ ତାରିଖରେ ସିଙ୍ଗାପୁର ସହିତ ମୁକାବିଲା କରିବେ। ଉଭୟ ପୁଲ୍ର ଶ୍ରେଷ୍ଠ ଦୁଇଟି ଦଳ ଜୁନ୍ ୫ ତାରିଖରେ ସେମିଫାଇନାଲ୍ କୁ ଉଠିବେ, ଯେତେବେଳେ ଫାଇନାଲ୍ ୬ ତାରିଖରେ ଖେଳାଯିବ।

# ରାଜ୍ୟର ଶ୍ରେଷ୍ଠ କ୍ୟାମ୍ପୋରୀ ଭାବେ ବୌଦ୍ଧ ଜିଲ୍ଲା ସ୍କାଉଟ ପୁରସ୍କୃତ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଲୋକ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ବୌଦ୍ଧ ଜିଲ୍ଲା ଭାରତ ସ୍କାଉଟ ଆଣ୍ଡ ଗାଇଡ କ୍ୟାମ୍ପୋରୀ ରାଜ୍ୟ ଶ୍ରେଷ୍ଠ କ୍ୟାମ୍ପୋରୀ ଭାବେ ବିବେଚିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ଏବଂ ହୋଷ୍ଟ ମାଉଳିସିଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମେହେର ପ୍ରମୁଖ ମହାମହିମ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପତି ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଠାରୁ ରାଜ୍ୟ ପୁରସ୍କାର ଗ୍ରହଣ କରିଛନ୍ତି। ଏହି କ୍ୟାମ୍ପୋରୀ ୧୭ ଡିସେମ୍ବର ୨୦୨୫ ରୁ ୧୯ ଡିସେମ୍ବର ପର୍ଯ୍ୟନ୍ତ ୩ ଦିନ ଧରି ଜାନକୀ ଭିକାରୀ ଉଚ୍ଚ ବିଦ୍ୟାଳୟ ମାଉଳିସିଙ୍ଗା ଠାରେ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଜିଲ୍ଲାର ୮୬ ଜଣ ସ୍କାଉଟ ଏବଂ ୬୦ ଜଣ ଗାଇଡ ରାଜ୍ୟ ପୁରସ୍କାର ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ସ୍କାଉଟ ମାଷ୍ଟର ସୁଧୀର କୁମାର ଭୋଇ ଓ ଗାଇଡ଼ ଶିକ୍ଷକ ମମତା ଦାଶଙ୍କ ନେତୃତ୍ୱରେ ୪ ଜଣ ସ୍କାଉଟ ଏବଂ ୪ ଜଣ ଗାଇଡ ରାଜ୍ୟପାଳଙ୍କ ଠାରୁ ପ୍ରମାଣପତ୍ର ଗ୍ରହଣ କରିଛନ୍ତି।

# ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସରେ ଫଳ ବଣ୍ଟନ

**ବୌଦ୍ଧ : ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସରେ ଚିକିତ୍ସାଧୀନ ଥିବା ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ କଲିମ୍ ଖାଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଦେବରାଜ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ କୁମାର ମହାନନ୍ଦ, ଜେନି ମହାପାତ୍ର, ପ୍ରିୟଦତ୍ତ ଦେହୁରୀ, ଅର୍ଜୁନ ମହାନନ୍ଦିଆ, ଶାନ୍ତନୁ ମହାପାତ୍ର, ସମରେଶ ମିଶ୍ରଙ୍କ ସମେତ କଂଗ୍ରେସ କର୍ମୀମାନେ ମିଶି ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

# ଛାତ୍ରଛାତ୍ରୀଙ୍କ ଦିନିକିଆ କ୍ୟାରିଅର ପରାମର୍ଶ କାର୍ଯ୍ୟକ୍ରମ

**ବୌଦ୍ଧ : ନ୍ୟୁଜ୍ ବ୍ୟୁରୋ**

ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଚଳିତ ବାର୍ଷିକ ପରୀକ୍ଷା ୨୦୨୬ ରେ ଉତ୍ତୀର୍ଣ୍ଣ ଅଣ ଆନୁଷ୍ଠାନିକ ଓ ଆନୁଷ୍ଠାନିକ ଯତ୍ନ ଅଧିନସ୍ଥ ଛାତ୍ରଛାତ୍ରୀଙ୍କ ପାଇଁ ଦିନିକିଆ କ୍ୟାରିଅର ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଭୂତି ଭୁଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସଂଯୋଜନା କରିଥିଲେ। ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ୱାଇସିଡିଏ ସଂପାଦକ ରାଜେନ୍ଦ୍ର ମେହେର, ସିଡବ୍ଲୁସି ଅଧ୍ୟକ୍ଷ ଦାମୋଦର ସାହୁ, ଜିଲ୍ଲା ନିଯୋଜନ ଅଧିକାରୀ, ଜନ ଶିକ୍ଷଣ, ଆଇଟିଆଇ, ପଲିଟେକନିକର ଅଧିକାରୀ ମାନେ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ କ୍ୟାରିୟର ଗଠନ ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ ।

# ସିନ୍ଧଳ ରଥଯାତ୍ରା ଶୃଙ୍ଖଳାର ସହ ସମାପନ ପାଇଁ ଜିଲ୍ଲାପାଳଙ୍କ ପରାମର୍ଶ

**ଜଗତସିଂହପୁର : ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ବିଜେ ସିନ୍ଧଳଠାରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ କହିଲେ, ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳା ଏବଂ ଉତ୍ସାହ ର ସହ ପାଳନ କରାଯିବ। ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ କାର୍ଯ୍ୟର ତଦାରଖ ନିମନ୍ତେ ରଥଯାତ୍ରା ର ସ୍ଥାନକୁ ଯାଇ ସେଠାରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପୂର୍ବକ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ରଥଯାତ୍ରା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ମନ୍ଦିର ପରିଚାଳନା କମିଟି



ଓ ବନାଞ୍ଚଳ ଅଧିକାରୀ ଦୃଷ୍ଟି ଦେବେ। ବନାଞ୍ଚଳ ଅଧିକାରୀ ରଥ ନିର୍ମାଣ ପାଇଁ କାଠ ଯୋଗାଇବେ। ମନ୍ଦିର ପୁଷ୍କରିଣୀର ଚତୁଃପାର୍ଶ୍ୱ ସଫା ଓ ପୁଷ୍କରିଣୀର ସୌନ୍ଦର୍ଯ୍ୟ କରଣ ପାଇଁ ଜିଲ୍ଲାପାଳ ଉପ ଜିଲ୍ଲାପାଳ ଓ ବିଡିଓ ଙ୍କୁ ଦାୟିତ୍ୱ ଦେଇଥିଲେ। ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଙ୍କ ତତ୍ତ୍ୱାବଧାନରେ ଉପ ଜିଲ୍ଲାପାଳ ଓ ବିଡିଓଙ୍କୁ ଜିଲ୍ଲାପାଳ ଅସ୍ଥାୟୀ ଗ୍ରୀନ ରୁମ ନିର୍ମାଣ ପାଇଁ ଦାୟିତ୍ୱ ଦେଇଥିଲେ ଏବଂ ବୈଠକରେ ରଥ ନିର୍ମାଣ, ସିନ୍ଧଳ ରୁ ପୁରୋହିତପୁର, ସିନ୍ଧଳରୁ ଛେଳିଆଗଡ଼, ସିନ୍ଧଳରୁ ଦିହସାହି ରାସ୍ତା ମରାମତି, ବଡଦାଣ୍ଡର ଉଭୟ ପାର୍ଶ୍ୱରେ ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ନଳକୂପ ମରାମତି, ଅଳିଆ ଆବର୍ଜ୍ଜନା ଓ ଚତୁଃପାର୍ଶ୍ୱ ପରିଷ୍କାର ପରିଚ୍ଛନ୍ନତା, ସାତଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଆଇନ୍ ଶୃଙ୍ଖଳା ଓ ଅଗ୍ନିଶମ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଭାଗୀୟ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବଳଦେବଜିଉ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଚୀ ତନୟା ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବଳଦେବଜୀଉ ମନ୍ଦିର ପରିଚାଳନା କମିଟିର ସଦସ୍ୟ , କାଳୀ କିଙ୍କର ଆଚାର୍ଯ୍ୟ, ପ୍ରିୟନାଥ ରାୟ, ରାମଚନ୍ଦ୍ର ଦାସ ଓ ମୁଦୁପୁରର ସରପଞ୍ଚ ସିଦ୍ଧାର୍ଥ ଶଙ୍କର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ଶେଷରେ ଉପ ଜିଲ୍ଲାପାଳ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

# ଦୁଇଟି ମାମଲାରେ ୨୦ ଜଣଙ୍କୁ ଆଜୀବନ କାରାଦଣ୍ଡ

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଦୁଇଟି ପୃଥକ ପୃଥକ ମାମଲାରେ ୨୦ ଜଣଙ୍କୁ ଆଜୀବନ କାରାଦଣ୍ଡ ଶୁଣେଇଛନ୍ତି। ଗତ ୧୬/୦୭/୨୦୧୬ ତାରିଖ ଦିନ ବାଉଁଶବେଢ଼ା ଗ୍ରାମରେ ଜମି ଜମା ମାମଲାକୁ ନେଇ ଗୋଷ୍ଠୀ ସଙ୍ଘର୍ଷ ହୋଇଥିଲା ଏଥିରେ ତିନି ଜଣଙ୍କ ମୃତ୍ୟୁ ହୋଇଥିଲା। ଘଟଣା କ୍ରମରେ ବାଉଁଶବେଢା ଗ୍ରାମ ନିକଟରେ ପ୍ରାୟ ସାତ ଏକରର ସରକାରୀ ଜମି ଥିଲା ଯାହାକି ସେହି ଗ୍ରାମର ବଳରାମ ହରିଜନଙ୍କ ଦଖଲରେ ଥିଲା। ଘଟଣାର କିଛି ଦିନ ପୂର୍ବରୁ ଆଖପାଖ ଗ୍ରାମର କିଛି ଲୋକ ବନବିଭାଗ ସହାୟତାରେ ଏହି ଜମିରେ ବନୀକରଣ କରିଥିଲେ ଯାହାକୁ ବଳରାମଙ୍କ ଗୋଷ୍ଠୀର ଲୋକ ଉପାଡି ଦେଇଥିଲେ। ଏହିଥିରୁ ବିବାଦ ଘନେଇଲା ଆଖପାଖ ଗ୍ରାମର ଲୋକ ଏକଜୁଟ ହୋଇ ବଳରାମ ଘରକୁ ପଚାରିବାକୁ ଯିବା ସମୟରେ, ବଳରାମ ଗୁରୁବାରୁ ଭତ୍ରାଙ୍କୁ ଆକ୍ରମଣ କରିଥିଲେ। ଗୁରୁବାରୁଙ୍କୁ ଉମରକୋଟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ଗଣପତି ଏକ ଖଣ୍ଡା ସାହାଯ୍ୟରେ ଫଗୁଣୁ ଭତ୍ରାଙ୍କୁ ଆକ୍ରମଣ କରିଥିଲେ ଫଳରେ ଘଟଣା ସ୍ଥଳରେ ଫଗୁଣୁ ମୃତ୍ୟୁବରଣ କରିଥିଲେ। ଏହା ପରେ ଉତ୍ତ୍ୟକ୍ତ ଲୋକ ବଳରାମଙ୍କ ଘର ଜାଳିଦେବା ସହ ବଳରାମଙ୍କୁ ପିଟିପିଟି ମାରି ଦେଇଥିଲେ। ଏହାପରେ ଉଭୟ ପକ୍ଷରୁ ଦୁଇଟି ପୃଥକ ପୃଥକ ୨୫୮/୧୬ ଓ ୨୫୯/୧୬ ମାମଲା ରୁଜୁ ହୋଇଥିଲା। ଯାହା ଆଜି ଫଇସଲା ହୋଇଥିଲା ଏବଂ ୨୫୮/୧୬ ରେ ଗଣପତିଙ୍କୁ ଓ ୨୫୯/୧୬ ମାମଲାରେ ଅନ୍ୟ ୧୮ ଜଣକୁ ଆଜୀବନ କାରାଦଣ୍ଡଦେଶ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ଶୁଣାଇଛନ୍ତି। ସରକାରୀ ଓକିଲ ଭାବେ ଏହି ମାମଲାର ପରିଚାଳନା ଅଶୋକ କୁମାର ପାଢ଼ୀ କରୁଥିଲେ।

# ରମ୍ଭା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ଉଦ୍‌ଘାଟନରେ ଅବ୍ୟବସ୍ଥା

**ରମ୍ଭା : ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ନବ ନିର୍ମିତ ମେଡିକାଲ କୋଠା ଗୃହର ଶୁକ୍ରବାର ଦିନ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଶୁଭାରମ୍ଭ କରିଥିଲେ। କିନ୍ତୁ ଏହି ଉଦଘାଟନ ଆଜି ହୋଇଥିବା ନେଇ ରମ୍ଭାବାସୀ ଜାଣି ନଥିବା ଅଭିଯୋଗ ବାଢିଛନ୍ତି। ବିଧାୟକ ଓ ସାଂସଦ ଆସି ଉଦଘାଟନ କରିଥିଲେ ମଧ୍ୟ ରମ୍ଭା ସହରର ବୁଦ୍ଧିଜୀବୀ, ସାମ୍ବାଦିକ ଓ ରାଜନେତାମାନେ କୁଆଡେ ଜାଣି ନଥିଲେ । ଏଥିପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ରମ୍ଭା ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି ରମ୍ଭାବାସୀ । କେବଳ ସେତିକି ନୁହେଁ ରମ୍ଭା ଏନଏସି ପ୍ରଶାସନଙ୍କୁ ମଧ୍ୟ ଅଣଦେଖା କରାଯାଇଥିଲା। ଏତେବଡ଼ କାର୍ଯ୍ୟକ୍ରମ ମାତ୍ର ୨ ମିନିଟରେ ଶେଷ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ଅତ୍ୟନ୍ତ ନିରାଶାଜନକ ଏବଂ ଅପରିପକ୍ୱତାର ପରିଚୟ ଦିଏ। ତେବେ ଯେକୌଣସି ଶୁଭ ଉଦଘାଟନ କାର୍ଯ୍ୟକ୍ରମ ହେବାକୁ ଥିଲେ ସାତ ଦିନ ପୂର୍ବରୁ ଘନଘନ ବୈଠକ ପ୍ରସ୍ତୁତ ହୁଏ । ଏହି ବୈଠକରେ ରମ୍ଭା ସହରର ସମସ୍ତ ବୁଦ୍ଧିଜୀବୀ, ସାମ୍ବାଦିକ ଓ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥାନ୍ତି । କିପରି ଶାନ୍ତି ଶୃଙ୍ଖଳା ସହ କାର୍ଯ୍ୟକ୍ରମ କିପରି ସମାପନ ହେବ ଏନେଇ ବୈଠକରେ ମଧ୍ୟ ଆଲୋଚନା ହେବା ସହ ଏନେଇ ବ୍ଲୁ-ପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ କରିବାକୁ ପଡ଼ିଥାଏ । ସହରରେ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ମଧ୍ୟ ଭାଗ ନେବାକୁ ପଡ଼ିଥାଏ । ସ୍କୁଲ ଓ କଲେଜ ଛାତ୍ରମାନଙ୍କ ପ୍ୟାରେଡ଼ ସହ ବାଦ୍ୟ ମୃଦଙ୍ଗ ଧ୍ୱନୀରେ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥିମାନଙ୍କ ସ୍ୱାଗତ କରାଯାଇଥାଏ । କିନ୍ତୁ ଏଭଳି ଅବ୍ୟବସ୍ଥା ଯୋଗୁଁ ମୁଖ୍ୟ ଅତିଥି ଓ ସ୍ୱତନ୍ତ୍ର ଅତିଥି ଅର୍ଥାତ୍ ବିଧାୟକ ଓ ସାଂସଦ ମଧ୍ୟ ଅସମ୍ମାନିତ ହୋଇଥିବା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି। କିନ୍ତୁ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ କିଛି ବିଚାର ନକରି ବେପାରୁଆ ନୀତି ଯୋଗୁଁ ଶୁଭ ଉଦଘାଟନ କାର୍ଯ୍ୟକ୍ରମର ଅବ୍ୟବସ୍ଥା ଉପରେ ଲୋକେ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ରମ୍ଭା ସହରରେ କେବେ ଅବ୍ୟବସ୍ଥା ଭଳି କାର୍ଯ୍ୟକ୍ରମ ହୋଇନଥିଲା । ରମ୍ଭା ମେଡିକାଲର ଉନ୍ନୟନ କାର୍ଯ୍ୟକୁ ଚିନ୍ତାରେ ସମସ୍ତେ ଥିବା ବେଳେ ମେଡିକାଲ ଅଫିସରମାନଙ୍କର ମନମାନି ଓ ଅବ୍ୟବସ୍ଥା ଉପରେ ରମ୍ଭାବାସୀ ପ୍ରଶ୍ନ ଉଠାଇଛନ୍ତି । କେବଳ ଜଣେ ମାତ୍ର ଲେଡ଼ି ମେଡିକାଲ ଅଫିସର ସିଧାସଳଖ ରାଜନେତାମାନଙ୍କ ସହ ସାଲିସ କରି ଉଦଘାଟନ କରିଛନ୍ତି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।

# ଟାଟା ଷ୍ଟିଲ୍ ପକ୍ଷରୁ ଚାରାରୋପଣ ସହ ଜୈବ ବିବିଧତା ଦିବସ ପାଳିତ

**ଯାଜପୁର : ନ୍ୟୁଜ୍ ବ୍ୟୁରୋ**

ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏହାର କାରଖାନା ପରିସରର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପରିବେଶର ସୁରକ୍ଷା ଏବଂ ସବୁଜିମା ବୃଦ୍ଧି କରିବା ପାଇଁ କମ୍ପାନୀର ଏହି ନିରନ୍ତର ପ୍ରୟାସ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅବସରରେ କମ୍ପାନୀ କର୍ମଚାରୀ ଏବଂ ଠିକା କର୍ମଚାରୀମାନଙ୍କ ସମେତ ୨୦୦ ରୁ ଅଧିକ ଲୋକ ଉତ୍ସାହର ସହ ସ୍ୱେଚ୍ଛାକୃତ ଭାବେ ଏଥିରେ ସାମିଲ ହୋଇ ବିଭିନ୍ନ ପ୍ରଜାତିର ୫୦୦ ରୁ ଅଧିକ ଦେଶୀ କିସମର ଚାରା ରୋପଣ କରିଥିଲେ। ଟାଟା ଷ୍ଟିଲ୍ ର ପରିବେଶ ବିଭାଗ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ପ୍ରକୃତି ଓ ପରିବେଶକୁ ସୁରକ୍ଷିତ ରଖିବା ସହ ଜୈବ ବିବିଧତାକୁ ବୃଦ୍ଧି କରିବା ପାଇଁ କମ୍ପାନୀ ଯେଉଁ ବଡ଼ ଯୋଜନା କରିଛି, ଏହା ସେହି ଯୋଜନାର ଏକ ଅଂଶ ଅଟେ। ନିଜର କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କୁ ଏଥିରେ ସାମିଲ କରି ଟାଟା ଷ୍ଟିଲ୍ ଏକ ଦୀର୍ଘସ୍ଥାୟୀ ପରିବେଶ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ଶିଳ୍ପ ଅଭିବୃଦ୍ଧି ଏବଂ ପ୍ରକୃତି ମଧ୍ୟରେ ସନ୍ତୁଳନ ରକ୍ଷା କରିବା ପ୍ରକ୍ରିୟାକୁ ଜାରି ରଖିଛି।





# ଆଦିତ୍ୟ ଆଲୁମିନିୟମ ଲପଙ୍ଗା ପକ୍ଷରୁ ଟେଲରିଂ ତାଲିମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ

**ସମ୍ବଲପୁର ନ୍ୟୁଜ ବ୍ୟୁରୋ**



ଆଦିତ୍ୟ ଆଲୁମିନିୟମ ଲପଙ୍ଗା ର ସିଏସଆର ବିଭାଗ ପକ୍ଷରୁ ବୋମାଲୋଇ ପଞ୍ଚାୟତର ଓରାମପଡ଼ା ଏବଂ ଘିଚାମୁରା ପଞ୍ଚାୟତର ନାରୁପଡ଼ା (ଡେରବା) ଗ୍ରାମରେ ଟେଲରିଂ ତାଲିମ୍ କାର୍ଯ୍ୟକ୍ରମର ଶୁଭ ଉଦଘାଟନ ଅନୁଷ୍ଠିତ ହୋଇଛି । ଗ୍ରାମାଞ୍ଚଳର ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଓ ଜୀବିକାର ନୂତନ ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଓରାମପଡ଼ାରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମ କାରଖାନାର ୟୁନିଟ ହେଡ୍ ଜଗନ୍ନାଥ ପ୍ରସାଦ ନାୟକ, ସରପଞ୍ଚ ଶ୍ରୀମତୀ ସରସ୍ୱତୀ ପଧାନ, ସମିତି ସଭ୍ୟା ଶ୍ରୀମତୀ ଅଞ୍ଜଳି କିସାନ, ସିଏସଆର ବିଭାଗର ସିଏସ ଆର ହେଡ଼ ଶ୍ରୀଯୁକ୍ତ ରବି ନିବାସ, ଡେପୁଟି ମ୍ୟାନେଜର ଶ୍ରୀ ମନୋରଞ୍ଜନ ବେହେରା ଏବଂ ସିଏସଆର ଟିମ୍ ଉପସ୍ଥିତ ଥିଲେ । ୟୁନିଟ ହେଡ୍ ଶ୍ରୀ ଜଗନ୍ନାଥ ପ୍ରସାଦ ନାୟକ ପ୍ରଦୀପ ପ୍ରଜ୍ୱଳନ ଓ ନଡ଼ିଆ ପିଟି କାର୍ଯ୍ୟକ୍ରମର ଔପଚାରିକ ଉଦଘାଟନ କରି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଓରାମପଡ଼ା କେନ୍ଦ୍ରରେ ପାଖାପାଖି ୫୦ରୁ ଅଧିକ ମହିଳା ଏହି ତାଲିମ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେହିପରି ଘିଚାମୁରା ପଞ୍ଚାୟତର ନାରୁପଡ଼ା (ଡେରବା) ଗ୍ରାମରେ ମଧ ଟେଲରିଂ ତାଲିମ୍ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ସେଠାରେ ମଧ ପ୍ରାୟ ୫୦ ଜଣ ମହିଳା ଉପସ୍ଥିତ ରହି ଉତ୍ସାହର ସହିତ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଉଭୟ ସ୍ଥାନରେ ଦୁଇଜଣ ମାଷ୍ଟର ଟ୍ରେନର ଉପସ୍ଥିତ ରହି ମହିଳାମାନଙ୍କୁ ଟେଲରିଂ ସମ୍ପର୍କିତ ବିଭିନ୍ନ କୌଶଳ ଓ ଡିଜାଇନ୍ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ସୂଚନା ମିଳିଛି ।

ଆଗାମୀ ଦିନରେ ପ୍ରଶିକ୍ଷଣାର୍ଥୀମାନଙ୍କୁ ଭୁବନେଶ୍ୱରରେ ଉନ୍ନତ ଡିଜାଇନ୍ ଏବଂ ଟେଲରିଂ ସମ୍ପର୍କିତ ବିଶେଷ ପ୍ରଶିକ୍ଷଣ ଦିଆଯିବା ସହ ଆଦିତ୍ୟ ଆଲୁମିନିୟମ କମ୍ପାନୀ ସହଯୋଗରେ ରୋଜଗାରର ସୁଯୋଗ ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ୟୁନିଟ ହେଡ୍ ଶ୍ରୀ ନାୟକ ମତ ପ୍ରକାଶ କରିଥିଲେ । ଏହି ପଦକ୍ଷେପ ସ୍ଥାନୀୟ ମହିଳାମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ସେମାନଙ୍କ ଦକ୍ଷତା ବିକାଶ ଏବଂ ସ୍ୱାବଲମ୍ବୀ ହେବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ଏହିପରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ସ୍ଥାନୀୟବାସୀ କମ୍ପାନୀକୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ଚିକିତ୍ସା ସେବାକୁ ଉନ୍ନତ କରିବା ପାଇଁ ବେଦାନ୍ତ ଆଲୁମିନିୟମର ପଦକ୍ଷେପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବେଦାନ୍ତ ଆଲୁମିନିୟମ୍, ଏହାର ସିଜିମାଲି ବକ୍ସାଇଟ୍ ଖଣିର ସିଏସ୍ଆର୍ ପଦକ୍ଷେପ ଅଧୀନରେ, ଓଡିଶାରେ ଦୂରଦୂରାନ୍ତ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ପହଞ୍ଚକୁ ସୁଦୃଢ଼ କରି ଦକ୍ଷ ଡାକ୍ତରୀ ମାନବସମ୍ବଳ ଏବଂ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ସହାୟତା ନିୟୋଜନ ମାଧ୍ୟମରେ ବିଦ୍ୟମାନ ସୁଙ୍ଗେର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ସେବା ଯୋଗାଣକୁ ସୁଦୃଢ଼ କରିଛି, ଯାହା ଏହି ଅଞ୍ଚଳରେ ସ୍ୱାସ୍ଥ୍ୟ କଭରେଜକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରୁଛି । ରାୟଗଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ସହିତ ମିଳିତ ଭାବରେ ନିଆଯାଇଥିବା ଏହି ପଦକ୍ଷେପ ସୁଙ୍ଗେର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ସ୍ୱାସ୍ଥ୍ୟସେବା ମାନବଶକ୍ତି ଅଭାବକୁ ଦୂର କରେ, ଯାହା ଭାରତୀୟ ଜନସ୍ୱାସ୍ଥ୍ୟ ମାନକ ମାନଦଣ୍ଡ ଅନୁଯାୟୀ ପାହାଡ଼ି ଏବଂ ଆଦିବାସୀ ଜଳଭଣ୍ଡାର ଅଞ୍ଚଳର ପ୍ରାୟ ୨୦,୦୦୦ ଲୋକଙ୍କୁ ପୂରଣ କରେ । ବେଦାନ୍ତ ଆଲୁମିନିୟମ ପିଏଚ୍‌ସିରେ ସମସ୍ତ ୧୧ କର୍ମଚାରୀ ପଦବୀରେ ନିୟୋଜନକୁ ସମର୍ଥନ କରିଛି, ଯେଉଁଥିରେ ଜଣେ ଏମ୍‌ବିବିଏସ୍ ଡାକ୍ତର, ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଏବଂ ନର୍ସିଂ ଷ୍ଟାଫ୍, ଆମ୍ବୁଲାନ୍ସ ସହାୟତା ସହିତ ଅନ୍ତର୍ଭୁକ୍ତ । ଏହି ଅଞ୍ଚଳରେ ଶେଷ ସ୍ୱାସ୍ଥ୍ୟ ଶିବିର ସମୟରେ, ସମ୍ପ୍ରଦାୟର ସଦସ୍ୟମାନେ ନିର୍ଦ୍ଦିଷ୍ଟ ଭାବରେ ଜଣେ ସ୍ଥାୟୀ ଡାକ୍ତର ଏବଂ ନର୍ସିଂ ଷ୍ଟାଫ୍ ଯୋଗାଇବା ପାଇଁ ଦାବି କରିଥିଲେ ଏବଂ ଏହି ହସ୍ତକ୍ଷେପ ସେହି ଆବଶ୍ୟକତାକୁ ସିଧାସଳଖ ପ୍ରତିକ୍ରିୟା ଦିଏ । ବ୍ୟାପକ ସ୍ୱାସ୍ଥ୍ୟସେବା ସୁଦୃଢ଼ୀକରଣ ପ୍ରୟାସର ଅଂଶ ଭାବରେ ମର୍ଚ୍ୟୁରି ଭ୍ୟାନ୍ ପ୍ରସ୍ତାବିତ ଏବଂ ଏପର୍ଯ୍ୟନ୍ତ ନିୟୋଜିତ ହୋଇନାହିଁ ।

ସିଜିମାଲି ଅଞ୍ଚଳର ସମ୍ପ୍ରଦାୟ ପାଇଁ ସମୟୋଚିତ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ଉନ୍ନତ କରିବା ଦିଗରେ ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ସହାୟତାକୁ ଗତ ଶୁକ୍ରବାରରେ ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା ।

ଏହି ସୁଦୃଢ଼ ଚିକିତ୍ସା ସେବା ଦ୍ୱାରା ଗ୍ରାମବାସୀମାନଙ୍କୁ ମୌଳିକ ଚିକିତ୍ସା ଏବଂ ଜରୁରୀକାଳୀନ ସେବା ପାଇଁ ଦୀର୍ଘ ଦୂରତା ଯାତ୍ରା କରିବାର ଆବଶ୍ୟକତାକୁ ଯଥେଷ୍ଟ ହ୍ରାସ କରାଯିବ ବୋଲି ଆଶା କରାଯାଉଛି, ଯାହା ଫଳରେ ଗର୍ଭବତୀ ମହିଳା, ପିଲା, ବୃଦ୍ଧ ଏବଂ ଦୂରଦୂରାନ୍ତର ଗ୍ରାମଗୁଡ଼ିକରେ ଗୁରୁତର ରୋଗୀଙ୍କ ପାଇଁ ଶୀଘ୍ର ଚିକିତ୍ସା ସୁବିଧା ସୁନିଶ୍ଚିତ ହେବ ।

ଉପସନ୍ଧାନ ଉତ୍ସବରେ କାଶୀପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ କୁନି କୁମାରୀ ନାଏକଙ୍କ ସ୍ୱାମୀ ଗୋବିନ୍ଦ ଚନ୍ଦ୍ର ନାଏକ; କାଶୀପୁର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର (ଜାତୀୟ ସ୍ୱାସ୍ଥ୍ୟ ମିଶନ) ସୁନୀଲ କୁମାର ରାୟ, ଏଏନଏମ ଦମୟନ୍ତୀ ସାହୁ, କଣ୍ଡାମାଳର ମୁଖ୍ୟ ଶିକ୍ଷକ ଗୌରବ ମଣି ନାଏକ, ସୂର୍ଯ୍ୟନାରାୟ ସିଂହ, ମୁଖ୍ୟ ଶିକ୍ଷକ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ, ସମିତି ସଦସ୍ୟ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏବଂ ସମ୍ପ୍ରଦାୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିଲେ, ଯାହା ଏହି ପଦକ୍ଷେପ ପ୍ରତି ଦୃଢ଼ ସମ୍ପ୍ରଦାୟ ସମର୍ଥନକୁ ପ୍ରତିଫଳିତ କରିଥିଲା । ଏହି ଅବସରରେ ଡୁମେରପଦର ସ୍କୁଲର ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସିଂହ କହିଥିଲେ, 'ସୁଙ୍ଗର ପିଏଚସି କ୍ୟାଚମେଣ୍ଟ ଅଞ୍ଚଳ ସ୍ୱାସ୍ଥ୍ୟସେବା ମାନବଶକ୍ତିର ଅଭାବର ସମ୍ମୁଖୀନ ହେଉଥିଲା, ଯାହା ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଚିକିତ୍ସା ସେବାର ପ୍ରବେଶକୁ ପ୍ରଭାବିତ କରୁଥିଲା । ବେଦାନ୍ତ ଆଲୁମିନିୟମର ହସ୍ତକ୍ଷେପ ପ୍ରାଥମିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରି, ଦ୍ରୁତ ଚିକିତ୍ସା ପ୍ରତିକ୍ରିୟାକୁ ସକ୍ଷମ କରିବ ଏବଂ ଆଖପାଖ ଗ୍ରାମଗୁଡ଼ିକର ବାସିନ୍ଦାଙ୍କ ପାଇଁ ଉତ୍ତମ ନିରନ୍ତରତା ସୁନିଶ୍ଚିତ କରି ଏହି ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ପୂରଣ କରିବ ବୋଲି ଆଶା କରାଯାଉଛି ।'

ବେଦାନ୍ତ ଆଲୁମିନିୟମ ଦୂରଦୂରାନ୍ତ ଏବଂ ଅନୁନ୍ନତ ଅଞ୍ଚଳରେ ଗୁଣାତ୍ମକ ଚିକିତ୍ସା ସେବାର ପ୍ରବେଶକୁ ଉନ୍ନତ କରିବା ପାଇଁ ସମଗ୍ର ଓଡ଼ିଶାରେ ଅନେକ ସ୍ୱାସ୍ଥ୍ୟସେବା ହସ୍ତକ୍ଷେପ କରୁଛି । ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍, ସ୍ୱାସ୍ଥ୍ୟ ସଚେତନତା ଅଭିଯାନ, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ, ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର, ପୁଷ୍ଟି ପଦକ୍ଷେପ ଏବଂ ସରକାରୀ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକୁ ଭିତ୍ତିଭୂମି ସହାୟତା ମାଧ୍ୟମରେ, କମ୍ପାନୀ ରାୟଗଡା, କଳାହାଣ୍ଡି ଏବଂ ଝାରସୁଗୁଡ଼ା ଭଳି ଜିଲ୍ଲାଗୁଡ଼ିକରେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଜାରି ରଖିଛି । ବେଦାନ୍ତ ଆଲୁମିନିୟମ କୋଡିଙ୍ଗାମାଲି ମାଧ୍ୟମରେ କୋରାପୁଟ ଜିଲ୍ଲାର ସମ୍ପ୍ରଦାୟଗୁଡ଼ିକୁ ମଧ ସେବା ଯୋଗାଇଥାଏ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୫ଦିନରେ...

କେତେଦୂର ହୋଇଛି, ସେ ନେଇ ମଧ ଏହି ବୈଠକରେ ତର୍ଜମା କରାଯାଇଥିଲା । ଏହି ବୈଠକ ପ୍ରାୟ ୨ରୁ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଜଣାପଡ଼ିଛି । ଆଜିର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ଗୃହ ସଚିବ ହେମନ୍ତ ଶର୍ମା ଓ ପୁଲିସ ଡିଜି ୱାଇବି ଖୁରାନିଆଙ୍କ ସହ  ରାଜ୍ୟର ଆଇନଶୃଙ୍ଖଳା ଓ ଶିଳ୍ପାୟନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ, ରାଜ୍ୟରେ ବିଗତ କିଛିଦିନ ଧରି ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୁଲିସ ବିଫଳ ହୋଇଥିବାବେଳେ ସରକାରଙ୍କୁ ବେଶ୍ ସମାଲୋଚିତ ହେବାକୁ ପଡୁଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚଳିତମାସ ୯ ତାରିଖ ଓ ୧୪ତାରିଖରେ ଦୁଇଥର ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିର ଉଚ୍ଚସ୍ତରୀୟ ସମୀକ୍ଷା କରି ପୁଲିସକୁ କଡ଼ା ଭାଷାରେ ଚେତାବନୀ ଦେଇଥିଲେ । ଶନିବାର ପୁଣିଥରେ ପୁଲିସ ଡିଜି ଓ ଗୃହ ସଚିବଙ୍କ ସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନାକୁ ପ୍ରଶାସନିକ ମହଲରେ ବେଶ୍ ଗୁରୁତ୍ୱ ଦିଆଯାଉଛି । ରାଜ୍ୟର ବିଜେପି ସରକାର ଆଉ ଦୁଇ ସପ୍ତାହପରେ ନିଜର ଦୁଇବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ସରକାରଙ୍କ ଚିନ୍ତା ବଢ଼ାଇଛି ।

## ବିଧାୟକ ରାଜା...

ତିଗିରିଆ ପଞ୍ଚାୟତ ସମିତି ବୈଠକକୁ ଯାଉଥିବା ସମୟରେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଆଠଗଡ଼ର ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପରେ ବିଜେପି ସମର୍ଥିତ ଗୁଣ୍ଡାଙ୍କ ଦ୍ୱାରା ସର୍ବସମ୍ମୁଖରେ ହୋଇଥିବା ଆକ୍ରମଣ ଗଣତନ୍ତ୍ରରେ କଦାପି ଶୋଭନୀୟ ନୁହେଁ ।  ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି ନିଜ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବା ସମୟରେ ଯଦି ରାଜରାସ୍ତାରେ ଗୁଣ୍ଡାରାଜର ଶିକାର ହେଉଛନ୍ତି, ତେବେ ସାଧାରଣ ଜନତାଙ୍କ ସୁରକ୍ଷା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଦୁର୍ବୃତ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଓଡ଼ିଶାର ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ।

## ପୁଣି ବୃଦ୍ଧି ...

୮୭ ପଇସା ଏବଂ ଡିଜେଲ ଲିଟର ପିଛା ୯୧ ପଇସା ବୃଦ୍ଧି ପାଇଛି । ଏହା ବ୍ୟତୀତ ଦିଲ୍ଲୀ-ଏନସିଆରରେ ସିଏନଜିର ମୂଲ୍ୟ କିଲୋଗ୍ରାମ ପିଛା ଏକ ଟଙ୍କା ବୃଦ୍ଧି ପାଇଛି । ନୂଆ ଦର ଶନିବାରଠାରୁ ଲାଗୁ ହୋଇଛି । ଇଣ୍ଡିଆନ୍ ଅଏଲ୍ ୱେବସାଇଟ୍ ଅନୁଯାୟୀ, ନୂଆଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୮୭ ପଇସା ବୃଦ୍ଧି ପାଇ ୯୯.୫୧ ଟଙ୍କାରେ ପହଞ୍ଚିଛି । ଏଥି ସହିତ ଡିଜେଲର ମୂଲ୍ୟ ଲିଟର ପିଛା ୯୧ ପଇସା ବୃଦ୍ଧି ପାଇ ୯୨.୪୯ ଟଙ୍କାରେ ପହଞ୍ଚିଛି । ତୈଳ ବିପଣନ କମ୍ପାନୀମାନେ ଗତ ୯ ଦିନ ମଧ୍ୟରେ ତୃତୀୟ ଥର ପାଇଁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି । ମେ ୧୫ ପରଠାରୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏହା ହେଉଛି ତୃତୀୟ ବୃଦ୍ଧି । ରାଜ୍ୟ ମାଲିକାନାରେ ଥିବା ତୈଳ କମ୍ପାନୀମାନେ ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ କାରଣରୁ ଶକ୍ତି ମୂଲ୍ୟ ବୃଦ୍ଧି ପାଇବାର ଭାର ଧୀରେ ଧୀରେ ଗ୍ରାହକଙ୍କ ଉପରେ ପକାଇବା ଆରମ୍ଭ କରିଛନ୍ତି । ମେ ୧୫, ରେ ମୂଲ୍ୟ ଲିଟର ପିଛା ୩ ଟଙ୍କା ବୃଦ୍ଧି କରାଯାଇଥିଲା । ଏହା ପରେ, ମେ ୧୯ରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଲିଟର ପିଛା ୯୦ ପଇସା ବୃଦ୍ଧି କରାଯାଇଥିଲା । ମୋଟାମୋଟି ଭାବେ, ଇନ୍ଧନ ମୂଲ୍ୟ ଲିଟର ପିଛା ପ୍ରାୟ ୫ ଟଙ୍କା ବୃଦ୍ଧି ପାଇଛି । ଏହା ବ୍ୟତୀତ ଦିଲ୍ଲୀ-ଏନସିଆରରେ ସିଏନଜି ମୂଲ୍ୟ କିଲୋଗ୍ରାମ ପିଛା ୧ ଟଙ୍କା ବୃଦ୍ଧି ପାଇଛି । ଏହି ପରିବର୍ତ୍ତନ ପରେ ଦିଲ୍ଲୀରେ ସିଏନଜି ଏବେ ୮୧ ଟଙ୍କାରେ ଉପଲବ୍ଧ ହେବ । କିଲୋଗ୍ରାମ ପିଛା ୯ ଟଙ୍କା । ଗତ ୧୦ ଦିନ ମଧ୍ୟରେ ସିଏନଜି ମୂଲ୍ୟରେ ଏହା ହେଉଛି ତୃତୀୟ ବୃଦ୍ଧି ।

## କର୍ମଚାରୀଙ୍କ ଛୁଟି ...

ଯାଞ୍ଚ ଓ ସରକାରୀ ଗସ୍ତକୁ ସାମୟିକ ଭାବେ ସ୍ଥଗିତ କିମ୍ବା ବାତିଲ କରାଯାଇଛି । ଯଦିଓ ଏହି ସମୟ ମଧ୍ୟରେ କୌଣସି ଅତି ଜରୁରି ଭ୍ରମଣ କିମ୍ବା ପ୍ରଶିକ୍ଷଣର ଆବଶ୍ୟକତା ପଡ଼େ, ତେବେ ସେଥିପାଇଁ ପୃଥକ ଭାବେ ସ୍ୱତନ୍ତ୍ର ଅନୁମତି ନେବାକୁ ପଡ଼ିବ ।  ରାଜ୍ୟର ସର୍ବୋଚ୍ଚ ବିଦ୍ୟୁତ ପରିବହନ ନେଟୱାର୍କ ପରିଚାଳନା କରୁଥିବା ଓପିଟିସିଏଲର ବରିଷ୍ଠ ଅଧିକାରୀମାନେ ଏହି କଠିନ ସମୟରେ ସେବା ସ୍ୱାଭାବିକ ରଖିବା ପାଇଁ ସମସ୍ତ କର୍ମଚାରୀଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ନିବେଦନ କରିଛନ୍ତି । ଅନ୍ୟପକ୍ଷରେ ରାଜ୍ୟରେ ଗତ କିଛିଦିନ ଧରି ଲାଗି ରହିଥିବା ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମପ୍ରବାହ ଯୋଗୁ ବିଦ୍ୟୁତ ଚାହିଦା ଅଚାନକ ବୃଦ୍ଧି ପାଇଛି । ରାଜ୍ୟର ବିଭିନ୍ନ ଭାଗରୁ ଅଘୋଷିତ ବିଦ୍ୟୁତ କାଟ୍ ଓ ଘଣ୍ଟାଘଣ୍ଟା ଧରି ବିଦ୍ୟୁତ ସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗରେ ଲୋକଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ଦେଖିବାକୁ ମିଳିଛି । ଯଦିଓ ଶକ୍ତିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏଭଳି ବିଦ୍ୟୁତ କାଟ୍ ପାଇଁ ନିମ୍ନ ଭିତ୍ତିଭୂମିକୁ ଦାୟୀ କରିବା ସହ ଲୋଡ୍ ଅଧିକ ରହୁଥିବାରୁ ଏଭଳି ବିଦ୍ୟୁତ ବିଭ୍ରାଟ ହେଉଥିବା କହିଛନ୍ତି । ଶକ୍ତି ବିଭାଗର ତଥ୍ୟ ଅନୁସାରେ ରାଜ୍ୟରେ ଏବେ ପିକ୍ ଆୱାରରେ ମୋଟ ବିଦ୍ୟୁତ ଚାହିଦା ପ୍ରାୟ ୬୬୦୦ମେଗାୱାଟ ହେଉଥିବାବେଳେ ପ୍ରାୟ ୫୫ ମେଗାୱାଟର ନିଅଣ୍ଟିଆ ସ୍ଥିତି ଉପୁଜିଛି । ଏହି ସ୍ଥିତିକୁ ସୁଧାରିବା ସହ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବା ପାଇଁ ପାୱାର ଏକ୍ସଚେଞ୍ଜ ମାଧ୍ୟମରେ ରାଜ୍ୟ ସରକାର ୟୁନିଟ୍ ପିଛା ୩.୮୫ଟଙ୍କା ଦରରେ ବିଦ୍ୟୁତ କ୍ରୟ କରୁଥିବା ଜଣାପଡ଼ିଛି ।

## ଭାରତକୁ କୌଣସି ...

ବେସରକାରୀ କ୍ଷେତ୍ରର ନବୀନତା ଯେତେବେଳେ ଏକତ୍ର ହୁଏ, ସେତେବେଳେ ଦେଶ ନୂତନ ଉଚ୍ଚତାକୁ ପହଞ୍ଚେ ।" "ଭାରତକୁ ଗୋଳାବାରୁଦ ଓ ଅଟୋମେସନ୍‌ର ଏକ ବିଶ୍ୱସ୍ତରୀୟ କେନ୍ଦ୍ର କରିବା ପାଇଁ ସମସ୍ତଙ୍କୁ ଏକ ସଙ୍ଗରେ କାମ କରିବାକୁ ପଡ଼ିବ," ବୋଲି ସେ ଆହ୍ୱାନ କରିଥିଲେ । ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନ ସମୟରେ ଗନପାଉଡର ତିଆରି ପାଇଁ ପୋଟାସିୟମ ନାଇଟ୍ରେଟ୍‌କୁ କଞ୍ଚା ମାଲ ଭାବେ ବ୍ୟବହାର କରାଯାଉଥିଲା ଏବଂ ଏହା ମାଧ୍ୟମରେ କମ୍ପାନୀ ନିଜ ସାମରିକ କ୍ଷମତାକୁ ଶକ୍ତିଶାଳୀ କରିଥିଲା । ଭାରତର ପ୍ରତିରକ୍ଷା ଶିଳ୍ପ ବହୁ ଦୂର ଆଗକୁ ବଢ଼ିଆସିଛି ବୋଲି ସେ କହିଥିଲେ ।

## କୋଇଲା ଖଣିରେ...

ପରିଚାଳନା ବ୍ୟୁରୋରୁ ମିଳିଥିବା ସୂଚନା ଅନୁଯାୟୀ, ଶକ୍ତିଶାଳୀ ବିସ୍ଫୋରଣ ଘଟିବା ସମୟରେ ଖଣି ଭିତରେ ଭୂତଳରେ ମୋଟ ୨୪୭ ଜଣ ଶ୍ରମିକ ସିଫ୍ଟରେ କାମ କରୁଥିଲେ । ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ ଅନେକ ଶ୍ରମିକ ଖସି ପଳାଇ ପାରିଲେ ନାହିଁ । ତଥାପି, ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ହେଉଛି ଯେ ଉଦ୍ଧାରକାରୀ ଦଳଗୁଡ଼ିକ ଦ୍ରୁତ ଗତିରେ କାର୍ଯ୍ୟ କରିଥିଲେ ଏବଂ ୨୦୦ ରୁ ଅଧିକ ଖଣି ଶ୍ରମିକଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିଥିଲେ ।

## ବିକଶିତ ଭାରତରେ ...

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ନିକଟରେ ତାଙ୍କର ୫ଟି ଦେଶ ଗସ୍ତ ସମୟରେ ସେ ବିଶ୍ୱର ପ୍ରମୁଖ କମ୍ପାନୀଗୁଡ଼ିକର ମୁଖ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ଏବଂ ପ୍ରତ୍ୟେକ ସ୍ଥାନରେ ଭାରତର ଯୁବପିଢ଼ି ଏବଂ ଦେଶର ବୈଷୟିକ ପ୍ରଗତି ପ୍ରତି ଉତ୍ସାହ ଦେଖିବାକୁ ମିଳିଥିଲା । ସେ କହିଥିଲେ ଯେ, ବିଶ୍ୱ ଭାରତର ବିକାଶ ଯାତ୍ରାର ଅଂଶବିଶେଷ ହେବାକୁ ଚାହୁଁଛି ଏବଂ ଭାରତ ବିଭିନ୍ନ ଦେଶ ସହିତ ଭାଗିଦାରୀ ବୃଦ୍ଧି କରି ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ସ୍ୱଚ୍ଛ ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସବୁଜ ହାଇଡ୍ରୋଜେନ ଏବଂ ସ୍ଥାୟୀ ଉତ୍ପାଦନ ଭଳି କ୍ଷେତ୍ର ଦ୍ରୁତ ଗତିରେ ବୃଦ୍ଧି ପାଉଛି । ସ୍ୱିଡେନ, ନରୱେ ଏବଂ ଇଟାଲୀ ଭଳି ଦେଶଗୁଡ଼ିକ ସହିତ ଗ୍ରୀନ୍ ଟ୍ରାଞ୍ଜିସନ୍ ଏବଂ ସ୍ଥାୟୀ ପ୍ରଯୁକ୍ତିବିଦ୍ୟାରେ ସହଯୋଗ ବୃଦ୍ଧି ଭବିଷ୍ୟତର ସ୍ୱଚ୍ଛ ଉତ୍ପାଦନ ଉଦ୍ୟୋଗରେ ଭାରତର ସ୍ଥିତିକୁ ସୁଦୃଢ଼ କରିବ । ୟୁ.ଏଇ ଏବଂ ନରୱେ ସହିତ ଭାଗିଦାରୀ ଭାରତର ଜାହାଜ ନିର୍ମାଣ ଇକୋସିଷ୍ଟମକୁ ମଧ ମଜଭୁତ କରିବ, ଯାହା ଇଞ୍ଜିନିୟର, ଟେକ୍ନିସିଆନ ଏବଂ କୁଶଳୀ ଶ୍ରମିକଙ୍କ ଚାହିଦା ବୃଦ୍ଧି କରିବ ।

## ପ୍ରଚଣ୍ଡ ଖରାରେ...

ରହିଛି । ରାଜ୍ୟରେ ଆସନ୍ତା ୨୫ ତାରିଖ ଯାଏଁ ଏଭଳି ଗ୍ରୀଷ୍ମ ପ୍ରବାହ ସ୍ଥିତି ସହ ୭ ଦିନ ଯାଏଁ କାଳବୈଶାଖୀର ଚେତାବନୀ ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ଆସନ୍ତା ୨୮/୨୯ରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପ ସୃଷ୍ଟି ହେଲେ ମାସ ଶେଷକୁ ତାତିରୁ ମିଳିପାରେ ଆଶ୍ୱସ୍ତି ।

## ମାଟିତଳେ ୨...

ହାଡ଼ । କେବଳ ସେତିକି ନୁହେଁ, ଏହି ଅଞ୍ଚଳରେ ଏକଦା ଏକ ବଡ଼ ଲୌହ ଶିଳ୍ପ ଗଢ଼ି ଉଠିଥିବାର ବଳିଷ୍ଠ ପ୍ରମାଣ ସ୍ୱରୂପ ମିଳିଛି ଅନେକ ଲୁହାଖଣ୍ଡ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଠାରୁ ତାମ୍ର ଯୁଗର ପଥର କୁରାଢ଼ି ସହ ପ୍ରାୟ ୫୦ ହଜାର ବର୍ଷ ତଳର ପ୍ରାକ୍ ଐତିହାସିକ ଯୁଗର ଅସ୍ତ୍ରଶସ୍ତ୍ର ମଧ ଠାବ କରାଯାଇଛି । ଦୀର୍ଘ ୨ ବର୍ଷର ନିରନ୍ତର ଗବେଷଣା ଏବଂ ଅନୁସନ୍ଧାନ ପରେ ଶେଷରେ ଏହି ଗୁପ୍ତ ଐତିହାସିକ ସ୍ଥାନକୁ ଚିହ୍ନଟ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ଓ ଦେଶର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗର ଅନୁମତି ପରେ ଏହାର ଉତଖନନ କରାଯାଉଛି । ଜିଏମ୍‌ୟୁ ଇତିହାସ ବିଭାଗର ମୁଖ୍ୟ ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଡକ୍ଟର ଅତୁଲ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଗବେଷକ ଓ ଛାତ୍ରଛାତ୍ରୀମାନେ ଗତ ମେ ୧୪ ତାରିଖରୁ ଏହି ଖନନ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି ଉତଖନନ ଦ୍ୱାରା ପୁରୁଣାଗଡ଼ର ମାଟି ତଳେ ଚାପି ହୋଇ ରହିଥିବା ଅଜ୍ଞାତ ଇତିହାସ ସାରା ବିଶ୍ୱ ସାମ୍ନାକୁ ଆସିବ, ଯାହା ଆଗାମୀ ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ପାଇଁ ଗବେଷଣାର ଏକ ନୂଆ ଦିଗ ଉନ୍ମୋଚନ କରିବ । ମାଟି ତଳୁ ବାହାରୁଥିବା ଏହି ୫୦ ହଜାର ବର୍ଷର ଅସ୍ତ୍ର ଏବଂ ୨ ହଜାର ବର୍ଷର ପ୍ରାଚୀନ ନଗରୀ ଓଡ଼ିଶାର ଗୌରବମୟ ଇତିହାସକୁ ଆହୁରି ସମୃଦ୍ଧ କରିବ ।

# ରୋଜଗାର ମେଳାରେ ଓଡ଼ିଶାରୁ ୧୮୬ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ୧୯ତମ ଜାତୀୟ ରୋଜଗାର ମେଳାର ଅଂଶସ୍ୱରୂପ ଭିଡିଓ କନଫରେନ୍ସିଂ ମାଧ୍ୟମରେ ନବନିଯୁକ୍ତ ଯୁବକଯୁବତୀମାନଙ୍କୁ ୫୧,୦୦୦ରୁ ଅଧିକ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ଦେଶବ୍ୟାପୀ ୪୭ଟି ସ୍ଥାନରେ ଏକକାଳୀନ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମ, ନିଯୁକ୍ତି ସୃଷ୍ଟି ଏବଂ ଯୁବ ସଶକ୍ତିକରଣ ପ୍ରତି ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ 'ନାଗରିକ ଦେବୋ ଭବଃ' (ନାଗରିକ ହିଁ ଭଗବାନ) ମନ୍ତ୍ର ପ୍ରଦାନ କରିଥିଲେ । ସେ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରତ୍ୟେକ ଜନସେବକଙ୍କ ମୂଳ ଲକ୍ଷ୍ୟ 'ନାଗରିକ କଲ୍ୟାଣ' (ଜନସାଧାରଣଙ୍କ ସେବା) ରହିବା ଉଚିତ୍ । ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦିଗରେ ଦେଶର ଯାତ୍ରାରେ ସକ୍ରିୟ ଭାବରେ ଯୋଗଦାନ କରିବା ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ ।

ଭୁବନେଶ୍ୱରରେ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଅଧ୍ୟକ୍ଷତାରେ ରେଳ ଅଡିଟୋରିୟମ ଠାରେ ଆଞ୍ଚଳିକ ରୋଜଗାର ମେଳା ଅନୁଷ୍ଠିତ ହୋଇଥିଲା । ସମାବେଶକୁ ସମ୍ବୋଧିତ କରି ଶ୍ରୀ ଓରାମ ନବନିଯୁକ୍ତ ପ୍ରାର୍ଥୀମାନଙ୍କୁ ସାଧୁତା ଓ ନିଷ୍ଠା ବଜାୟ ରଖି ନିଜ ନିଜ ସଂଗଠନ ମଧ୍ୟରେ ସମ୍ମାନ ଅର୍ଜନ କରିବାକୁ ଏବଂ ନିଜର ସରକାରୀ କର୍ତ୍ତବ୍ୟ ସମ୍ପାଦନ ସମୟରେ ଜନସାଧାରଣଙ୍କ ସହ ସମ୍ମାନଜନକ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ମନୋନୀତ ୧୮୬ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ସରକାରୀ ପଦବୀ ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା । ଏହି ନବନିଯୁକ୍ତ ପ୍ରାର୍ଥୀମାନେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗରେ ଯୋଗଦେବେ, ଯେଉଁଥିରେ ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଆଦି ଅନ୍ତର୍ଭୁକ୍ତ । ଭୁବନେଶ୍ୱରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ, ଯେଉଁମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ; ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଆଶୁତୋଷ ବିଶ୍ୱାସ; ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମକାର; ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟ ମାଷ୍ଟର ଜେନେରାଲ ନିର୍ମଳଜିତ ସିଂହ; ଓଡ଼ିଶା ଏସଏଲବିସିର ମହାପ୍ରବନ୍ଧକ ଓ କନଭେନର ଶ୍ରୀ ପ୍ରଣବ କୁମାର ବିଶ୍ୱାସ; ଭୁବନେଶ୍ୱରର ଆଞ୍ଚଳିକ ଭବିଷ୍ୟ ନିଧି କମିଶନର-ଦ୍ୱିତୀୟ ଆବେଶ ମିଶ୍ର ଏବଂ ଭୁବନେଶ୍ୱରର ଏଜିଏମ (ଆକାଉଣ୍ଟସ୍) ବିକାଶ ରଞ୍ଜନ ସାହୁ ସାମିଲ ଥିଲେ । ରୋଜଗାର ମେଳା ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହାର ଲକ୍ଷ୍ୟ ହେଉଛି ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଏବଂ ଦେଶର ଯୁବବର୍ଗଙ୍କୁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ପ୍ରଦାନ କରିବା । ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ଦେଶବ୍ୟାପୀ ଆୟୋଜିତ ୧୯ଟି ରୋଜଗାର ମେଳା ମାଧ୍ୟମରେ ପ୍ରାୟ ୧୨ ଲକ୍ଷ ନିଯୁକ୍ତିପତ୍ର ବଣ୍ଟନ କରାଯାଇସାରିଛି, ଯାହା ଏକ ସଶକ୍ତ କାର୍ଯ୍ୟଶକ୍ତି ଗଠନ ପାଇଁ ସରକାରଙ୍କ ନିରନ୍ତର ଉତ୍ସର୍ଗୀକୃତ ଭାବନାକୁ ପ୍ରକାଶ କରୁଛି ।

## ପୁରୀରେ ପୁଣି ବିଶୃଙ୍ଖଳା
## ଠେଲା ଗାଡ଼ିକୁ ଉଠାଇ ନେଲା ଏନଫୋର୍ସମେଣ୍ଟ ସ୍କ୍ୱାଡ୍

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁଣି ଖଜା ବ୍ୟବସାୟକୁ କେନ୍ଦ୍ରକରି ଦୁଇ ଯୁବକ ହାତାହାତି । ପୁରୀ ଶ୍ରୀକୃଷ୍ଣ ସିନେମା ଗଳିରେ ଦୁଇ ଜଣ ଯୁବକ ଖଜା ବ୍ୟବସାୟକୁ କେନ୍ଦ୍ରକରି ହାତାହାତି ହେବା ସହ ମୁଥ ମରାମରି ହୋଇଛନ୍ତି । ସୋସିଆଲ ମିଡିଆରେ ଏଭଳି ଏକ ଭିଡିଓ ଭାଇରାଲ ହୋଇଛି । ଖବରପାଇ ପୋଲିସ ଏବଂ ପିସିଆର୍ ଘଟଣାସ୍ଥଳରେ ପହଞ୍ଚି ଦୁଇ ଯୁବକଙ୍କୁ ଥାନାକୁ ଉଠାଇ ନେଇଛି । ସେହିପରି ଦୁଇ ଯୁବକଙ୍କ ଠେଲା ଗାଡ଼ିକୁ ଉଠାଇ ନେଇଛନ୍ତି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ । ଶନିବାର ଅପରାହ୍ନରେ ଏଭଳି ଘଟଣା ବଡ଼ଦାଣ୍ଡରେ ଦେଖିବାକୁ ମିଳିଥିଲା । ଖଜା ବ୍ୟବସାୟକୁ କେନ୍ଦ୍ରକରି ଦୁଇ ଯୁବକଙ୍କ ଏଭଳି ହାତାହାତି ଦୃଶ୍ୟ ଦେଖି ଭୟଭୀତ ହୋଇ ପଡ଼ିଛନ୍ତି ଭକ୍ତ । ପୁରୀ ଭଳି ଏକ ଧାର୍ମିକ ତଥା ପର୍ଯ୍ୟଟନସ୍ଥଳୀରେ ଯୁବକ ମାନଙ୍କ ଏଭଳି କାର୍ଯ୍ୟକୁ ନାପସନ୍ଦ କରାଯାଇଛି । ତୁରନ୍ତ ପୁରୀ ପୋଲିସ ଏଦିଗରେ ପଦକ୍ଷେପ ଗ୍ରହଣ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି । ସେପଟେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ବ୍ୟବସାୟ କରୁଥିବା ଉଠା ଦୋକାନୀଙ୍କ ଦୋକାନକୁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଫିଙ୍ଗା ଫୋପଡା କରିବା ସହ ଦୋକାନ ଉଠାଇ ନେଇଛନ୍ତି ।




ଭୁବନେଶ୍ୱର :  ଦୈନିକ ଓଡ଼ିଆ ଖବର କାଗଜ 'ଓଡ଼ିଶା ମିରର'ର ୧୪ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ପ୍ରଦୀପ କୁମାର ଦେହୁରୀଙ୍କୁ 'ନ୍ୟୁଜ ମେକର ଆୱାର୍ଡ-୨୦୨୬'ରେ ସମ୍ମାନିତ କରୁଛନ୍ତି ମୁଖ୍ୟଅତିଥି ବିଧାୟକ ଧ୍ରୁବ ଚରଣ ସାହୁ ଓ ଅନ୍ୟମାନେ (ଫଟେ : ସମ୍ବାଦ କଳିକା)

# ଜୁନ ୨୧କୁ ଘୁଞ୍ଚିଲା ଓଟିଇଟି : ମେ' ୩୧ରେ ବିଏଡ଼ ଓ ଜୁନ ୩ରେ ବିଏଚଏଡ,ଏମଏଡ ପରୀକ୍ଷା

**କଟକ, ନ୍ୟୁଜ ବ୍ୟୁରୋ**

ବଦଳିଲା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ବା ଓଟିଇଟି (ଓଟିଇଟି) ପରୀକ୍ଷା ତାରିଖ । ପୂର୍ବରୁ ପରୀକ୍ଷା ପାଇଁ ଜୁନ ୨୧ ଧାର୍ଯ୍ୟ କରାଯାଇଥିବା ବେଳେ ତାରିଖକୁ ପରିବର୍ତ୍ତନ କରିଛି ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ଓଡ଼ିଶା । ଜୁନ ୨୮ ତାରିଖରେ (୨୦୨୬) ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବ । ଏନେଇ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଜୁନ ୨୧ରେ ଓଟିଇଟି ପରୀକ୍ଷା ପାଇଁ ପୂର୍ବରୁ ତାରିଖ ଧାର୍ଯ୍ୟ କରାଯାଇଥିଲା । ମାତ୍ର ସେହି ଦିନ ନିଟ୍ (ନିଟ୍) ପରୀକ୍ଷା ଅନୁଷ୍ଠିତ ହେଉଥିବାରୁ ପରୀକ୍ଷା କେନ୍ଦ୍ର ସମସ୍ୟା ପାଇଁ ପରୀକ୍ଷା ତାରିଖ ପରିବର୍ତ୍ତନ ପାଇଁ ବୋର୍ଡ ନିଷ୍ପତ୍ତି ନେଇଛି । ଆସନ୍ତା ଜୁନ ୧୭ ତାରିଖରୁ ପ୍ରାର୍ଥୀମାନଙ୍କ ପାଇଁ ଆଡମିଟ କାର୍ଡ ଉପଲବ୍ଧ ହେବ । ପ୍ରାର୍ଥୀମାନେ ସେମାନଙ୍କର ଆବଶ୍ୟକୀୟ ଲଗଇନ୍ ପ୍ରମାଣପତ୍ର ପ୍ରବେଶ କରି ସରକାରୀ ବିଏସ୍ଇ ଓଡ଼ିଶା ୱେବସାଇଟ୍ www.bseodisha.nic.inରୁ ଆଡମିଟ କାର୍ଡ ଡାଉନଲୋଡ୍ କରିପାରିବେ । ଜୁନ ୨୮ ତାରିଖ ଦିନ ହିଁ ଦୁଇଟି ଯାକ ପେପରର ପରୀକ୍ଷା ହେବ । ପେପର-୧ ପାଇଁ ସକାଳ ୯ରୁ ଦିନ ୧୧.୩୦ ମିନିଟ ପର୍ଯ୍ୟନ୍ତ ସମୟ ସ୍ଥିର କରାଯାଇ ଥିବା ବେଳେ ପେପର-୨ ପାଇଁ ଅପରାହ୍ନ ୨ଟାରୁ ୪.୩୦ ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଛି । ୧୫୦ ମାର୍କ ବିଶିଷ୍ଟ ଏହି ପରୀକ୍ଷାକୁ ଓଏମଆର ଦ୍ୱାରା କରାଯିବ । ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି, 'ପ୍ରତ୍ୟକ ବର୍ଷ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି । ଏହି କ୍ରମରେ ଚଳିତ ବର୍ଷ ମଧ ଆଶାୟୀମାନଙ୍କ ପାଇଁ ଏହି ସୁଯୋଗ ଦିଆଯିବ । ଗତବର୍ଷ ପରି ଏଥର ମଧ ଏହି ପରୀକ୍ଷାକୁ କିପରି ଶାନ୍ତି ଶୃଙ୍ଖଳାର ସହ କରାଯିବ ସେନେଇ ବୋର୍ଡ ବୈଠକରେ ନିଷ୍ପତ୍ତି ନିଆଯାଇଛି ।' ପରୀକ୍ଷା ପ୍ରକ୍ରିୟା ସହିତ ଜଡିତ ଅଧିକ ଅପଡେଟ୍, ନିର୍ଦ୍ଦେଶାବଳୀ କିମ୍ବା ବିଜ୍ଞପ୍ତି ପାଇଁ ପ୍ରାର୍ଥୀମାନଙ୍କୁ ନିୟମିତ ଭାବରେ ବିଏସ୍ଇ ଓଡ଼ିଶାର ଅଫିସିଆଲ୍ ୱେବସାଇଟ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଇଛି । ଏକ ସୁଗମ ପରୀକ୍ଷା ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ବୋର୍ଡ ଦ୍ୱାରା ଜାରି ସମସ୍ତ ନିର୍ଦ୍ଦେଶାବଳୀ ପାଳନ କରିବାକୁ ମଧ ସେମାନଙ୍କୁ ପରାମର୍ଶ ଦିଆଯାଇଛି ।

ସେହିପରି ଦୁଇ ବର୍ଷିଆ ବିଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ମେ' ୩୧ ତାରିଖରେ ଅନୁଷ୍ଠିତ ହେବ । ସେହିପରି ଜୁନ୍ ୩ ତାରିଖରେ ବି.ଏଚ.ଏଡ଼ (ହିନ୍ଦୀ) ଓ ଏମ.ଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ଏନେଇ ଷ୍ଟେଟ ସିଲେକ୍ସନ ବୋର୍ଡ଼ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି ।

ମେ' ୩୧ ତାରିଖରେ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବି.ଏଡ଼ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ସେହିପରି ଭାବେ ଜୁନ୍ ୩ ତାରିଖରେ ସକାଳ ୧୦ ଟାରୁ ୧୨ଟା ପର୍ଯ୍ୟନ୍ତ ବି.ଏଚ.ଏଡ଼ (ହିନ୍ଦୀ) ଏବଂ ଅପରାହ୍ନ ୩ ଟାରୁ ୫ଟା ପର୍ଯ୍ୟନ୍ତ ଏମ.ଏଡ଼ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।

ମେ' ୨୭ ତାରିଖ ପୂର୍ବାହ୍ନ ୧୧ ଘଟିକା ଠାରୁ ବିଏଡ଼, ବି.ଏଚ.ଏଡ଼ ଓ ଏମ.ଏଡ଼ ପ୍ରବେଶିକା ପରୀକ୍ଷା ପାଇଁ ଆଡ଼ମିଟ କାର୍ଡ଼ ଉପଲବ୍ଧ ହେବ । ଛାତ୍ରଛାତ୍ରୀମାନେ ଷ୍ଟେଟ ସିଲେକ୍ସନ ବୋର୍ଡ଼ (ଏସଏସବି)ର ୱେବ୍‌ସାଇଟରୁ ନିଜର ଆଡ଼ମିଟ କାର୍ଡ଼ ଡାଉନଲୋଡ଼ କରିପାରିବେ । ଜୁନ୍ ୪ ତାରିଖରେ ଏସଏସବି ୱେବ୍ ସାଇଟରେ ପ୍ରବେଶିକା ପରୀକ୍ଷାର ପ୍ରୋଭିଜିନାଲ ଆନ୍ସର କି' ପ୍ରକାଶିତ ହେବ । ପ୍ରୋଭିଜିନାଲ ଆନ୍ସର କି'କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆଶଙ୍କା ଥିଲେ ପରୀକ୍ଷାର୍ଥୀମାନେ ଜୁନ୍ ୫ ରୁ ୭ ତାରିଖ ମଧ୍ୟରେ ଆନ୍ସର କି' ଚାଲେଞ୍ଜ ପାଇଁ ଆବେଦନ କରିପାରିବେ । ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ମେଧା ତାଳିକା ପ୍ରକାଶ ପାଇବ ।

**OFFICE OF THE MUNICIPAL COUNCIL, SONEPUR**
Ph.06654-220475, e-Mail-sonepurm.hud@nic.in
No. 1419 /Dt. 18.05.26 /
13001/609/2627
**QUOTATION CALL NOTICE**

Sealed Quotations are invited in the Prescribed Proforma from the reputed Agencies/ certified firm/ Authorized Dealer/ Sole Proprietor having up to date GST clearance certificate/ PAN card, Electrical License etc. for providing comprehensive annual maintenance contract (AMC) O General Air Conditioner for one year installed in the Town Hall of Sonepur Municipality. The quotation along with price list should reach the undersigned on or before dt.28.05.2026 at 01.00P.M through Regd. Post /Speed post or in person drop in tender box and the same will be opened on dt.29.05.2026 at 10.00A.M. in presence of tender committee members and quotationer or their authorised representatives. Beyond the date and time and any postal delay no quotation shall be entertained. The quotation paper is available in Dist. website of Subarnapur i.e. www.subarnapur.nic.in with effect from dt.19.05.2026 to 28.05.2026 up to 01.00P.M. .The quotationer shall have to deposit Rs.1000/- (Rupees One Thousand) only towards cost of tender paper and Rs.10,000/-(Rupees Ten thousand) only towards EMD in shape of Demand draft in favour of **Executive Officer, Sonepur Municipality** Payable at Sonepur Nationalized Bank. The quotationer have to furnish the experience certificate with the quotation paper showing similar nature of work order. **If required the quotationer may visit the Town Hall to inspect the ACs during office hours before submitting the quotation.** The undersigned reserves the right to reject whole or part of quotation without assigning any reason thereof.

OIPR-13001/13098/1/26-27/0008

Executive Officer
Sonepur Municipality

ଭୁବନେଶ୍ୱର, ୨୪ ମଇ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଜୋରସୋରରେ ଚାଲିଛି ଗୁଣ୍ଡିଚା ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ରଥଯାତ୍ରା ପୂର୍ବରୁ ସରିବ କାମ



**ପୁରୀ,୨୩।୫ ନ୍ୟୁଜ ବ୍ୟୁରୋ**

ଜୁଲାଇ ୧୬ରେ ମହାପ୍ରଭୁଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ରତ୍ନବେଦୀ ଛାଡ଼ି ଜନ୍ମବେଦୀ ଗୁଣ୍ଡିଚା ଘରକୁ ଆସିବେ ମହାପ୍ରଭୁ। ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଯାତ୍ରା କରିବେ ମହାପ୍ରଭୁ। ଗୁଣ୍ଡିଚା ଘରେ ଭକ୍ତଙ୍କ ଗହଣରେ ମହାପ୍ରଭୁ ଲୀଳା ଖେଳା କରିବାକୁ ଥିବାରୁ ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନମୂଳକ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ଗୁଣ୍ଡିଚା ଘରର ସୌନ୍ଦର୍ଯ୍ୟକରଣ ଓ ଉନ୍ନୟନମୂଳକ କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ରଖିଛି ଶ୍ରୀମନ୍ଦିର ପ୍ରଶାସନ।

ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ସୂଚନା ଅନୁଯାୟୀ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଖେଇ ଆସୁଥିବାରୁ ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଜୋରସୋରରେ ଆଗେଇ ନିଆଯାଉଛି। ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ଏବଂ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରର ସମସ୍ତ କାର୍ଯ୍ୟ ସୁରୁଖୁରୁରେ କରାଯାଉଛି। ତେବେ ଟୁଣିଆ ମହଲ, ବଲ୍ଲଭ ଘର ଏବଂ ରୋଷଶାଳାର କରାଯାଉଥିବା କାର୍ଯ୍ୟ ସନ୍ତୋଷଜନକ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ଉତ୍ତର ପାର୍ଶ୍ୱ ଗୁମୁଟର ନବୀକରଣ କରାଯାଇଛି। ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଥିବା ପ୍ରାଚୀରରେ ଖଣ୍ଡେ ଲାଇଟ୍ ପଥର ସ୍ଥାପନା କରାଯାଇଛି। ରଥଯାତ୍ରାର ଯଥେଷ୍ଟ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହୋଇଯିବ ବୋଲି ଆଶା ରଖିଛନ୍ତି ମୁଖ୍ୟ ପ୍ରଶାସକ।







ଭୁବନେଶ୍ୱର : ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଅସ୍ତବ୍ୟସ୍ତ ରାଜଧାନୀ ବାସୀ। (ଫଟୋ : ସମ୍ବାଦ କଳିକା)

# ଡ.ଅଚ୍ୟୁତ ସାମନ୍ତଙ୍କୁ କ୍ରାଇଓଭା ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର, ୨୩।୫**
**ନ୍ୟୁଜ ବ୍ୟୁରେ**

ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ରୋମାନିଆର ଅନ୍ୟତମ ପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶନିବାର ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଡ. ସାମନ୍ତଙ୍କ ୭୩ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶନିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରାଇଓଭା ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଲିଓନାର୍ଡୋ ଜିଓ ମେନେସ୍କୁ ଏବଂ ଅନ୍ୟାନ୍ୟ ବହୁ ଶିକ୍ଷାବିତ୍, ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଡ. ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ, ୧୯୪୭ରେ ପ୍ରତିଷ୍ଠିତ କ୍ରାଇଓଭା ବିଶ୍ୱବିଦ୍ୟାଳୟ ହେଉଛି ରୋମାନିଆର ଅନ୍ୟତମ ସର୍ବପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ। କ୍ରାଇଓଭା ବିଶ୍ୱବିଦ୍ୟାଳୟର ସିନେଟ୍ ପ୍ରଯୁଜ୍ୟ ଆଇନ ଅଧିନରେ ଏହାର ସାମ୍ବିଧାନିକ ଦାୟିତ୍ୱ ଅନୁଯାୟୀ ଡ. ସାମନ୍ତଙ୍କ ନାମ ସୁପାରିଶ କରିଥିଲା। ଗତ ମାସରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସିନେଟ୍‌ର ପୂର୍ଣ୍ଣାଙ୍ଗ ବୈଠକରେ ଡ. ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ସମ୍ମାନ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଏହି ସମ୍ମାନ ପାଇଁ ଡ. ସାମନ୍ତ କ୍ରାଇଓଭା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ତାଙ୍କୁ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଏହି ସମ୍ମାନ କିଟ୍ ଓ କିସ୍ କର୍ମଚାରୀଙ୍କ ପରିଶ୍ରମର ଫଳ ହୋଇଥିବାରୁ ଡ. ସାମନ୍ତ କିଟ୍ ଓ କିସ୍‌ର ସମସ୍ତ କର୍ମଚାରୀଙ୍କୁ ଏହି ସମ୍ମାନ ଉତ୍ସର୍ଗ କରିଛନ୍ତି।

# ‘ରୁଷ ସେନାରେ ଯୋଗ ଦେଇଥିଲେ ୨୧୭ ଭାରତୀୟ, ୟୁକ୍ରେନ ଯୁଦ୍ଧରେ ପ୍ରାଣ ହରାଇଛନ୍ତି ୪୯’

**ନୂଆଦିଲ୍ଲୀ, ୨୩/୦୫**

କେନ୍ଦ୍ର ସରକାର ସୁପ୍ରିମକୋର୍ଟକୁ ସୂଚନା ଦେଇଛନ୍ତି ଯେ, ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ୨୧୭ ଜଣ ଭାରତୀୟ ନାଗରିକ ରୁଷ ସେନାରେ ଯୋଗ ଦେଇଥିବା ଜଣାପଡ଼ିଛି। କେନ୍ଦ୍ର ମଧ କୋର୍ଟକୁ ସୂଚନା ଦେଇଛି ଯେ, ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୪୯ଜଣ ଭାରତୀୟ ପ୍ରାଣ ହରାଇଛନ୍ତି।

କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠକୁ ସୂଚନା ଦେଇଛନ୍ତି ଯେ, ସୁପ୍ରିମକୋର୍ଟରେ ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଇଛି। ରୁଷରେ ଅଟକ ଥିବା ଏବଂ ୟୁକ୍ରେନ ସହିତ ଚାଲିଥିବା ଯୁଦ୍ଧରେ ଲଢ଼ିବାକୁ ବାଧ ହୋଇଥିବା ୨୬ ଜଣ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ କେନ୍ଦ୍ରକୁ ପଦକ୍ଷେପ ନେବା ପାଇଁ କରାଯାଇଥିବା ଅନୁରୋଧର ଉତ୍ତରରେ ଏହି ଷ୍ଟାଟସ୍ ରିପୋର୍ଟ ଦାଖଲ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ବୈଦେଶିକ ମନ୍ତ୍ରଣାଳୟ ପାଖରେ ଉପଲବ୍ଧ ସଦ୍ୟତମ ସୂଚନା ଅନୁଯାୟୀ, ପ୍ରାୟ ୨୧୭ ଜଣ ଭାରତୀୟ ନାଗରିକ ରୁଷ ସେନାରେ ଯୋଗ ଦେଇଥିବା ଜଣାପଡ଼ିଛି। କେନ୍ଦ୍ର ଆହୁରି କହିଛି ଯେ ରୁଷ ଫେଡେରେସନ ସହିତ ନିରନ୍ତର କୂଟନୈତିକ ସମ୍ପର୍କ ଯୋଗୁଁ, ସରକାର ରୁଷ ସେନାରେ ଯୋଗଦେବା ପାଇଁ ସ୍ୱାକ୍ଷରିତ ଚୁକ୍ତିନାମାରୁ ୧୩୯ ଜଣ ଭାରତୀୟ ନାଗରିକଙ୍କୁ ମୁକ୍ତ କରିସାରିଛନ୍ତି। ରିପୋର୍ଟ ଅନୁଯାୟୀ, ଯୁଦ୍ଧରେ ୪୯ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ କରାଯାଇଛି। ଏଥିରେ ଏହା ମଧ୍ୟ କୁହାଯାଇଛି ଯେ, ଏହା ବ୍ୟତୀତ, ରୁଷ ଛଅ ଜଣ ଭାରତୀୟ ନାଗରିକଙ୍କ ନିଖୋଜ ହେବା ନିଶ୍ଚିତ କରିଛି, ଯେତେବେଳେ ୨୩ ଜଣଙ୍କ ସ୍ଥିତି ଅଜଣା ରହିଛି। ମସ୍କୋରେ ଥିବା ଭାରତୀୟ ଦୂତାବାସ ରୁଷ କର୍ତ୍ତୃପକ୍ଷଙ୍କ ସହଯୋଗରେ ସେମାନଙ୍କ ସ୍ଥିତି ନିରନ୍ତର ତଦାରଖ କରୁଛି।



ରିପୋର୍ଟରେ କୁହାଯାଇଛି ଯେ, ନିଖୋଜ ବ୍ୟକ୍ତିମାନଙ୍କୁ ଖୋଜିବା ଏବଂ ସେମାନଙ୍କ ମୃତଦେହ ଚିହ୍ନଟ କରିବା ପାଇଁ ୨୧ ଜଣ ନିକଟତମ ପରିବାର ସଦସ୍ୟଙ୍କଠାରୁ ଡିଏନଏ ରିପୋର୍ଟ ସଂଗ୍ରହ କରାଯାଇ ରୁଷ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଆବେଦନରେ ଉଲ୍ଲେଖ କରାଯାଇଥିବା ୨୬ ଜଣଙ୍କ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ପାଖରେ ଉପଲବ୍ଧ ବର୍ତ୍ତମାନର ସୂଚନା ଅନୁଯାୟୀ, ୧୪ଟି ମାମଲା ରିପୋର୍ଟ ହୋଇଥିବା ମୃତ୍ୟୁ ସହିତ ଜଡିତ। ଏଥିରେ ଏହା ମଧ୍ୟ କୁହାଯାଇଛି ଯେ, ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ରୁଷ କର୍ତ୍ତୃପକ୍ଷ ‘କାର୍ଯ୍ୟରେ ନିଖୋଜ’ ବୋଲି ରିପୋର୍ଟ କରିଛନ୍ତି କିମ୍ବା ବର୍ତ୍ତମାନ ସେମାନଙ୍କ ପରିବାର ସହିତ ଯୋଗାଯୋଗ ବାହାରେ ଅଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଏପରି ସମସ୍ତ ମାମଲାକୁ ସର୍ବାଧିକ ପ୍ରାଥମିକତା ସହିତ ସମାଧାନ କରାଯାଉଛି ଏବଂ ସମାଧାନ ପାଇଁ ରୁଷ କର୍ତ୍ତୃପକ୍ଷଙ୍କୁ ନିରନ୍ତର ଅନୁସରଣ କରାଯାଉଛି ଏବଂ ପ୍ରଭାବିତ ପରିବାରଗୁଡ଼ିକୁ ବିକାଶ ବିଷୟରେ ଅବଗତ କରାଯାଉଛି। ରିପୋର୍ଟରେ କୁହାଯାଇଛି ଯେ କିଛି ଭାରତୀୟ ନାଗରିକ ସ୍ୱେଚ୍ଛାକୃତ ଭାବେ ରୁଷ ସେନାରେ ଯୋଗଦେବା ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ, ଏକ ଆକର୍ଷଣୀୟ ଦରମା ପ୍ୟାକେଜ୍ ସହିତ ପ୍ରଲୋଭିତ ହୋଇଥିଲେ, ଯେଉଁଥିରେ ପ୍ରାୟ ୫,୦୦୦ ଆମେରିକୀୟ ଡଲାରର ଆଗୁଆ ସ୍ୱାକ୍ଷର ବୋନସ୍ ଏବଂ ପ୍ରାୟ ୨,୫୦୦ ଆମେରିକୀୟ ଡଲାରର ମାସିକ ଦରମା ଅନ୍ତର୍ଭୁକ୍ତ ଥିଲା। ରିପୋର୍ଟରେ କୁହାଯାଇଛି ଯେ, ସେମାନଙ୍କୁ ରୁଷ ନାଗରିକତା, ଅନ୍ୟାନ୍ୟ ସାମାଜିକ ସୁବିଧା ଏବଂ ପ୍ରାୟ ୧,୬୮,୦୦୦ ଆମେରିକୀୟ ଡଲାରର ମୃତ୍ୟୁ କ୍ଷତିପୂରଣ ମଧ ପ୍ରତିଶ୍ରୁତି ଦିଆଯାଇଥିଲା। ସରକାର ଭଲ ଚାକିରିର ମିଥ୍ୟା ପ୍ରତିଶ୍ରୁତି ଦେଇ ଭାରତୀୟ ନାଗରିକଙ୍କୁ ରୁଷିଆକୁ ନେଇଯିବାରେ ସମ୍ପୃକ୍ତ ବେଆଇନ ନିଯୁକ୍ତି ନେଟୱାର୍କ ଏବଂ ଚାଲାଣ ସଂସ୍ଥାଗୁଡ଼ିକ ବିରୁଦ୍ଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# ୧,୦୦୦ ଧାନ ମଣ୍ଡିର ହେବ ଭିତ୍ତିଭୂମି ବିକାଶ, କୃଷକମାନଙ୍କ ପାଇଁ ରହିବ ମୌଳିକ ସୁବିଧା: ଯୋଗାଣ ମନ୍ତ୍ରୀ

**ସମ୍ବଲପୁର, ୨୩/୦୫**
**ନ୍ୟୁଜ ବ୍ୟୁରୋ**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲପୁର ଗସ୍ତ କରି ବିଭିନ୍ନ ପ୍ରଗତିଶୀଳ କାର୍ଯ୍ୟର ସ୍ଥିତି ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସରକାର ଜନସାଧାରଣଙ୍କ ହିତ ପାଇଁ ଅନେକ ଜନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତି ଏବଂ ଏହି ସମସ୍ତ କାର୍ଯ୍ୟ ଯେପରି ସଠିକ ସମୟରେ ଏବଂ ସ୍ୱଚ୍ଛତାର ସହ ସମ୍ପନ୍ନ ହେବ, ସେଥିପ୍ରତି ପ୍ରଶାସନିକ ସ୍ତରରେ ବିଶେଷ ଦୃଷ୍ଟି ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏହା ସହିତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଏବଂ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ ଦିଗରେ ତତ୍ପରତା ପ୍ରକାଶ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପଟେ ଧାନ କ୍ରୟ ପ୍ରକ୍ରିୟା ନେଇ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ, ଗତ ଖରିଫ ଋତୁରେ ଭଲ ଧାନ କିଣା ଯାଇଛି ଓ ଚଳିତ ରବି ଋତୁରେ ମଧ ଧାନ କ୍ରୟ ପ୍ରକ୍ରିୟାରେ କୌଣସି ଅସୁବିଧା ନାହିଁ, ସବୁ ସୁରୁଖୁରୁରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ସରିଛି। ଚାଷୀମାନଙ୍କ ଆକାଉଣ୍ଟକୁ ମଧ ଟଙ୍କା ଆସିବା ଆରମ୍ଭ ହେଲାଣି। ଚାଷୀମାନଙ୍କୁ ପ୍ରଥମ ତଥା ଦ୍ୱିତୀୟ ପର୍ଯ୍ୟାୟରେ ୭୫ କ୍ୱିଣ୍ଟାଲ ଲେଖାଏଁର ଟୋକନ ପ୍ରଦାନ କରାସରିଛି। ଚାଷୀମାନେ ଏକକାଳୀନ ନିଜର ଉତ୍ପାଦିତ ସବୁ ଧାନ ପାଇଁ ଟୋକନ ଦେବାକୁ ଦାବି ରଖିଛନ୍ତି। ପଞ୍ଜିକରଣ କରିଥିବା ଚାଷୀଙ୍କ ଯେତିକି ପରିମାଣର ଧାନ ପାଇଁ ଟୋକନ ବାକି ରହିଛି ସେସବୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଯେଉଁ ଚାଷୀଙ୍କ ଟୋକନ ଲ୍ୟାପ୍ସ ହୋଇଥିଲେ ସେମାନଙ୍କୁ ଆହୁରି ୧୫ ଦିନର ଅବଧି ଦିଆଯାଇଛି ବୋଲି କହିଛନ୍ତି ମନ୍ତ୍ରୀ। ମଣ୍ଡି ପରିଚାଳନା ନୋଡାଲ ଅଫିସରଙ୍କ ଦାୟିତ୍ୱରେ ଓ ନିର୍ଦ୍ଦେଶରେ କରାଯାଉଛି। ଟୋକନ ପରିଚାଳନା ନେଇ ଆଗକୁ ମନ୍ତ୍ରୀ ସ୍ତରୀୟ ବୈଠକରେ ଅଧିକ ନିଷ୍ପତ୍ତି ନିଆଯିବ।

ଚାଷୀଙ୍କ ଟ୍ରାନ୍ସପୋର୍ଟିଂ ଜନିତ ଖର୍ଚ୍ଚ ସମସ୍ୟା, ମଣ୍ଡିରେ ଭିତ୍ତିଭୂମିର ଅଭାବ ନେଇ ମନ୍ତ୍ରୀ ଉତ୍ତର ରଖି କହିଛନ୍ତି, ‘ପୂର୍ବରୁ ରାଜ୍ୟର ମଣ୍ଡି ଗୁଡିକରେ ଭିତ୍ତିଭୂମିର ଅଭାବ ରହିଥିଲା। ବର୍ତ୍ତମାନ ରାଜ୍ୟରେ ଏକ ହଜାର ମଣ୍ଡିରେ ଭିତ୍ତିଭୂମି ପ୍ରସ୍ତୁତ ହୋଇ ସାରିଛି ତଥା ଆହୁରି ୧୦୦୦ଟି ମଣ୍ଡିରେ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ମଣ୍ଡି ଗୁଡିକରେ କୌଣସି ସୁବିଧା ନଥିଲା। ବର୍ତ୍ତମାନ ଆମେ ମଣ୍ଡି ଗୁଡିକରେ ସର୍ବନିମ୍ନ ସୁବିଧା ଯେମିତି, କୃଷକମାନଙ୍କ ବସିବା ପାଇଁ ଚେୟାର, ଶୌଚାଳୟ, ପିଇବା ପାଣି ବ୍ୟବସ୍ଥା କରିବାକୁ ଯାଉଛୁ ବୋଲି ମନ୍ତ୍ରୀ କହିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୨୩/୦୫/୨୦୨୬
୫,୬୧,୬୦୩/- ଟଙ୍କା
ସୁନା:- ୧୬ ଗ୍ରାମ୍
ରୂପା:- ୬୫ ଗ୍ରାମ୍ ୬୦୦ ମିଲିଗ୍ରାମ

# ଅଙ୍ଗାରଖ ଗ୍ରାମରେ ଗାଇ ମଡ଼କ : ଅଜଣା ରୋଗରେ ୬୦ରୁ ଉର୍ଦ୍ଧ୍ୱ ଗାଇ ମୃତ

**ଆଳି,୨୩।୫ ନ୍ୟୁଜ ବ୍ୟୁରୋ**

ଅଜଣା ରୋଗ ଖାଲି କରି ଦେଇଛି ଗୋଠ। ଦୁଇ ମାସ ମଧ୍ୟରେ ୬୦ରୁ ଅଧିକ ଗାଇ ମରିଥିବା ବେଳେ ହତାଶ ହୋଇ ପଡିଛନ୍ତି ଗୋପାଳକ। ଏଭଳି ଘଟଣା ଆଳି ବ୍ଲକ ଅନ୍ତର୍ଗତ ସହିରା ପଞ୍ଚାୟତ ଅଙ୍ଗାରଖ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ କାହାର ଗୋଟେ ଗାଇ ତ କାହାର ସମ୍ପୂର୍ଣ୍ଣ ଗୋଠ ଖାଲି ହୋଇଯାଇଛି। ଏକାଧିକ ଗାଇଙ୍କ ମୃତ୍ୟୁ ପରେ ଗାଇ ପାଳକଙ୍କ ମଧ୍ୟରେ କୋକୁଆ ଭୟ ଦେଖା ଦେଇଛି। ଗତ ଦୁଇ ଦିନରେ ଦୁଇଟି ଗାଇ ମୃତ୍ୟୁ ଘଟିଛି। ବିଗତ ଦୁଇ ମାସ ମଧ୍ୟରେ ସୁଶାନ୍ତ ପରିଡାଙ୍କର ୧୧ ଟି, ସନାତନ ବେହେରା ଓ ଶରତ ପରିଡାଙ୍କର ୬ଟି ଲେଖାଏଁ, ମହେଶ୍ୱର ମହାନ୍ତି, ପ୍ରେମାନନ୍ଦ ପରିଡ଼ା ଓ ବିଶ୍ୱନାଥ ବେହେରାଙ୍କ ୩ଟି ଲେଖାଏଁ, ପ୍ରହଲ୍ଲାଦ ପରିଡ଼ା, କାର୍ତ୍ତିକ ପରିଡ଼ା ଓ କୈଳାଶ ମହାନ୍ତିଙ୍କର ୨ଟି ଲେଖାଏଁ, ବିକ୍ରମ ଖିଲାର, ବିଭୁତି ଦାସ, ବିଷ୍ଣୁ ଚରଣ ଦାସ, ପ୍ରଦୀପ ମହାନ୍ତି, ପ୍ରମୋଦ ମହାନ୍ତି, ରାଜକିଶୋର ମହାନ୍ତିଙ୍କର ଗୋଟିଏ ଲେଖାଏଁ ଏଭଳି ୬୦ରୁ ଅଧିକ ଗାଇ ମରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୋପାଳକଙ୍କ କହିବା ଅନୁସାରେ ଗାଈ କ୍ଷୀରରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ଗୋଟେ ପରେ ଗୋଟେ ଗାଇ ମୃତ୍ୟୁ ଘଟିବା ପରେ ସେମାନେ ଆଳି ପ୍ରାଣୀ ଚିକିତ୍ସାଳୟକୁ ଅବଗତ କରିଥିଲେ ସୁଦ୍ଧା ସେମାନଙ୍କୁ ବିଭାଗ ତରଫରୁ କୌଣସି ସୁବିଧା ମିଳିନି। ଏନେଇ ଆଳି ପ୍ରାଣୀ ଚିକିତ୍ସାଳୟର ଭାରପ୍ରାପ୍ତ ଅଧିକାରୀ ପ୍ରାଣୀ ଚିକିତ୍ସକ ବଦ୍ରି ନାରାୟଣ ଚାନ୍ଦଙ୍କ ସହିତ ଫୋନ ଯୋଗେ ଯୋଗାଯୋଗ କରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଗ୍ରାମବାସୀଙ୍କ ଅଭିଯୋଗ ଭିତ୍ତିହୀନ। ଏନେଇ ସେ ଅବଗତ ଅଛନ୍ତି ଘଟଣା ସ୍ଥଳକୁ ମୋବାଇଲ ଭ୍ୟାନ୍ ପଠାଇ ଗାଈ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଗାଈଗୁଡିକ ମଧ୍ୟରେ କୃମି ଅଧିକ ଥିବା ଜଣା ପଡିଛି। ଖୁବ୍‌ଶୀଘ୍ର ଜିଲ୍ଲାସ୍ତରୀୟ ମୋବାଇଲ ଟିମ୍ ଘଟଣା ସ୍ଥଳକୁ ପଠାଯିବ। ଏପଟେ ଗାଈ ମୃତ୍ୟୁ ସେପଟେ ଗାଇ କିଣିବା ପାଇଁ କରିଥିବା କରଜ ଗୋପାଳକ ସୁଝି ନାହାଁନ୍ତି। ସେମାନେ ଏବେ କରିବେ କ’ଣ ? ପରିବାର କେମିତି ଚଳାଇବେ, କେମିତି ସୁଝିବେ କରଜ, ଯାହାକୁ ନେଇ ସେମାନେ ଚିନ୍ତାରେ ଭାଙ୍ଗି ପଡିଛନ୍ତି।

**ପ୍ରକାଶ ପାଇବାକୁ ଯାଉଛି...**
**ମାସିକ ଗଳ୍ପ ପତ୍ରିକା**
**“କଥାକଳିକା” ଜୁନ୍ ୨୦୨୬ସଂଖ୍ୟା**




**ଏଥର ସଂଖ୍ୟାରେ...**
**ସ୍ମରଣୀୟ କଥା :** ସ୍ୱାଗତିକା ସେଠୀ
**ସମକାଳର କଥା :** କମଳା ଶତପଥୀ, ମନୋରଞ୍ଜନ ବେହେରା, ସୁକାନ୍ତି ରାଉତ, ସୁନନ୍ଦା ମହାନ୍ତି, କିଶୋର ଚନ୍ଦ୍ର ଦାଶ, ସୁନୀତା କର, ବାସନ୍ତୀ ଦାସ, ବୀରେଶ୍ୱର ମହାନ୍ତି ଓ ପ୍ରକାଶ ମହାପାତ୍ର।
**ଅନ୍ୟ ଭାଷାର କଥା :** ଅଶୋକ କୁମାର ସା
**ଯୁବ ମାନସର କଥା :** ପାରମିତା ସାହୁ, ପ୍ରଭାତୀ ଜେନା, ରୀତାଞ୍ଜଳି ସାହୁ, ରାଜେଶ କୁମାର ମହାରଣା, ପ୍ରତିଭା ପରିଜା ଓ ସରିତା ସିଂହ ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/-
(୨ଟି ବିଶେଷ ସଂଖ୍ୟା ସହ)

# ୨୫୮ଗାଁର ସ୍ଥିତି ସୁଧାରିବାକୁ ଜିଲ୍ଲାପାଳଙ୍କୁ ଏନ୍‌ଏଚ୍‌ଆରସିଙ୍କ ନିର୍ଦ୍ଦେଶ

**ନବରଙ୍ଗପୁର, ୨୩/୦୫**
**ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ୨୫୮ଟି ଗ୍ରାମକୁ ରାସ୍ତା ନାହିଁ। ଦେଶ ସ୍ୱାଧୀନତାର ୭ଦଶନ୍ଧି ପରେ ମୌଳିକ ଅଧିକାର ପାଇବାରୁ ବଞ୍ଚିତ ଏଠାକାର ଲୋକେ। ଏ ନେଇ ଗତ ଫେବ୍ରୁୟାରୀ ୨୬ରେ ଏକ ରିପୋର୍ଟ ‘ରାସ୍ତା ଯନ୍ତ୍ରଣାରେ ଛଟପଟ ୨୫୮ଗ୍ରାମବାସୀ’ ଏକ ନ୍ୟୁଜ ସରବରାହରେ ପ୍ରକାଶ ପାଇଥିଲା।

ଏହି ରିପୋର୍ଟକୁ ନେଇ ମାନବାଧୀକାର କର୍ମୀ ଅନୁପ ପାତ୍ର ଜାତୀୟ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାତୀୟ ମାନବିକ ଅଧିକାର କମିଶନ ଏବେ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଆସନ୍ତା ୮ସପ୍ତାହ ମଧ୍ୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଇ ସ୍ଥିତି ସୁଧାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୫୮ଗ୍ରାମବାସୀ ଭାରତୀୟ ସମ୍ବିଧାନର ଧାରା ୨୧ ଅନୁଯାୟୀ ଜୀବନ ଏବଂ ସ୍ୱାସ୍ଥ୍ୟ ଅଧିକାରର ଉଲ୍ଲଂଘନ ହେଉଛି ବୋଲି ଦର୍ଶାଇଛନ୍ତି। ରାସ୍ତା ସଂଯୋଗର ଅଭାବ ଚିକିତ୍ସା ସୁବିଧା ଏବଂ ଆମ୍ବୁଲାନ୍ସ ସେବାକୁ ସମୟାନୁସାରେ ପହଞ୍ଚିବାରେ ବାଧା ସୃଷ୍ଟି କରୁଛି। ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି ଏବଂ ଗୁରୁତର ରୋଗୀମାନଙ୍କୁ ବିପଦପୂର୍ଣ୍ଣ ରାସ୍ତା ଦେଇ ପ୍ରାୟତଃ ଖଟିଆ କିମ୍ବା ଅସ୍ଥାୟୀ ଷ୍ଟ୍ରେଚରରେ ବୁହାଯାଏ, ଯାହା ଫଳରେ ରୋକାଯାଇପାରୁଥିବା କଷ୍ଟ ଏବଂ ଜୀବନ ପ୍ରତି ବିପଦ ସୃଷ୍ଟି ହୁଏ। ଏପରି ପରିସ୍ଥିତି ଜୀବନ ଅଧିକାରର ସିଧାସଳଖ ଉଲ୍ଲଂଘନ କରେ, ଯେଉଁଥିରେ ସ୍ୱାସ୍ଥ୍ୟ ଅଧିକାର ଏବଂ ଜରୁରୀକାଳୀନ ଚିକିତ୍ସା ସେବା ଅନ୍ତର୍ଭୁକ୍ତ ବୋଲି ଉଲ୍ଲେଖ କରିଥିଲେ। ଶିକ୍ଷା ଅଧିକାରର ଉଲ୍ଲଂଘନ ହେବା ସହ ସ୍କୁଲ ପିଲାମାନଙ୍କୁ ଅସୁରକ୍ଷିତ ଏବଂ କାଦୁଅ ପଥରେ ଦୀର୍ଘ ଦୂରତା ଚାଲିବାକୁ ବାଧ କରାଯାଏ, ପ୍ରାୟତଃ ଝରଣା ଏବଂ ଜଙ୍ଗଲ ଅଞ୍ଚଳ ପାର ହୋଇଯିବାକୁ ପଡୁଛି। ବର୍ଷା ଋତୁରେ ସ୍କୁଲ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ପ୍ରବେଶ ଗୁରୁତର ଭାବରେ ପ୍ରତିବନ୍ଧିତ ହୋଇଯାଏ, ଯାହା ଫଳରେ ପିଲାମାନଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ସେମାନଙ୍କୁ ସାମ୍ବିଧାନିକ ସୁରକ୍ଷାରୁ ବଞ୍ଚିତ କରାଯାଉଛି ବୋଲି ଉଲ୍ଲେଖ ରହିଛି। ତା’ସହ ମୌଳିକ ସୁବିଧା ଏବଂ ମର୍ଯ୍ୟାଦାଜନକ ଜୀବନଯାପନର ଅଧିକାରର ଉଲ୍ଲଂଘନ। ଅନେକ ଗ୍ରାମ ନିର୍ଭରଯୋଗ୍ୟ ବିଦ୍ୟୁତ୍ ମିଳୁନି କି ସୌର ଆଲୋକ ଲାଗୁନି। ଅନୁସୂଚିତ ଅଞ୍ଚଳର ବିକାଶକୁ ଜାଣିଶୁଣି ଅବହେଳା କରି ପ୍ରଶାସନ ସଂରକ୍ଷିତ ଜନସଂଖ୍ୟାକୁ ଅପମାନ ଏବଂ କଷ୍ଟ ଦେଉଛି। ଏହି ମାମଲାରେ ମାନବାଧିକାର ସୁରକ୍ଷା ଆଇନ, ୧୯୯୩ର ଧାରା ୧୨ ଅନୁଯାୟୀ ମାନବାଧିକାରର କ୍ରମାଗତ ଉଲ୍ଲଂଘନ ସହିତ ଜଡିତ ହେଉଛି। ପ୍ରଭାବିତ ଜନସଂଖ୍ୟା ମୁଖ୍ୟତଃ ଅନୁସୂଚିତ ଜନଜାତି ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ସମ୍ପ୍ରଦାୟକୁ ନେଇ ଗଠିତ ଯାହାକୁ ବିଶେଷ ସାମ୍ବିଧାନିକ ସୁରକ୍ଷା ଆବଶ୍ୟକ। ଜୀବନ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ମର୍ଯ୍ୟାଦାର ଅଧିକାରର ଆହୁରି ଉଲ୍ଲଂଘନକୁ ରୋକିବା ପାଇଁ ଏହି କମିଶନଙ୍କ ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ ବୋଲି ଲେଖାଯାଇଥିଲା। ଚିହ୍ନଟ ୨୫୮ଟି ଗ୍ରାମରେ ସବୁଦିନିଆ ରାସ୍ତା ନିର୍ମାଣ, ରାସ୍ତା ସଂଯୋଗ ନଥିବା ଗ୍ରାମଗୁଡ଼ିକରେ ମୋବାଇଲ୍ ମେଡିକାଲ୍ ୟୁନିଟ୍ ଏବଂ ଜରୁରୀକାଳୀନ ପରିବହନ ସମାଧାନ (ଯେପରିକି ବାଇକ୍ ଆମ୍ବୁଲାନ୍ସ) ନିୟୋଜିତ କରିବା ସହିତ ତୁରନ୍ତ ମଧ୍ୟବର୍ତ୍ତୀକାଳୀନ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ, ଅଚଳ ସୌର ଆଲୋକ ବ୍ୟବସ୍ଥାର ତୁରନ୍ତ ମରାମତି ଏବଂ ପୁନରୁଦ୍ଧାର କରିବା ସହ ପ୍ରଭାବିତ ଗ୍ରାମଗୁଡ଼ିକର ବିଦ୍ୟୁତୀକରଣ ନିଶ୍ଚିତ କରନ୍ତୁ ବୋଲି ଉଲ୍ଲେଖ ରହିଥିଲା। ଏହି ସବୁ ସମସ୍ୟାକୁ ସମାଧାନ ପରେ ଏନଏଚଆରସି ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି।






**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା ‘ରବିବାସରୀୟ କଳିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com